
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୧୧ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 11 February 2026
Vol.No. 36 ■ No.40 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ଭାରତରେ କଠୋର ହେଲା ଏଆଇ ନିୟମ: ୩ ଘଣ୍ଟା ମଧ୍ୟରେ ହଟାଯିବ ଆପତ୍ତିଜନକ ପୋଷ୍ଟ

ନୂଆଦିଲ୍ଲୀ,୧୦।୨: ଏଆଇ ଏବଂ ଡିପଫେକ୍'ର ଅପବ୍ୟବହାର ରୋକିବା ପାଇଁ ଭାରତ ସରକାର ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ନୂତନ ଆଇଟି ନିୟମ ଅନୁଯାୟୀ, ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ଏବେ ଯେକୌଣସି ଆପତ୍ତିଜନକ ବିଷୟବସ୍ତୁକୁ ମାତ୍ର ୩ ଘଣ୍ଟା ମଧ୍ୟରେ ହଟାଇବାକୁ ପଡ଼ିବ। ଏହି ନିୟମ ଫେବୃଆରୀ ୧୦ରେ ଅଧିସୂଚିତ ହୋଇଥିବା ବେଳେ ଫେବୃଆରୀ ୨୦ ରୁ ସାରା ଦେଶରେ କାର୍ଯ୍ୟକାରୀ ହେବ। ଯଦି କୌଣସି ଅଡିଓ, ଭିଡିଓ କିମ୍ବା ଫଟୋ ଏଆଇ ସାହାଯ୍ୟରେ ତିଆରି କରାଯାଇଛି, ତେବେ ପ୍ଲାଟଫର୍ମଗୁଡ଼ିକୁ ସେଥିରେ ସ୍ପଷ୍ଟ ଭାବେ 'AI Generated' ଲେବଲ୍ ଲଗାଇବାକୁ ହେବ। ଏହାକୁ 'ସିନ୍ଥେଟିକାଲି




ଜେନେରେଟେଡ୍ ଇନଫର୍ମେସନ୍' ଶ୍ରେଣୀଭୁକ୍ତ କରାଯାଇଛି। ପୂର୍ବରୁ କୌଣସି କ୍ଷତିକାରକ ପୋଷ୍ଟ ହଟାଇବା ପାଇଁ ୩୬ ଘଣ୍ଟା ସମୟ ମିଳୁଥିବା ବେଳେ, ଏବେ ଏହାକୁ କମାଇ ମାତ୍ର ୩ ଘଣ୍ଟା କରାଯାଇଛି । ସେହିପରି ଅନ୍ୟାନ୍ୟ ଅଭିଯୋଗର ସମାଧାନ ସମୟ ସୀମା ମଧ୍ୟ ୧୫ ଦିନରୁ ୭ ଦିନକୁ ହ୍ରାସ କରାଯାଇଛି । ବର୍ତ୍ତମାନ ବ୍ୟବହାରକାରୀମାନେ କୌଣସି ବିଷୟବସ୍ତୁ ଅପଲୋଡ୍ କରିବା ସମୟରେ ତାହା ଏଆଇ ଦ୍ୱାରା ପ୍ରସ୍ତୁତ କି ନୁହେଁ, ସେ ନେଇ ଘୋଷଣା କରିବାକୁ ବାଧ୍ୟ। ପ୍ଲାଟଫର୍ମଗୁଡ଼ିକୁ ସ୍ୱୟଂଚାଳିତ ଟୁଲ୍ସ ବ୍ୟବହାର କରି ଏହାର ସତ୍ୟାସତ୍ୟ ଯାଞ୍ଚ କରିବାକୁ ପଡ଼ିବ। କଣ୍ଟେଣ୍ଟରେ ମେଟାଡାଟା ବା ବିଶେଷ ଚିହ୍ନଟ ପ୍ରକ୍ରିୟା ବ୍ୟବହାର କରାଯିବ, ଯାହାଦ୍ୱାରା ଭ୍ରମାତ୍ମକ ଡିପଫେକ୍ ଭିଡିଓ ପ୍ରକୃତରେ କେଉଁଠୁ ଆରମ୍ଭ ହୋଇଛି ତାହା ଜଣାପଡ଼ିବ। ଏହି ମେଟାଡାଟାକୁ ହଟାଇବା ବା ସେଥିରେ ହେରଫେର୍ କରିବା ନିଷେଧ। ସରକାର ସ୍ପଷ୍ଟ କରିଛନ୍ତି ଯେ, ଯଦି କୌଣସି ପ୍ଲାଟଫର୍ମ ଏଆଇ କଣ୍ଟେଣ୍ଟର ଚିହ୍ନଟ ଏବଂ ଲେବଲିଂରେ ଅବହେଳା କରନ୍ତି, ତେବେ ସେମାନେ ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ। ଶିଶୁ ଯୌନ ନିର୍ଯାତନା, ଜାଲିଆତି କିମ୍ବା ଅସଦାଚରଣ ପାଇଁ ଏଆଇର ବ୍ୟବହାର ହେଲେ, ତାହାକୁ ସାଧାରଣ ଅପରାଧ ଭଳି ବିଚାର କରାଯିବ।

# ଏଣିକି ଦୁର୍ନୀତିଗ୍ରସ୍ତଙ୍କୁ ନିସ୍ତାର ନାହିଁ: ପିଠିରେ ବାଜିବ ମନ୍ତ୍ରୀଙ୍କ ଛାଟ

ଭୁବନେଶ୍ୱର, ୧୦/୨ (ନି.ପ୍ର): ମୋହନ ମାଝୀ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଉ ନେଉ କହିଥିଲେ, ଭିଜିଲାନ୍ସର ଖଣ୍ଡା ବୁଲୁଛି। ସଜାଗ ହୋଇ ଯାଆନ୍ତୁ ଅଫିସର। ହେଲେ କିଛି ଟଙ୍କାଖିଆ ବାବୁ ମୁଖ୍ୟମନ୍ତ୍ରୀଙ୍କ ଆଭିମୁଖ୍ୟକୁ ବାଏଁ ବାଏଁ ଉଡାଇ ଦୁର୍ନୀତିରେ ବୁଡି ରହିଥିଲେ। ଏବେ ସାଧାରଣ ଲୋକଙ୍କୁ ଖୋଲା ଆହ୍ୱାନ ଦେଇ ମନ୍ତ୍ରୀ କହିଛନ୍ତି, ମୋତେ ଫୋନ୍ କରି ନାଁ କୁହ। କାର୍ଯ୍ୟାନୁଷ୍ଠାନ ଦାୟିତ୍ୱ ମୋର । ବାସ୍ ଏହାପରେ ଆରମ୍ଭ ହେବ ସୁରେଶଙ୍କ ଦୁର୍ନୀତିମୁକ୍ତ ଅପରେସନ। କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବେନି ଦୁର୍ନୀତିଖୋର ଅଫିସର। ଲାଞ୍ଚୁଆ ବାବୁଙ୍କୁ ପାନେ ଦବା ପାଇଁ ଏଣିକି ଖୋଲା ରହିବ ମନ୍ତ୍ରୀଙ୍କ ଫୋନ। ଯେଉଁଠି ବି ଲାଞ୍ଚ ନେଣଦେଣର ଖବର ପାଇବେ ତୁରନ୍ତ ଜଣାଇବାକୁ କହିଛନ୍ତି ରାଜସ୍ୱମନ୍ତ୍ରୀ । ପ୍ରତିଶ୍ରୁତି ଦେଇଛନ୍ତି ବିନା ଲାଞ୍ଚରେ ମିଳିବ ରାଜସ୍ୱ ସେବା । ତୃଣମୂଳସ୍ତରରୁ ଦୁର୍ନୀତିଖୋରଙ୍କୁ ସାବାଡ କରି ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଦାୟିତ୍ୱ ମିଳିଛି। ଏହାସତ୍ତ୍ୱେ ମଧ ଭିଜିଲାନ୍ସ ଜାଲରେ ଧରାପଡୁଛନ୍ତି ଅନେକ ସରକାରୀ ବାବୁ। ୧୮ ମାସ ଭିତରେ ୨୦୦ରୁ ଅଧିକ ଲାଞ୍ଚୁଆ ବାବୁ ବନ୍ଧା ହେଲେଣି। କାହାର ଆଲିସାନ ବଙ୍ଗଳା ତ ପୁଣି କାହା ଘରୁ ପୁଳା ପୁଳା ଟଙ୍କା। ଯେଉଁମାନଙ୍କ ମଧ୍ୟରେ ରହିଛନ୍ତି ବହୁ ରାଜସ୍ୱ ବିଭାଗର ଅଧିକାରୀ। ଏଭଳି ଦୁର୍ନୀତିଖୋରଙ୍କୁ ସାବାଡ କରିବାକୁ ମନ୍ତ୍ରୀଙ୍କର ଏଭଳି ପ୍ରୟାସ ପ୍ରଂଶସାଯୋଗ୍ୟ । ହେଲେ ପ୍ରଶ୍ନ ଉଠୁଛି, ମନ୍ତ୍ରୀ ସବୁ ଫୋନ୍ କଲ୍? ଉଠାଇ ପାରିବେ ତ? ସମସ୍ତଙ୍କ ସହ କଥା ହେବା ପାଇଁ ସମୟ ଦେଇପାରିବେ ତ? ନା ଏଥିପାଇଁ ବ୍ୟବସ୍ଥାକୁ ସୁଦୃଢ଼ କରିବେ? ଦୁର୍ନୀତିଖୋରଙ୍କୁ ଦଣ୍ଡ, ଭଲ ଅଫିସରଙ୍କୁ ଭଲ ପୋଷ୍ଟିଂ। କିଛି ଏଭଳି ଆଭିମୁଖ୍ୟ ନେଇ ଆଗକୁ ବଢିବ ରାଜସ୍ୱ ବିଭାଗ ।

# ପ୍ରଦୂଷଣ ସାର୍ଟିଫିକେଟ ପ୍ରସଙ୍ଗରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ: ବକେୟା ଚାଲାଣ ପୈଠ ନ କଲେ ହୋଇପାରିବନି ପିୟୁସିସି



ଭୁବନେଶ୍ୱର, ୧୦/୨ (ନି.ପ୍ର): ଗାଡି ଚଳାଉଥିବା ଲୋକମାନଙ୍କ ପାଇଁ ଏକ ବଡ଼ ଖବର। ଏଣିକି ଗାଡ଼ିର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ବା ଚଟଉଉ ପାଇବାକୁ ହେଲେ, ସମସ୍ତ ପେଣ୍ଡିଂ ଟ୍ରାଫିକ ଚାଲାଣ ପଇଠ କରିବାକୁ ପଡ଼ିବ। ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏହି ଗୁରୁତ୍ୱପୂର୍ଣ୍ଣ ରୁଲିଂ ଦେଇଛନ୍ତି। କୋର୍ଟ ତାଙ୍କ ନିଷ୍ପତ୍ତିରେ କେନ୍ଦ୍ରୀୟ ମୋଟର ଯାନ ନିୟମ, ୧୯୮୯ ର ଧାରା ୧୬୭, ଉପ-ଧାରା (୧୨) ର ଉଲ୍ଲେଖ କରିଛନ୍ତି। ଏହି ନିୟମ ଅନୁଯାୟୀ, ଯଦି କୌଣସି ଗାଡ଼ି ନାମରେ ଚାଲାଣ ବାକି ରହିଛି, ତେବେ ସେହି ଗାଡ଼ି ମାଲିକ ଚଟଉଉ ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। ଏହି ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ କୋର୍ଟରେ ହାଜର ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୨୫ ଡିସେମ୍ବର ୨୦ ତାରିଖରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ପ୍ରଦୂଷଣ ସାର୍ଟିଫିକେଟ ପ୍ରସଙ୍ଗରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ, ବକେୟା ଚାଲାଣ ପୈଠ ନ କଲେ ହୋଇପାରିବନି ପିୟୁସିସି ପ୍ରଦୂଷଣ ସାର୍ଟିଫିକେଟ ପ୍ରସଙ୍ଗରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ, ବକେୟା ଚାଲାଣ ପୈଠ ନ କଲେ ହୋଇପାରିବନି PUCCଏକ ନିର୍ଦ୍ଦେଶନାମା ଜାରି କରିଥିଲେ।

◆◆ପୃଷ୍ଠା ୭

## ଓଡ଼ିଶାରେ ଖୋଲାଯାଇଛି ୮୦୩ଟି ଜନ ଔଷଧୀ କେନ୍ଦ୍ର

ଭୁବନେଶ୍ୱର, ୧୦/୨ (ନି.ପ୍ର): ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଔଷଧ ବିତରଣକୁ ସୁଗମ କରିବାକୁ ଜନ ଔଷଧୀ ଯାନ ଚଳାଇବା ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ କୌଣସି ପ୍ରସ୍ତାବ ମିଳିନାହିଁ। ତେବେ ୩୧ ଡିସେମ୍ବର ୨୦୨୫ ସୁଦ୍ଧା ଓଡ଼ିଶାରେ ୮୦୩ଟି ଜନ ଔଷଧୀ କେନ୍ଦ୍ର ଖୋଲାଯାଇଛି, ଯାହା ମଧ୍ୟରୁ ସରକାରୀ ପରିସରରେ ୨୧ଟି ଜନ ଔଷଧୀ କେନ୍ଦ୍ର ଅନ୍ତର୍ଭୁକ୍ତ। ଏହା ବ୍ୟତୀତ, ଔଷଧ ଏବଂ ପ୍ରସାଧନ ସାମଗ୍ରୀ ଆଇନ, ୧୯୪୦ ର ନିୟମ ୬୪, ନିୟମ ୧୯୪୫ ଅନୁଯାୟୀ, ଜୀବନ ରକ୍ଷାକାରୀ ଔଷଧ ନିମନ୍ତେ ଶୀତଳ ଶୃଙ୍ଖଳା ରକ୍ଷଣାବେକ୍ଷଣ ସମେତ ନିର୍ଦ୍ଧାରିତ ଭିତ୍ତିଭୂମି ଏବଂ ସଂରକ୍ଷଣ ଆବଶ୍ୟକତା ପୂରଣ କରୁଥିବା ଏକ ନିର୍ଦ୍ଦିଷ୍ଟ, ସ୍ଥାୟୀ ସ୍ଥାନ ପାଇଁ ଖୁଚୁରା ଔଷଧ ବିକ୍ରୟ ଲାଇସେନ୍ସ ପ୍ରଦାନ କରାଯାଉଛି। ବର୍ତ୍ତମାନର ନିୟମ ଅନୁସାରେ ମୋବାଇଲ୍ ୟୁନିଟ୍ ଗୁଡ଼ିକୁ ଖୁଚୁରା ଲାଇସେନ୍ସ ପ୍ରଦାନ କରିବା ପାଇଁ କୌଣସି ବ୍ୟବସ୍ଥା ନାହିଁ।

# ଲୋକସଭା ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ: କଂଗ୍ରେସ ନେତୃତ୍ୱରେ ବିରୋଧୀ ଦେଲେ ନୋଟିସ୍

ନୂଆଦିଲ୍ଲୀ,୧୦/୨ : ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ବିରୋଧୀ ଦେଲେ ଅନାସ୍ଥା ପ୍ରସ୍ତାବ ନୋଟିସ୍ । ଶହେରୁ ଅଧିକ ବରୋଧୀ ସାଂସଦ ଏଥିରେ ଦସ୍ତଖତ କରିଥିବା ସୂଚନା ମିଳିଛି । କଂଗ୍ରେସ ନେତୃତ୍ୱରେ ଓମ୍ ବିର୍ଲାଙ୍କ ବିରୋଧରେ ବିରୋଧୀ ସାଂସଦମାନେ ଅନାସ୍ଥା ପ୍ରସ୍ତାବ ନୋଟିସ ଦେଇଛନ୍ତି । ଓମ୍ ବିର୍ଲା ପକ୍ଷପାତ କରୁଥିବା ସଂସଦର ବଜେଟ୍ ଅଧିବେଶନ ଆରମ୍ଭରୁ ବିରୋଧୀ ଅଭିଯୋଗ କରିଆସୁଥିଲେ । ସ୍ଥଳସେନାର ପୂର୍ବତନ ମୁଖ୍ୟ ଜେନେରାଲ ଏମ. ଏମ୍. ନରବଣେଙ୍କ ଅପ୍ରକାଶିତ



ପୁସ୍ତକକୁ ନେଇ ଆରମ୍ଭ ହୋଇଥିଲା ବିବାଦ । ପୁସ୍ତକରେ ଚୀନ ସହ ସୀମା ବିବାଦ ଉଲ୍ଲେଖ ଥିବା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଉଠାଇବା ପରେ ଏହାକୁ ଅମିତ ଶାହ ଓ ରାଜନାଥ ସିଂହ ବିରୋଧ କରିଥିଲେ । ଏହା ସହ ଅନ୍ୟ ପ୍ରସଙ୍ଗରେ ରାହୁଲ ଗାନ୍ଧୀଙ୍କୁ କହିବାର ସୁଯୋଗ ଦିଆଯାଉ ନଥିବା ଅଭିଯୋଗ କରି ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ବିରୋଧୀ ଅନାସ୍ଥା ପ୍ରସ୍ତାବ ନୋଟିସ ଦେଇଛନ୍ତି । କହିବାର ସୁଯୋଗ ଦିଆନଯିବା, ୮ଜଣ ବିରୋଧୀ ସାଂସଦଙ୍କୁ ସଂସଦର ବଜେଟ୍ ଅଧିବେଶନରୁ ନିଲମ୍ବନ କରାଯିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ବିରୋଧୀ ଦଳର ମହିଳା ସାଂସଦଙ୍କୁ ଓମ୍ ବିର୍ଲା ବିପଦ ବୋଲି କହିବା, ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ କିଛି ମନ୍ତବ୍ୟ ଉପରେ କାର୍ଯ୍ୟାନୁଷ୍ଠାନ

◆◆ପୃଷ୍ଠା ୭

## ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରୋନ୍ ଫେବୃଆରୀ ୧୭ରେ ଆସିବେ ଭାରତ ଗସ୍ତରେ

ନୂଆଦିଲ୍ଲୀ,୧୦/୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ ଫେବୃଆରୀ ୧୭ ରେ ତିନି ଦିନିଆ ଗସ୍ତରେ ଭାରତ ଆସିବେ। ମଙ୍ଗଳବାର ଦିନ ଜାରି ଏକ ବିବୃତିରେ, ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦି ଏବଂ ରାଷ୍ଟ୍ରପତି ମାକ୍ରୋନ୍ ହରିଜନ ୨୦୪୭ ରୋଡମ୍ୟାପ୍ ଅନ୍ତର୍ଗତ ଭାରତ-ଫ୍ରାନ୍ସ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ମଜବୁତ କରିବା ଉପରେ ବ୍ୟାପକ ଆଲୋଚନା କରିବେ। ଦୁଇ ନେତା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ସମେତ ପାରସ୍ପରିକ ସ୍ୱାର୍ଥର ଆଂଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରିବେ। ବିବୃତି ଅନୁଯାୟୀ, ରାଷ୍ଟ୍ରପତି ମାକ୍ରୋନ୍ ଏବଂ ପ୍ରଧାନମନ୍ତ୍ରୀ ମୋଦି ମିଳିତ ଭାବରେ ମୁମ୍ବାଇରେ ଭାରତ-ଫ୍ରାନ୍ସ ନବସୃଜନ ବର୍ଷ ୨୦୨୬ ଉଦଘାଟନ କରିବେ। ଏହି ନବସୃଜନ ବର୍ଷ ୨୦୨୬ ସାରା ଭାରତ ଏବଂ ଫ୍ରାନ୍ସ ଉଭୟରେ ପାଳନ କରାଯିବ। ଏହା ସହିତ, ରାଷ୍ଟ୍ରପତି ମାକ୍ରୋନ୍ ଫେବୃଆରୀ ୧୯ ରେ ନୂଆଦିଲ୍ଲୀରେ ଏଆଇ ପ୍ରଭାବ ସମ୍ମିଳନୀରେ ମଧ ଅଂଶଗ୍ରହଣ କରିବେ।

## କୋଇଲା ଚୋରା ଚାଲାଣ ମାମଲା: ଦୁଇ ବ୍ୟବସାୟୀଙ୍କୁ ଗିରଫ କଲା ଇଡି

କୋଲକାତା, ୧୦/୨ : ଝାଡ଼ଖଣ୍ଡ-ଆସାନସୋଲ କୋଇଲା ଚୋରା ଚାଲାଣ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁଇ ବ୍ୟବସାୟୀଙ୍କୁ ଗିରଫ କରିଛି। ଇଡିର ଜଣେ ବରିଷ୍ଠ ଅଧିକାରୀ ମଙ୍ଗଳବାର ସକାଳେ ଏହା ନିଶ୍ଚିତ

◆◆ପୃଷ୍ଠା ୭

# ମଣିପୁରରେ ପୁଣି ଜାତିଗତ ହିଂସା: ଜାଳିଦେଲେ ୩୦ରୁ ଅଧିକ ଘର, ୫ ଦିନ ଇଣ୍ଟରନେଟ୍ ବନ୍ଦ

ନୂଆଦିଲ୍ଲୀ,୧୦/୨ : ରାଷ୍ଟ୍ରପତି ଶାସନ ପ୍ରତ୍ୟାହାରର ଦିନ କେଇଟା ନଯାଉଣୁ ମଣିପୁରରେ ପୁଣି ଜାତିଗତ ହିଂସା । ଉଖରୁଲ ଜିଲ୍ଲାର ଲିଟାନ ଗାଁ, ବଜାର ଏବଂ ଆଖପାଖ ଅଞ୍ଚଳରେ ବ୍ୟାପକ ପୋଡ଼ାଜଳା ହୋଇଛି। ଏବେ ବି ଚାଲିଛି ଗୁଳିବିନିମୟ। ବ୍ୟାପକ ସୁରକ୍ଷା ବାହିନୀ ମୁତୟନ ସହ ୫ ଦିନ ପାଇଁ ବନ୍ଦ କରାଯାଇଛି ଇଣ୍ଟରେନେଟ୍। କର୍ଫ୍ୟୁ ଜାରି କରାଯାଇଛି। ମଙ୍ଗଳବାର ବଡ଼ି ଭୋରରୁ ପୁଣି ଅଶାନ୍ତ ହୋଇଉଠିଛି ମଣିପୁର । ଦୁର୍ବୃତ୍ତମାନେ ଅନେକ ଘର ଓ ଗାଡ଼ି ପୋଡ଼ି ଦେଇଥିବା ବେଳେ ଅନେକ ରାଉଣ୍ଡ ଗୁଳି ଚାଳନା କରିଛନ୍ତି। ନଷ୍ଟ ହୋଇଛି କିଛି ସରକାରୀ ଘର। ମଣିପୁର



ଉଖରୁଲ ଜିଲ୍ଲା ଲଟାନ ବଜାର ଓ ଆଖପାଖ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। କୁକି ଓ ଟାଙ୍ଗଖୁଲ ନାଗା ସମ୍ପ୍ରଦାୟର ଲୋକମାନେ ଘର ଛାଡ଼ି ପଳାଇଛନ୍ତି। ରବିବାର ଟାଙ୍ଗଖୁଲ ନାଗା ସମ୍ପ୍ରଦାୟର ଜଣେ ବ୍ୟକ୍ତିଙ୍କ ଉପରେ ଆକ୍ରମଣ ହୋଇଥିଲା। ପରେ କୁକି ଓ ଟାଙ୍ଗଖୁଲ ନାଗା ସମ୍ପ୍ରଦାୟର ଲୋକମାନେ ପରସ୍ପରକୁ ଆକ୍ରମଣ କରିଥିଲେ।

◆◆ପୃଷ୍ଠା ୭

# ୪୧୦୦କୋଟି ଟଙ୍କାର ୨୩ଟି ପ୍ରକଳ୍ପକୁ ସିଙ୍ଗଲୱିଣ୍ଡୋ ମଞ୍ଜୁରି: ୧୦ହଜାର ନିଯୁକ୍ତି ସୁଯୋଗ

ଭୁବନେଶ୍ୱର, ୧୦/୨ (ନି.ପ୍ର): ରାଜ୍ୟରେ ୪୧୧୧.୮୦କୋଟି ଟଙ୍କାର ୨୩ଟି ପୁଞ୍ଜିନିବେଶ ପ୍ରସ୍ତାବକୁ ଆଜି ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ ଅନୁମୋଦନ ମିଳିଛି। ଏଥିଯୋଗୁ ରାଜ୍ୟରେ ଆଉ ୯୯୨୪ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବାର ସମ୍ଭାବନା ରହିଛି । ଏହି ପଦକ୍ଷେପ ଓଡ଼ିଶାର ଶିଳ୍ପ ବାତାବରଣକୁ ସୁଦୃଢ଼ କିରବା ସହ ନିଯୁକ୍ତିଭିତ୍ତିକ ଅର୍ଥନୀତିର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ । ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଆଜି ଅନୁଷ୍ଠିତ ୧୪୪ତମ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକରେ ୨୩ଟି ପୁଞ୍ଜିନିବେଶ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏହି




ସମସ୍ତ ପ୍ରକଳ୍ପ ୧୧ଟି ଜିଲ୍ଲାରେ ସ୍ଥାପନ ହେବ । ବାଲେଶ୍ୱର, ଭଦ୍ରକ, କଟକ, ଦେବଗଡ଼, ଗଞ୍ଜାମ, ଯାଜପୁର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ଏହି କାରଖାନାଗୁଡ଼ିକ ସ୍ଥାପନ ହେବ। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ବସ୍ତ୍ରଶିଳ୍ପ, ପ୍ରତିରକ୍ଷା ଉପକରଣ ନିର୍ମାଣ, ଜାହାଜ ମରାମତି, ଔଷଧ, ରସାୟନ, ଆଲୁମିନିୟମ, ପ୍ଲାଷ୍ଟିକ, ପର୍ଯ୍ୟଟନ ଏବଂ ଭିତ୍ତିଭୂମି ବିକାଶ ଭଳି ବିଭିନ୍ନ ପ୍ରକଳ୍ପ ସାମିଲ ଅଛି। ପ୍ରତିରକ୍ଷା କ୍ଷେତ୍ରରେ ଗଞ୍ଜାମଠାରେ 'ଇନଭେଣ୍ଟଗ୍ରିଡ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍' ୩୦୦ କୋଟି ଟଙ୍କା ବ୍ୟୟରେ ଏକ ଡ୍ରୋନ୍ ନିର୍ମାଣ କେନ୍ଦ୍ର ସ୍ଥାପନ କରିବ, ଯାହା ହଜାରେ ଲୋକଙ୍କୁ ନିଯୁକ୍ତି ଦେବ । ଗତ ସପ୍ତାହରେ ରାଜ୍ୟ ସରକାର ଏଥିପାଇଁ ହାଇଦ୍ରାବାଦଠାରେ ଏମଓୟୁ ସ୍ୱାକ୍ଷର କରିଥିଲେ ।

◆◆ପୃଷ୍ଠା ୭

# ସିୟୁଓ-କୋଟ୍ସ ଆନୁକୁଲ୍ୟରେ ଆୟୋଜିତ ଆଦିବାସୀ ପରିଚୟ ଓ ସଂସ୍କୃତି ଉପରେ ଜାତୀୟ ସେମିନାର ଉଦ୍‌ଯାପିତ

ଜୟପୁର, ୧୦/୨ (ନି.ପ୍ର): ଭାରତୀୟ ଜାତୀୟତାବାଦର ମୂଳ ଆଧାର ହେଉଛି ଆଦିବାସୀ ସଂସ୍କୃତି" : ବିଶେଷଜ୍ଞ କୋରାପୁଟସ୍ଥିତ କାଉନସିଲ୍ ଅଫ୍ ଆନାଲିଟିକାଲ୍ ଟ୍ରାଇବାଲ୍ ଷ୍ଟଡିଜ୍ ଓ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ , କୋରାପୁଟର ମିଳିତ ଆନୁକୂଲ୍ୟରେ ହୋଇଥିବା ତିନିଦିନିଆ ଜାତୀୟ ସଙ୍ଗୋଷ୍ଠୀ ଆଦିବାସୀ ପରିଚୟ, ସଂସ୍କୃତି ଓ ଜାତୀୟତା: ଭାରତର ସମକାଳୀନ ଆଲୋଚନା" ଶନିବାର ତ ୦୭ ଫେବ୍ରୁୟାରୀ ୨୦୨୬ ରିଖରେ କୋର୍ଟସ ପରିସରରେ ଏକ ଉଦଯାପନୀ ଅଧିବେଶନ ସହ ଉଦଯାପିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଟଙ୍କ ର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା କହିଥିଲେ, "ଭାରତୀୟ ସଂସ୍କୃତିର ମୂଳ ଆଧାର ହେଉଛି ଆଦିବାସୀ ସଂସ୍କୃତି। ସରଳତା, ମର୍ଯ୍ୟାଦା ଓ ଉଚ୍ଚ ନୈତିକ ମୂଲ୍ୟବୋଧ ଆଦିବାସୀ ଜୀବନଶୈଳୀର ଅଂଗ, ଯାହାରୁ ଆଧୁନିକ ସମାଜ ଅନେକ କିଛି ଶିଖିପାରିବ।" ରାମାୟଣର ସବରୀଙ୍କ ଉଦାହରଣ ଦେଇ ସେ କହିଲେ ଯେ ଆତିଥ୍ୟ ଓ ବିନମ୍ରତା ଆଦିବାସୀ ପରିଚୟର ଦୀର୍ଘକାଳୀନ ଲକ୍ଷଣ। ସଙ୍ଗୋଷ୍ଠୀରେ ପ୍ରସ୍ତୁତ ଗବେଷଣା ପତ୍ରଗୁଡ଼ିକୁ ପୁସ୍ତକ ଆକାରରେ ପ୍ରକାଶ କରି ନୀତି ନିର୍ଦ୍ଧାରକଙ୍କ ପାଖକୁ ପଠାଇବାକୁ ସେ ଆହ୍ୱାନ ଜଣାଇଲେ।

ସମ୍ମାନିତ ଅତିଥି ଭାବେ ଅରୁଣାଚଳ ପ୍ରଦେଶସ୍ଥ ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟର ଏଆଇଟିଏସ ନିର୍ଦ୍ଦେଶିକା ପ୍ରଫେସର ଜୁମିୟର ବସାରା କହିଲେ ଯେ ଆଦିବାସୀ ପରିଚୟକୁ ପାରମ୍ପରିକ, ଭୌଗୋଳିକ ଓ ରାଜନୈତିକ ପରିପ୍ରେକ୍ଷିତରୁ ବୁଝିବା ଆବଶ୍ୟକ। ଏର୍ନେଷ୍ଟ ଗେଲ୍ନର ଓ ବେନେଡିକ୍ଟ ଆଣ୍ଡରସନଙ୍କ ଉଦ୍ଧୃତି ଦେଇ ସେ କହିଲେ, "ମୁଖ୍ୟଧାରା ଜାତୀୟତାବାଦ ସାଧାରଣତଃ ସମାନତାକୁ ଗୁରୁତ୍ୱ ଦେଉଥିବାବେଳେ ଆଦିବାସୀ ସମାଜ ବିବିଧ ଓ ସ୍ତରୀୟ ପରିଚୟକୁ ପ୍ରତିଫଳିତ କରେ। ଅର୍ଥପୂର୍ଣ୍ଣ ଜାତୀୟତାବାଦ ପାଇଁ ଆଦିବାସୀ ସଂସ୍କୃତି, ଭୂମି ଅଧିକାର ଓ ପରିଚୟକୁ ସମ୍ମାନ ଦେବା ଅନିବାର୍ଯ୍ୟ।"

ପ୍ରଫେସର କମଳା କାନ୍ତ ମିଶ୍ର ଆଦିବାସୀ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନକୁ ସ୍ୱୀକାର କରିବାର ଆବଶ୍ୟକତା ଉଲ୍ଲେଖ କରି କହିଲେ, "ଆଦିବାସୀ ଅବଦାନ ବିନା ଭାରତୀୟ ଜାତୀୟତାବାଦ ଅପୂର୍ଣ୍ଣ ରହିବ।"

ବିକାଶ ସମ୍ପର୍କିତ ସମସ୍ୟା ଉପରେ ଆଲୋକପାତ କରି ପ୍ରଫେସର ମାଗୁଣି ଚରଣ ବେହେରା କହିଲେ ଯେ ଅନେକ ଆଦିବାସୀ ପରିଚୟ ସମସ୍ୟା ଉନ୍ନୟନର ଫଳ। "ଆଦିବାସୀଙ୍କୁ କେବଳ ଆର୍ଥିକ ଭାବେ ପଛୁଆ ଲାଭାନ୍ୱିତ ଭାବେ ଦେଖିଲେ ସେମାନଙ୍କ ସାଂସ୍କୃତିକ ବିଶିଷ୍ଟତା ଅଣଦେଖା ହୋଇଯାଏ। ବିକାଶ ସାଂସ୍କୃତିକ ଭିତିରେ, ଅଂଶଗ୍ରହଣମୂଳକ ଓ ପରିଚୟକୁ ସୁଦୃଢ଼ କରୁଥିବା ହେବା ଉଚିତ," ସେ କହିଲେ। ସଭାପତିତ୍ୱ କରୁଥିବା ସିଓଏଟିଏସର ନିର୍ଦ୍ଦେଶକ ପ୍ରଫେସର ପି. ସି. ମହାପାତ୍ର ସଂସ୍ଥାର ଆଦିବାସୀ ଗବେଷଣା କ୍ଷେତ୍ରରେ ଅବଦାନ ଉପରେ ଆଲୋଚନା କରିଥିଲେ। ସିୟୁଓ ଅର୍ଥନୀତି ବିଭାଗ ମୁଖ୍ୟ ପ୍ରଫେସର ରଥୀ କାନ୍ତ କୁମ୍ଭାର ଧନ୍ୟବାଦ ଜ୍ଞାପନ କରି ସିୟୁଓ ର ଆଦିବାସୀ ଗବେଷଣା ଓ ବିକାଶମୂଳକ ପ୍ରୟାସ ଉଲ୍ଲେଖ କରିଥିଲେ।

ସେମିନାର ପ୍ରତିବେଦନ ପ୍ରସ୍ତୁତ କରି ଡ଼. ଦିପ୍ତି ଶଙ୍କର କହିଥିଲେ ଯେ ସେମିନାରକୁ ୨୧୮ଟି ଗବେଷଣା ପତ୍ର ମିଳିଥିଲା, ଯାହାରୁ ୨୦୦ରୁ ଅଧିକ ପତ୍ର ଗ୍ରହଣ ଓ ପ୍ରସ୍ତୁତ ହୋଇଥିଲା। ଏଥିରେ ପ୍ରାୟ ୭୦ଟି ଅନଲାଇନ୍ ପ୍ରସ୍ତୁତି ଥିଲା। ୨୫ରୁ ଅଧିକ ପ୍ରାୟୋଗିକ ଅଧିବେଶନରେ ଚାରିଟି ସମାନାନ୍ତର ଅଧିବେଶନ ମାଧ୍ୟମରେ ଆଦିବାସୀ ପରିଚୟ, ଜାତୀୟତାବାଦ, ସମ୍ପଦ ଅଧିକାର, ଔପନିବେଶିକ ଉତରାଧିକାର, ଭାଷା ହ୍ରାସ ଓ ଆଦିବାସୀ ଜ୍ଞାନ ପ୍ରଣାଳୀ ଉପରେ ଗଭୀର ଆଲୋଚନା ହୋଇଥିଲା ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ଼. ଫଗୁନାଥ ଭୋଇ ଜଣାଇଛନ୍ତି ।

ସଭାରେ ସିୟୁଓ, କୋର୍ଟସ ଓ ଦେଶର ବିଭିନ୍ନ ସଂସ୍ଥାର ଶିକ୍ଷକ, ଗବେଷକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଉପସ୍ଥିତମାନଙ୍କ ମଧ୍ୟରେ ଡ଼. କପିଳା ଖେମୁଣ୍ଡୁ (ସେମିନାର ସମ୍ପାଦକ), ଡ଼. ଫଗୁନାଥ ଭୋଇ, (ଲୋକସମ୍ପର୍କ ଅଧିକାରୀ), ସିୟୁଓ, ଡ଼. ଜଗବନ୍ଧୁ ସାମଲ, ଡ଼. ନାରାୟଣ ପଣ୍ଡା, ଶ୍ରୀ ସୁଧାକର ପଟ୍ଟନାୟକ, ଡ଼. ପ୍ରଦୀପ ବେହେରା, ଡ଼. ଲତିକା ମିଶ୍ର, ଡ଼. ପରେଶ ରଥ, ଡ଼. ନରେନ୍ଦ୍ର ରଥ, ଡ଼. ସାବିତ୍ରୀ ମାଝି, ଡ଼. ଅଶୋକ କୁମାର ନନ୍ଦ (ସେମିନାର ଆବାହକ) ଶ୍ରୀ ଗୋପୀନାଥ ପ୍ରଧାନ, ଡ଼. ରାଜେନ୍ଦ୍ର କୁମାର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଡ଼. ନୂପୁର ପଟ୍ଟନାୟକଙ୍କ ପରିଚାଳନରେ ଏକ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପଦ୍ମମାଳୀ ସଭାଗୃହ ଉଦ୍‌ଘାଟିତ



ବେତନଟୀ, ୧୦/୨ (ନି.ପ୍ର): ଉତ୍ତରଓଡିଶାର ଅଗ୍ରଣୀ ମହିଳା ସଂଗଠନ ମଧ୍ୟରୁ ଅନ୍ୟତମ ବେତନଟୀର ପଦ୍ମମାଳୀ ମହିଳା ସଂଗଠନର ସ୍ଥାୟୀ କାର୍ଯ୍ୟାଳୟକୁ ଆନୁଷ୍ଠାନିକ ଭାବେ ଶୁଭଉଦଘାଟନ କଲେ ମାନ୍ୟବର ବିଧାୟକ ସନାତନ ବିଜୁଳି। ବେତନଟୀ ବ୍ଲକ ସାମ୍ବାଦିକସଂଘର ଆଶିଷ ଦାସଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ସଭାକାର୍ଯ୍ୟରେ ମୁଖ୍ୟଅତିଥି ଭାବେ ମାନ୍ୟବର ବିଧାୟକ ସନାତନ ବିଜୁଳି, ପଦ୍ମମାଳୀ ମହିଳା ସଂଗଠନର ଅଧକ୍ଷ ଡ. ବୀଣା ଦାଶ, ସଭାପତି ପ୍ରାକ୍ତନ ପ୍ରାଧାପିକା ସଂଯୁକ୍ତା ଜୀ, ବଳାଙ୍ଗି ମହୋତ୍ସବ ର ସମ୍ପାଦକ ଶରତ ଚନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ରପୁର ହାୟାର ସେକେଣ୍ଡାରୀ ସ୍କୁଲର ଅଧକ୍ଷା ଡ.ମନ୍ଦାକିନୀ ସାହୁ, ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡା, ଶିକ୍ଷାବିତ ବାସୁଦେବ ନାପିତ, ସାହିତ୍ୟିକ ପର୍ଶୁରାମ ସାହୁ ପ୍ରମୁଖ ଅତିଥିଗଣ ମଞ୍ଚାସୀନ ଥିଲେ । ମହିଳା ସଶକ୍ତୀକରଣ ସହିତ ସେମାନଙ୍କୁ ସ୍ୱାବଲମ୍ବୀ ପୂର୍ବକ ଆତ୍ମନିର୍ଭର କରାଇବାରେ ପଦ୍ମମାଳୀ ମହିଳା ସଂଗଠନର ଭୂମିକା ଉପରେ ସମ୍ୟକ ଆଲୋଚନା କରିଥିଲେ । ନାରୀସଶକ୍ତୀକରଣକୁ ଦୃଷ୍ଟିରେ ରଖି ପଦ୍ମମାଳୀ ମହିଳା ସଂଗଠନର ସଂରଚନା କରିବା ସହିତ ଏହାକୁ ବାସ୍ତବ ରୂପରେଖ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସଂଗଠନର ପ୍ରତିଷ୍ଠାତା ପୂର୍ବତନ ବାୟୁସେନା ଅଧିକାରୀ ସ୍ୱର୍ଗତ ରଞ୍ଜନ କୁମାର ମହାନ୍ତିଙ୍କ ସ୍ମୃତିଚାରଣ କରିବା ସହିତ ଦିବଂଗତ ଆତ୍ମାର ସଦଗତି କାମନା କରି ନୀରବପ୍ରାର୍ଥନା କରାଯାଇଥିଲା। ସଂଗଠନର ସ୍ଥାୟୀଘର ଶୁଭଉଦଘାଟନ ଅବସରେ ବେତନଟୀ ତଥା ଆଖପାଖ ବିଭିନ୍ନ ସ୍ଥାନରୁ ଅନେକ ସାମାଜିକ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ ସଦସ୍ୟା ପ୍ରମୁଖ ମଧ ଯୋଗ ଦେଇଥିଲେ। ଆଗକୁ ନାରୀ ସଶକ୍ତୀକରଣ ଏବଂ ସମୋନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପୂର୍ବକ ସ୍ୱାବଲମ୍ବୀ କରାଇବା ଦିଗରେ ପଦ୍ମମାଳୀ ସଂଗଠନ ନିଜର ଉଦ୍ୟମ ଜାରି ରଖୁବ ବୋଲି ମତପ୍ରକାଶ ପାଇଥିଲା । ପରିଚାଳନାରେ ମହିଳା ସଂଗଠନର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟାଗଣ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିବା ବେଳେ କାର୍ଯ୍ୟକ୍ରମର ସଫଳ ସମାପନ ପଞ୍ଚର ସଂଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବକାରୀ ବିଭାଗର ଚଢ଼ାଉ



ବେତନଟୀ ୧୦/୨(ନି.ପ୍ର): ବେତନଟୀ ଅବକାରୀ ଥାନା ପକ୍ଷରୁ ଆଜି ବଡ଼ସାହି ଥାନା ଅଞ୍ଚଳ ରେ ଚାଲିଥିବା ଚୋରା ଦେଶିମଦ କାରଖାନା ଉପରେ ଚଢ଼ାଉକରି ବିପୁଳ ପରିମାଣର ମହୁଲପୋଚ ଏବଂ ରନ୍ଧାମଦ ସମେତ ନଷ୍ଟ କରିଛି ଅବକାରୀ ବିଭାଗ। ସୂଚନା ମୁତାବକ ବଡ଼ସାହି ଥାନା ଅଧୀନ କମଳାଶୋଳ ଅଞ୍ଚଳରେ ଚୋରା ଦେଶିମଦ କାରଖାନା ଚାଲିଥିବାର ଖବରପାଇ ମୟୂରଭଞ୍ଜ ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ଉଦଳା ରେଞ୍ଜ ଓ ଖୁଣ୍ଟା ରେଞ୍ଜ, ମୋବାଇଲ ଟିମ ୟୁନିଟ ପ୍ରମୁଖ ସଶସ୍ତ୍ର ପୁଲିସଫୋର୍ସ ସହାୟତାରେ ସଦଳବଳେ ଚଢାଉ କରିଥିଲେ । ଘଟଣା ସ୍ଥଳରୁ ଅଭିଯୁକ୍ତ ମାନେ ଚମ୍ପଟ ମାରିଥିଲା ବେଳେ ୧୧ ହଜାର କେଜି ମହୁଲପୋଚ ଏବଂ ୧୦୩୦ ଲିଟର ଦେଶିମଦ ଜବତ କରାଯାଇଥିଲା । ଏଥି ସହିତ ଚଢାଉ କରାଯାଇଥିବା ସମସ୍ତ ସ୍ଥାନରୁ ମଦପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଗୁଡିକୁ ମଧ ଜବତ ପୂର୍ବକ ନଷ୍ଟ କରାଯାଇଥିଲା । ଏଥସହିତ ମଦପ୍ରସ୍ତୁତି ଓ ଚାଲାଣରେ ବ୍ୟବହୃତ ପ୍ଲାଷ୍ଟିକ ଡ୍ରମ, ଆଲୁମିନିୟମ ଡେକଚି ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି ।

# ଉପଖଣ୍ଡସ୍ତରୀୟ ୩ଦିନିଆ କୃଷି ଯନ୍ତ୍ରପାତି ମେଳା- ୨୦୨୫-୨୬ ଉଦ୍ଘାଟିତ



ନୀଳଗିରି, ୧୦/୨ (ନି.ପ୍ର): ଆଜି ନୀଳଗିରି ଉପଖଣ୍ଡ ସଦରମହକୁମାରେ ୩ଦିନିଆ ଉପଖଣ୍ଡ ସ୍ତରୀୟ କୃଷିଯନ୍ତ୍ରପାତି ମେଳା -୨୦୨୫-୨୬ ଶୁଭାରମ୍ଭ ହୋଇଯାଇଛି ।ଏହି ମେଳାକୁ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନକରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମେଳାରେ ଆୟୋଜିତ ଏକ ସାଧାରଣସଭାରେ କୃଷି ଯନ୍ତ୍ରପାତି ମେଳାର ଅଧକ୍ଷ ତଥା ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ସଭାକାର୍ଯ୍ୟ ପୂର୍ବରୁ ମୁଖ୍ୟଅତିଥି ସମେତ ଅନ୍ୟାନ୍ୟ ବରେଣ୍ୟ ଅତିଥିଗଣ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀ ନିକଟରେ ଧୂପ ଦୀପ ପୁଷ୍ପାଞ୍ଜଳି ସହ ବୃକ୍ଷରେ ଜଳ ଅର୍ପଣ କରିଥିଲେ ଏବଂ ପରେ ପରେ ନୀଳଗିରି ଡ଼ିଗ୍ରୀ କଲେଜ ଛାତ୍ର/ଛାତ୍ରୀମାନେ ସ୍ୱାଗତସଙ୍ଗୀତ ପରିବେଷଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଉଭୟ ନୀଳଗିରି ଓ ଔପଦା ପଞ୍ଚାୟତିସମିତିର ଅଧକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ସୁଶ୍ରୀ ବି. ସି. ବିସ୍ୱା ପାତ୍ର,ଏନ୍. ଏ. ସି. ର କାର୍ଯ୍ୟନିର୍ବାହୀ ଅଧକ୍ଷ ମହେନ୍ଦ୍ରନାଥ ବେହେରା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସରୋଜ କୁମାର ବେହେରା, ଅବସରପ୍ରାପ୍ତ ମୁଖ୍ୟ ଜିଲ୍ଲା କୃଷିଅଧିକାରୀ ତୁଷାର କାନ୍ତି ତୁଙ୍ଗ, ନୀଳଗିରି ବ୍ଲକ କୃଷି ପରାମର୍ଶ ଅଧକ୍ଷ କୃତିବାସ ବେହେରା, ବାଲେଶ୍ୱର ଜିଲ୍ଲା ପରିଷଦ କୃଷି ପରାମର୍ଶକେନ୍ଦ୍ରର ଅଧକ୍ଷ ଗତିକୃଷ୍ଣ ନନ୍ଦ, ଉଦ୍ୟାନ କୃଷି ସହକାରୀ ଉପ ନିର୍ଦ୍ଦେଶକ ଗୋପୀନାଥ କର, କୃଷି ଜିଲ୍ଲା ଅଧିକାରୀ ଡ.ସମତା ମହାନ୍ତ, ସହକାରୀ ଉପଜିଲ୍ଲାପାଳ ଦେବୀଦତ୍ତ ପ୍ରୀତିରଞ୍ଜନ ବେହେରା ପ୍ରମୁଖଙ୍କୁ ପୁଷ୍ପ ଗୁଚ୍ଛ,ପୁଷ୍ପ ଚାରା,ଉତରୀୟ ସହ ମାଣ୍ଡିଆଜାତ ଦ୍ରବ୍ୟ ପ୍ରଦାନକରି ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା ।ଆଜିର ଏହି ତିନିଦିନିଆ କୃଷି ଯନ୍ତ୍ରପାତି ମେଳା ଓ କୃଷିପାଠଶାଳା ଉଦ୍ଘାଟନୀ ଉତ୍ସବରେ କୃଷିଜିଲ୍ଲା ଅଧିକାରୀ ଡ. ସମତା ମହାନ୍ତ ମେଳା ଆୟୋଜନର ଉଦେଶ୍ୟ ଏବଂ ଆଭିମୁଖ୍ୟ ସଂପର୍କରେ ସମ୍ୟକ୍ ବକ୍ତବ୍ୟ ରଖିଥିଲେ ।ଏହି ମେଳାରେ କୃଷି ଯନ୍ତ୍ରପାତିର ପ୍ରଦର୍ଶନୀ ଓ ବିକ୍ରୟ ସହିତ କୃଷି ଏବଂ ଆନୁଷଙ୍ଗିକ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆୟୋଜନ କରାଯିବ ବୋଲି ପ୍ରକାଶ କରିଥିଲେ ।ଏଥିରେ ବରେଣ୍ୟ ଅତିଥି ଗଣ ଏହି ମେଳାର ଆବଶ୍ୟକତା କୃଷି,କୃଷକ ସଶକ୍ତକରଣ ସହିତ ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର , ମୁଖ୍ୟମନ୍ତ୍ରୀ କୃଷିଉଦ୍ୟୋଗ ଯୋଜନା ମାଧ୍ୟମରେ ସୁଯୋଗ ନେବାପାଇଁ ପରାମର୍ଶ ଦେଇଥିଲେ ।ମୁଖ୍ୟଅତିଥି ଶ୍ରୀଯୁକ୍ତ ଖଟୁଆ ଉପସ୍ଥିତ ସମସ୍ତ ଚାଷୀ ଭାଇଭଉଣୀ ମାନଙ୍କୁ ସମ୍ବୋଧିତକରି ଆଜିର ଆଧୁନିକ ଯୁଗରେ କେମିକାଲ ଯୁକ୍ତ ସାର୍ ଓ କୀଟନାଶକ ଔଷଧ ବ୍ୟବହାର ଫଳରେ ଉତ୍ପାଦିତ ସାମଗ୍ରୀ ବା ଖାଦ୍ୟଦ୍ରବ୍ୟ ଜନିତରୋଗ ଅତ୍ୟନ୍ତ ଉଦବେଗ ଜନକ ,ତେଣୁ ଆମେ ଜୈବିକ ପଦ୍ଧତିରେ ସାର୍ ପ୍ରସ୍ତୁତ କରି କୃଷି କ୍ଷେତ୍ରରେ ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରିବା ସହିତ ସ୍ୱଳ୍ପ ସମୟରେ ଯାନ୍ତ୍ରିକଶକ୍ତି ବଳରେ ଅଧିକ ଫସଲ ଉତ୍ପନ୍ନ କରିବା ଏବଂ ସରକାରଙ୍କ ବିଭିନ୍ନ ଯୋଜନାରେ ସୁଯୋଗ ନେବାପାଇଁ କହିଥିଲେ। ଏତଦ୍ ଭିନ୍ନ ଆସନ୍ତା ମେଳାରେ ସୌରଶକ୍ତି ଦ୍ୱାରା ବିଭିନ୍ନ ଯନ୍ତ୍ରପାତି ପ୍ରଦର୍ଶନ ନିମନ୍ତେ ପଦକ୍ଷେପ ନେବାପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।ଏହି ପ୍ରଥମଦିବସ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଉଭୟ ନୀଳଗିରି ଓ ଔପଦା ବ୍ଲକର ଅଗ୍ରଣୀ କୃଷି ହିତାଧିକାରୀଙ୍କୁ ମୁଖ୍ୟ ଅତିଥି ମାନପତ୍ର,ଉପଢୌକନ ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପରିଶେଷରେ ନୀଳଗିରି କୃଷି ଜିଲ୍ଲା ଅଧିକାରିଣୀ ଡ.ସମେତ ମହାନ୍ତ ସମସ୍ତଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଅର୍ପଣ କରିଥିଲେ ।ପରେ ପରେ ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟାନ୍ୟ ଅତିଥିଗଣ ମେଳାର ଷ୍ଟଲ୍ ବୁଲି ଦେଖିଥିଲେ। ଏହି ମେଳା ଆୟୋଜିତ ସ୍ଥଳରେ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଧାମନଗର ଜନସୁନାଣିରେ ୧୭୪ଟି ଅଭିଯୋଗ ଗ୍ରହଣ: ୩୮ଟି ଘଟଣାସ୍ଥଳରେ ସମାଧାନ



ଭଦ୍ରକ, ୧୦/୨ (ନି.ପ୍ର): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍‌ରେ ଆଜି ଆୟୋଜିତ ଯୁଗ୍ମ ଜନସୁନାଣି କାର୍ଯ୍ୟକ୍ରମରେ ମୋଟ ୧୭୪ଟି ଅଭିଯୋଗ ଗ୍ରହଣ କରାଯାଇଛି । ଏହି ଜନସୁନାଣିରେ ୧୩୦ଟି ବ୍ୟକ୍ତିଗତ ସମସ୍ୟା ଓ ୩୭ଟି ଗ୍ରାମସ୍ତରୀୟ ସମସ୍ୟା ସମ୍ପର୍କିତ ଅଭିଯୋଗ ଥିଲା। ଅଭିଯୋଗଗୁଡିକ ମଧ୍ୟରୁ ୩୮ଟି ଅଭିଯୋଗକୁ ଘଟଣା ସ୍ଥଳରେ ସମାଧାନ କରାଯାଇଛି। ସହାୟତା ସ୍ୱରୂପ ଉଗଜର ଅଧୀନରେ ୧ଟି ମାମଲା ଓ ରେଡ୍‌କ୍ରସ୍ ସହାୟତା ପାଇଁ ୬ଟି ମାମଲା ଗ୍ରହଣ କରାଯାଇଛି ।ଏହି ଯୁଗ୍ମ ଜନସୁନାନି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ କ୍ରୀଡ଼ା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ, ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ , ଉପ ଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ ଓ ଆରକ୍ଷୀ ଅଧୀକ୍ଷକ ଶ୍ରୀ ମନୋଜ କୁମାର ରାଉତ ଉପସ୍ଥିତ ରହି ଅଭିଯୋଗଗୁଡିକର ଶୁଣାଣି କରିଥିଲେ।

# ଫ୍ରେଣ୍ଡସ ଫେମେଲିର ୭ମ ବାର୍ଷିକ ଉତ୍ସବ




ବସ୍ତା , ୧୦/୨ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସା ପୋଡ଼ାଡିହା ନିକଟ ରେ ଥିବା ଫ୍ରେଣ୍ଡସ ଫେମେଲି ର ସପ୍ତମ ବାର୍ଷିକ ଉତ୍ସବ ଓ ମାଛ ଚାଷ ପ୍ରଶିକ୍ଷଣ ଶିବିରସ୍ଥାନୀୟ ଜଗନ୍ନାଥ କଲ୍ୟାଣ ମଣ୍ଡପ ରେ ପାଳିତ ହୋଇଯାଇଛି। ଏହି ଉତ୍ସବ ରେ ମୁଖ୍ୟ ଅତିଥି ଉତ୍ତର ଓଡ଼ିଶା ଏକୁଆଫିସ ଫିଡ ଟେକ୍ନିକାଲ ଡ. ଅବରଲାଲ ଦତ୍ତା, ମୁଖ୍ୟ ବକ୍ତା ଜିଲ୍ଲା ମୁଖ୍ୟ ମନ୍ତ୍ରୀ କୃଷି ଉଦ୍ୟଗି କୋଡ଼ିନେଟର ଅଭିଜିତ ପାଢ଼ୀ, ସମ୍ମାନିତ ଅତିଥି ଏବିସ ଫିଡ୍ସ ଏରିଆ ମ୍ୟାନେଜର ବୀରେନ କୁମାର ମହାପାତ୍ର , ସତନ୍ତ୍ର ଅତିଥି ଭାବେ ୨୮ ନମ୍ବର ଜିଲ୍ଲା ପରିଷଦ ସଞ୍ଜୟ କୁମାର ସେଠୀ ଯୋଗ ଦେଇ ଉପସ୍ଥିତ ଶତାଧିକ ମାଛ ଚାଷୀ , କୁକୁଡ଼ା ଚାଷୀ ଙ୍କୁ କିଭଳି ଚାଷ କଲେ କଉ କଉ ଖାଦ୍ୟ , କିଭଳି ପୋଖରୀ ର ଯତ୍ନ ନେବେ ସେହି ବିଷୟ ରେ ପ୍ରଶିକ୍ଷଣ ଦେଇଥିଲେ । ଫ୍ରେଣ୍ଡସ ଫେମିଲି ର ଦୁଇ ଜଣ ସାଙ୍ଗ ବଂଶୀଧର ପଣ୍ଡା ଓ ପ୍ରସନ୍ନ ସାହୁ ଓଡ଼ିଶାରେ ବର୍ତ୍ତମାନ ଏକ ନମ୍ବର ମାଛ ଚାଷୀ ରେ ପୁରସ୍କୃତ ହୋଇଛନ୍ତି। ଉକ୍ତ ସଭାରେ ବାର୍ଷିକ ବିବରଣୀ ପାଠ ବଂଶୀଧର ପଣ୍ଡା କରିଥିବା ବେଳେ , ଉପସ୍ଥିତ ଅତିଥି ମାନଙ୍କୁ ପ୍ରସନ କୁମାର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅନୁଷ୍ଠାନ ର ଶୁଭେଚ୍ଛୁ ମୋନୋଜ ଗିରି , ବିନୟ ବେହେରା , ଆଲୋକ ପାତ୍ର, ଜଗଦୀଶ ବେହେରା , ନିତ୍ୟାନନ୍ଦ ପାଢ଼ୀ, ସଞ୍ଜୟ ପଣ୍ଡା , ସତ୍ୟବ୍ରତ ଗିରି , ପ୍ରଦୀପ ପଟ୍ଟନାୟକ ସହୋଯୋଗ ରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ନାବରା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ ପ୍ରଧାନଙ୍କ ବିଦାୟକାଳୀନ ସଭା

ବାଲେଶ୍ୱର, ୧୦/୨ (ନି.ପ୍ର): ନାବରା ମହିଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ ଶୁକ୍ରବାର ଦିବା ୧୧ ଘଟିକା ସମୟରେ ବର୍ତ୍ତମାନର କାର୍ଯ୍ୟରତ ଅଧକ୍ଷା ଶ୍ରୀମତୀ ସାଧନା ଦାସଅଧିକାରୀଙ୍କ ସଭାପତିତ୍ୱରେ ସଂପ୍ରତି କଲେଜରୁ ନିଜ ଚାକିରି (ଅଧ୍ୟାପନା) ଜୀବନର ଶେଷ ପର୍ଯ୍ୟାୟରେ ଉପନୀତ ହୋଇ ଅବସର ଗ୍ରହଣ କରିଥିବା ବିଦାୟୀ ଅଧକ୍ଷ ଶ୍ରୀ ଅଜୟ ପ୍ରଧାନଙ୍କ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପନା କ୍ଷେତ୍ରରେ ତାଙ୍କର ଅମ୍ଳାନ ପ୍ରଜ୍ଞାଦୀପ୍ତ, ହୃଦୟସ୍ପର୍ଶୀ, ଜ୍ଞାନଗର୍ଭକ ଶିକ୍ଷାଦାନ ପ୍ରଣାଳୀର ଅବତାରଣା କରି ବହୁ ବିଶିଷ୍ଟ ବକ୍ତାମାନେ ତାଙ୍କର ବହୁମୁଖୀ ବ୍ୟକ୍ତିତ୍ୱ, ଦକ୍ଷତା ତଥା ଛାତ୍ରବତ୍ସଳ ପ୍ରାଣପ୍ରାଚୁର୍ଯ୍ୟ ଆତ୍ମୀୟତାର ଭୂୟସୀ ପ୍ରଶଂସା କରିଥିଲେ। କଲେଜ ପରିସରରେ ଅତ୍ୟନ୍ତ ଭାବଗମ୍ଭୀର ପୁଲକିତ କାରୁଣ୍ୟ ପରିବେଶରେ ଅନୁଷ୍ଠିତ ଏହି 'ଫେୟାରୱେଲ୍ ସଭା'ରେ - ବିଶିଷ୍ଟ ଶିକ୍ଷାବିତ୍ ବିଜୟ କୁମାର କର, ବାଞ୍ଛାନିଧି ସାହୁ, ସତ୍ୟରଞ୍ଜନ ସିଂ, ଭାଗବତ ସାହୁ, ପ୍ରାବନ୍ଧିକ ସତ୍ୟରଞ୍ଜନ ଦାସ, ସମାଜସେବୀ ବିଜୟ ସାମଲ, ବିଶ୍ୱନାଥ ଜେନା, କଲେଜର ଅଧ୍ୟାପିକା ପ୍ରତିଭା ବେହେରା, ସସ୍ମିତା ଗିରି, ଅଧ୍ୟାପକ ମନୋରଞ୍ଜନ ବେହେରା, ଲକ୍ଷ୍ମୀକୃଷ୍ଣ ନାୟକ, ଭବଶଙ୍କର ପ୍ରଧାନ, ମାନଗୋବିନ୍ଦ ରାଉତ, ଅଧ୍ୟାପିକା ଅଲିଭା ମଞ୍ଜରୀ ପାତ୍ର, କ୍ରିଷ୍ଣା ସୁର୍, ଦେବେନ୍ଦ୍ରନାଥ ଦାସ, ବିଶ୍ୱନାଥ ସାମଲ ଓ ସପନ ଦାସ ପ୍ରମୁଖ ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀ ତଥା ଛାତ୍ରୀମାନେ ଉପସ୍ଥିତ ରହି ମହାବିଦ୍ୟାଳୟର ପୂର୍ଣ୍ଣାଙ୍ଗ ବିକାଶରେ ଶ୍ରୀ ପ୍ରଧାନଙ୍କ କଠିନ ଶ୍ରମ, ସାଧନା ଓ ଅମୂଲ୍ୟ ଅବଦାନ ତଥା ଉଲ୍ଲେଖଯୋଗ୍ୟ ଭୂମିକାର ସ୍ମୃତିଚାରଣ କରି ତାଙ୍କୁ 'ରାଜନୀତି ବିଜ୍ଞାନ'ର ଅଧ୍ୟାପକ ଭାବେ ଜଣେ ଧୂରୀଣ ଓ ପ୍ରବୀଣ ଶିକ୍ଷାଦାତା ଏବଂ ଦକ୍ଷ ଅଧକ୍ଷ ଭାବେ ସେ ମହାବିଦ୍ୟାଳୟର ଉନ୍ନତି କ୍ଷେତ୍ରରେ ଯେଉଁ କାର୍ଯ୍ୟ କରିଯାଇଛନ୍ତି, ତାହା ଅଞ୍ଚଳବାସୀଙ୍କ ଠାରେ ଚିରସ୍ମରଣୀୟ ରହିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ।ଅଧକ୍ଷା ଶ୍ରୀମତୀ ଦାସ ଅଧିକାରୀ- କଲେଜରେ ବିଜ୍ଞାନବିଭାଗ ଖୋଲାଯିବାରେ ତାଙ୍କର ଅଗାଢ଼ ପ୍ରଚେଷ୍ଟା, ଅଭୁଲା ଶିକ୍ଷାଦାନ ପ୍ରଣାଳୀ, ପ୍ରତ୍ୟୁତ୍ପନ୍ନମତି ପ୍ରତିଭା ଓ ପ୍ରଜ୍ଞାର ପାରଦର୍ଶିତାକୁ ଉପସ୍ଥାପିତ କରିଥିଲେ। ବିଦାୟୀ ଅଧକ୍ଷ ଶ୍ରୀ ପ୍ରଧାନ ତାଙ୍କ ସମ୍ବର୍ଦ୍ଧନାର ଉତ୍ତରରେ କହିଥିଲେ କି - "ଭାରତବର୍ଷର ଭାଗ୍ୟ ଯଦି ତା'ର ଶ୍ରେଣୀଗୃହରେ ନିର୍ମିତ ହୋଇଥାଏ ବୋଲି ଯେଉଁ ଆପ୍ତବାକ୍ୟ ଦାର୍ଶନିକ କଥା ରହିଛି - ସେଇ କ୍ଷେତ୍ରରେ ମୁଁ ଗୁଣ୍ଡୁଚି ମୂଷା ଭାବେ ଦକ୍ଷତା ଓ ଶୃଙ୍ଖଳାର ସହ କାର୍ଯ୍ୟ କରିଛି ବୋଲି ଭାବୁଥାନ୍ତି, ତେବେ ଆପଣମାନଙ୍କ ଠାରେ ମୁଁ ଚିର ଋଣୀ।

# ଫକୀର ମୋହନ ପୁରାତନ ଛାତ୍ର ସଂସଦ ପକ୍ଷରୁ ଶୋକସଭା ଆୟୋଜିତ

ପୁରୀ, ୧୦/୨ (ନି.ପ୍ର): ଫକୀର ମୋହନ ଆଲୁମ୍ନି ପକ୍ଷରୁ ଆଲିମ୍ନି କୋଠରୀରେ ଏକ ଶୋକସଭା ଅନୁଷ୍ଠିତ ।ହୋଇଯାଇଛି। ଅଲୁମ୍ନି ର ସଦସ୍ୟଙ୍କ ଦ୍ୱାରା ଆଲୁମ୍ନୀ ର ସଦସ୍ୟ ତଥା ଉପ ସଭାପତି ଅନସୁୟାଙ୍କ ଜାମାତା ସ୍ୱର୍ଗତ ଅରୁଣ କୁମାର ନାୟକ ଙ୍କ ୩୧ ଜାନୁଆରି ମାସ ରେ ଅକାଳ ବିୟୋଗ ହୋଇଯାଇଥିଲା। ସେ ବୃକକ ଜନିତ ରୋଗରେ ପୀଡ଼ିତ ଥିଲେ। ସଦସ୍ୟ ମାନେ ସ୍ୱର୍ଗତ ଅରୁଣ କୁମାର ନାୟକଙ୍କ ଆତ୍ମାର ସଦ୍ଗତି ପାଇଁ ନୀରବ ପ୍ରାର୍ଥନା ସହିତ ତାଙ୍କର ବହୁବିଧ ପ୍ରତିଭା ଉପରେ ବକ୍ତବ୍ୟ ରଖିଥିଲେ। ତାଙ୍କ ଶୋକ ସନ୍ତପ୍ତ ପରିବାରକୁ ଶାନ୍ତ୍ୱନା ପୂର୍ବକ ସମବେଦନା ଜଣାଇବା ସହିତ ସ୍ୱର୍ଗତ ଅରୁଣ କୁମାରଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ପ୍ଲାଷ୍ଟିକ ପାଣି ଜାରରେ ରହୁନି ପ୍ରସ୍ତୁତି ଓ ଅତିକ୍ରାନ୍ତ ତାରିଖ: ପ୍ରଶାସନର ଚଢାଉ ଦାବି

ଜୟପୁର , ୧୦/୨ (ନି.ପ୍ର): କୋରାପୁଟ ଜିଲା ସହ ଜୟପୁର ସହରରେ ତଥା ଏହାର ଆଖପାଖ କେତେକ ଅଞ୍ଚଳରେ ବିଗତ କିଛି ମାସ ହେଲା ପାଣି ଜାର ଓ ପାଣି ବୋତଲ କାରବାର ଦିନକୁ ଦିନ ବଢି ଚାଲିଥିବା ବେଳେ ରହୁ ନାହିଁ ଅତିକ୍ରାନ୍ତ ତାରିଖ ପ୍ରଶାସନ ଚଢାଉ କରିବାକୁ ଦାବି ହୋଇଛି । ପାଣିବେପାର ପ୍ରାୟତଃ ଏକ ଲାଭଜନକ ବ୍ୟବସାୟ ହୋଇଥିବାରୁ ବହୁ ବ୍ୟକ୍ତି ଏହି କାରବାର କରିବା ପାଇଁ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି । କୋରାପୁଟ ଜିଲା ସହ ଜୟପୁର ସହରବାସୀଙ୍କୁ ସରକାରଙ୍କ ପକ୍ଷରୁ ପାଇପ ଲାଇନ ମାଧ୍ୟମରେ ପାନୀୟ ଜଳ ଯୋଗାଣ କରାଯାଉଥିବା ସତ୍ତ୍ୱେ କେତେକ ଅଞ୍ଚଳରେ ପାଣି ବୋତଲ ଓ ପାଣି ଜାର କାରବାର ଦିନକୁ ଦିନ ଜୋର ଧରୁଛି । ମିନେରାଲଯୁକ୍ତ ବିଶୁଦ୍ଧ ପାନୀୟ ଜଳ ନାମରେ ପ୍ରତିଦିନ ଜୟପୁର ଅଞ୍ଚଳରେ ଶହ ଶହ ଲିଟର ପାଣି ଜାରରେ ବିକ୍ରୀ ହେଉଥିବା ବେଳେ ଏହାର ଶୁଦ୍ଧତା ଓ ସ୍ୱଚ୍ଛତା ନେଇ ସାଧାରଣରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହେଉଥିଲା କହିବୁ କାହାକୁ ଶୁଣିବ କିଏ ନ୍ୟାୟରେ ସଚେତନ ନାଗରିକ ଭାଗ୍ୟକୁ ଆଦରି ନୀରବ ରହୁଥିବା ଦେଖିବାକୁ ମିଳୁଛି । ଜୟପୁର ସହର ତଥା ଏହାର ଆଖପାଖ କେତେକ ଅଞ୍ଚଳରେ ବିକ୍ରୀ ହେଉଥିବା କେତେକ ପାଣି ଜାରରେ ପ୍ରସ୍ତୁତ କମ୍ପାନୀର ଲେବେଲ ରହୁନଥିବା ବେଳେ ପ୍ରସ୍ତୁତି ତାରିଖ ଓ ସମୟ ଅତିକ୍ରାନ୍ତ ତାରିଖ ସଂପର୍କରେ ସାମାନ୍ୟ ସୂଚନା ରହୁନଥିବା ଅଭିଯୋଗ ହେଉଛି । ଯାହାରି ଫଳରେ ଜାରରେ ବିକ୍ରୀ ହେଉଥିବା ସେହି ପାଣିବୋତଲର ପାନୀୟ ଜଳକୁ ନେଇ ଯଦି କୌଣସି ସମସ୍ୟା ସୃଷ୍ଟି ହୁଏ ତେବେ ଉତରଦାୟୀ କିଏ ରହିବ ବୋଲି ଏକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଦିନକୁ ଦିନ ଜୟପୁର ଅଂଚଳରେ ପ୍ଲାଷ୍ଟିକ ଜାରରେ ପାଣିବିକ୍ରୀ ଜୋର ଧରୁଥିବା ବେଳେ ଏହାର ଶୁଦ୍ଧତା ଓ ସ୍ୱଚ୍ଛତାକୁ ନେଇ ଯାଂଚ କରିବା ଦିଗରେ ପ୍ରଶାସନିକ ଅଧିକାରୀଙ୍କ ନୀରବତାକୁ ନେଇ ନାନା କଥା ଆଲୋଚିତ ହେଉଛି । ବିଶୁଦ୍ଧ ପାନୀୟ ଜଳ ପାଇଁ ଅଧିକାଂଶ ବ୍ୟକ୍ତି ଏଭଳି ଜାର ପାଣି ଉପରେ ନିର୍ଭର କରୁଥିବା ଜଣାପଡିଛି ।

# ବିଦେଶୀ ଗେମ୍ : ସାବଧାନ ଫୋନରେ ଛକିଛି ମୃତ୍ୟୁ



## ଯୁଧିଷ୍ଠିର ମହାରଣା

ସ୍ମାର୍ଟଫୋନ ଦ୍ୱାରା ଅନେକ କାର୍ଯ୍ୟ ସହଜ ହେଉଛି। ଅନଲାଇନ ସପିଂ ଠାରୁ ପେମେଣ୍ଟ ସବୁକିଛି ଫଟାଫଟ ହୋଇଯାଉଛି। ହେଲେ ଏହା ଯୋଗୁଁ ନକରାତ୍ମକ ଘଟଣାର ତାଲିକା ବି ଲମ୍ୱିବାରେ ଲାଗିଛି। ମୋବାଇଲ ଗେମ ନିଶା ଏବେ ଘାତକ ସାଜିଛି। କହିବାକୁଗଲେ ଖଳନାୟକ ସାଜି ପିତାମାତାଙ୍କ କୋଳ ଉଜାଡ଼ି ଦେଉଛି। ଫୋନରେ ଯେ ମୃତ୍ୟୁ ଛକି ରହିଛି ତାହା ବୁଝିବା ବେଳକୁ ତାହା ସବୁ ଝାରଖାର ହୋଇଯାଉଛି। ମୋବାଇଲ ଗେମ ପାଇଁ ଉତ୍ତରପ୍ରଦେଶ ଗାଜିଆବାଦରେ ତିନି ନାବାଳିକା ଭଉଣୀ ନଅ ମହଲା କୋଠାରୁ ଡେଇଁ ଆତ୍ମହତ୍ୟା କରିବା ଘଟଣା ପରେ ଓଡ଼ିଶା ପୋଲିସ ଅଭିଭାବକ ମାନଙ୍କୁ ସତର୍କ କରିଛି। ଛୋଟପିଲାଙ୍କୁ ମୋବାଇଲରେ ବିଦେଶୀ ଗେମ ଖେଳୁଥିବାରୁ ସେମାନଙ୍କ ପାଇଁ ତାହା କାଳ ସାଜୁଛି। ତେଣୁ ଗେମ ଦ୍ୱାରା ପରିଚାଳିତ ହୋଇ ସେମାନେ ଆତ୍ମହତ୍ୟା କରୁଛନ୍ତି। ସେଥିପାଇଁ ଛୋଟ ପିଲାଙ୍କୁ ମୋବାଇଲଠାରୁ ଦୂରେଇ ରଖିବାକୁ ପୋଲିସ ଲୋକଙ୍କୁ ବାରଣ କରିଛି। ଅନ୍ୟପଟରେ ଦେଖିବାକୁଗଲେ ସର୍ବପ୍ରଥମେ ପରିବାର ଲୋକ, ଏଥିପ୍ରତି ସଚେତନ ରହିବା ଦରକାର। ପରିବାର ଲୋକ ଶିଶୁଙ୍କୁ ସମୟ ଦେବା ସହ ମୋବାଇଲ ଠାରୁ ଦୂରେଇ ରଖିବା ଦରକାର। ଏଥିସହ ସ୍କୁଲ ଓ କଲେଜରେ ସ୍ୱତନ୍ତ୍ର କାଉନସେଲିଂର ବ୍ୟବସ୍ଥା ରାଜ୍ୟ ସରକାର କରିବା ମଧ ଜରୁରୀ ହୋଇପଡ଼ିଛି।

ଧୀରେ ଧୀରେ ମୋବାଇଲ ପିଲାଙ୍କ ନିଶା ପାଲଟିଗଲାଣି। ଏମିତିରେ ଯେତେବେଳେ ପିଲାଙ୍କ ଠାରୁ ମୋବାଇଲ ଛଡ଼ାଇ ନିଆଯାଉଛି, ସେତେବେଳେ ସେମାନେ ରାଗି ଯାଉଛନ୍ତି। ସେମାନଙ୍କ ଠାରେ ଅସ୍ୱାଭାବିକ ଆଚରଣ ଦେଖିବାକୁ ମିଳୁଛି। ଅନେକ କ୍ଷେତ୍ରରେ ପିଲାଙ୍କୁ ମୋବାଇଲ ଠାରୁ ବାରଣ କଲେ ସେମାନେ ଆତ୍ମହତ୍ୟା କରୁଛନ୍ତି। ବିଶେଷକରି ରାଜଧାନୀରେ ଗୋଟିଏ ବର୍ଷରେ ୧୬ଜଣ ପିଲା ମୋବାଇଲ ବ୍ୟବହାର ବାରଣ ଯୋଗୁ ଆତ୍ମହତ୍ୟା କରିଛନ୍ତି। ମୋବାଇଲ ଗେମ ପାଇଁ ଉତ୍ତରପ୍ରଦେଶ ଗାଜିଆବାଦରେ ତିନି ନାବାଳିକା ଭଉଣୀ ନଅ ମହଲା କୋଠାରୁ ଡେଇଁ ଆତ୍ମହତ୍ୟା କରିବା ଘଟଣା ଏବେ ଅଭିଭାବକଙ୍କସହ ସରକାରଙ୍କୁ ମଧ ଚିନ୍ତାରେ ପକାଇଛି। ସାଇବର ବିଶେଷଜ୍ଞ ଅଭିନାଶ ଗୁରୁଙ୍କ କହିବା ଅନୁସାରେ, ପିଲାଙ୍କ ଉପରେ ପରିବାରଲୋକ ନଜର ରଖିବାର ଆବଶ୍ୟକତା ରହିଛି। ଛୁଆମାନେ ଯେତେ କମ ମୋବାଇଲ ବ୍ୟବହାର କରିବେ ସେତେ ଭଲ। ଛୋଟ ପିଲା ବ୍ୟବହାର କରୁଥିବା ମୋବାଇଲରେ ଫ୍ୟାମିଲ ଲିଙ୍କ ଆପ୍ ଡାଉନଲୋଡ୍ କରିବା ଦରକାର। ଫଳରେ ଯଦି ପିଲାମାନେ କିଛି ଆପ ଡାଉନଲୋଡ୍ କରିବେ ତାହାର ନୋଟିଫିକେସନ ପରିବାର ଲୋକଙ୍କ ପାଖକୁ ଯିବ। ତେଣୁ ଯଥା ସମ୍ଭବ ପିଲାମାନଙ୍କୁ ମୋବାଇଲ ଠାରୁ ଦୂରରେ ରଖନ୍ତୁ। ମା'ବାପାମାନେ ପିଲାମାନଙ୍କୁ ସମୟ ଦିଅନ୍ତୁ। ଖେଳ, ପେଣ୍ଟିଂ ଆଦି କାର୍ଯ୍ୟରେ ପିଲାଙ୍କୁ ନିୟୋଜିତ କରିବା ଉଚିତ।

ବେଳେବେଳେ ଆର୍ଥିକ କ୍ଷତି ଓ ଅବସାଦ ବି ଏଭଳି ହତ୍ୟା ଓ ଆତ୍ମହତ୍ୟାର କାରଣ ସାଜିଥିବା ନଜିର ରହିଛି। କର୍ଣ୍ଣାଟକରେ ୨୦୨୩ ପରଠାରୁ ୩୨ ଆତ୍ମହତ୍ୟା ଘଟଣା ସାମ୍ନାକୁ ଆସିଛି। ଏଥିରୁ ଅଧିକାଂଶ ଅନଲାଇନ ଜୁଆ ଖେଳ ଘଟଣା ସହ ଜଡ଼ିତ। ଅତ୍ୟଧିକ ସୋସିଆଲ ମିଡ଼ିଆ, ଗେମିଂ ଏବଂ ଷ୍ଟ୍ରିମିଂ ପ୍ଲାଟଫର୍ମ ବ୍ୟବହାର ଯୋଗୁଁ ମଧ ଏଭଳି ନକାରାତ୍ମକ ଘଟଣାମାନ ଘଟୁଛି। ୨୦୧୪ରେ ଦେଶରେ ଇଣ୍ଟରନେଟ ସଂଯୋଗ ୨୫.୫ କୋଟି ଥିଲା, ଯାହା ୨୦୨୪ରେ ୯୬.୯୬ କୋଟିରୁ ବଢ଼ିଛି। ଏବେ ପ୍ରତ୍ୟେକ ପରିବାରରେ ଅତିକମରେ ଗୋଟିଏ ସ୍ମାର୍ଟଫୋନ ଥିବା ରିପୋର୍ଟ କହୁଛି। ତେବେ ମୋବାଇଲ ଫୋନର ବ୍ୟବହାର ଆବଶ୍ୟକ ଅନୁସାରେ ହେବା ଉଚିତ। ଅନଲାଇନ ଗେମ, ଜୁଆ ବା ସୋସିଆଲ ମିଡ଼ିଆର ଅତ୍ୟଧିକ ବ୍ୟବହାର ଘାତକ ସାଜୁଛି। ମୋବାଇଲ ଫୋନରେ ସେ ମୃତ୍ୟୁ ଛକିଛି, ସେଥିପ୍ରତି ବ୍ୟବହାରକାରୀ ସତର୍କ ରହିବା ଜରୁରୀ ବୋଲି ବିଶେଷଜ୍ଞମାନେ ଦର୍ଶାଇଛନ୍ତି।

ଏବେ ଘରେ ଘରେ ପିଲାଙ୍କ ହାତରେ ମୋବାଇଲ ରହିଥିବା ଦେଖିବାକୁ ମିଳୁଛି। ମୋବାଇଲ ନ ଧରିଲେ ଛୋଟ ପିଲା ଖାଉନାହାନ୍ତି। ପିଲାଙ୍କ ହାତରେ ମୋବାଇଲ ଧରାଇ ଦେଇ ଘରକାମରେ ମା'ବାପା ବ୍ୟସ୍ତ ରହୁଛନ୍ତି। ମା'ବାପା ପିଲାଙ୍କୁ ସମୟ ଦେଉନାହାନ୍ତି। ଫଳରେ ସେମାନେ ମୋବାଇଲକୁ ସାଙ୍ଗ କରୁଛନ୍ତି। ପିଲାମାନେ ସେଥିରେ ଗେମ ଖେଳିବାଠାରୁ ଆରମ୍ଭ କରି ଆର୍ଥିକ ଗେମ ମଧ ଖେଳୁଛନ୍ତି। ଟଙ୍କା ହାରିଯିବା ପରେ ମଧ ଅନେକ ପିଲା ଆତ୍ମହତ୍ୟା କରୁଛନ୍ତି। ସେହିପରି ବିଦେଶୀ ଗେମରେ ମଧ ପିଲାଙ୍କ ଆତ୍ମହତ୍ୟା କରିବା ପାଇଁ ଚ୍ୟାଲେଞ୍ଜ ଦେଉଛନ୍ତି। ପିଲା ଗେମରେ ଅଭ୍ୟସ୍ତ ହୋଇଥିବାରୁ ଚ୍ୟାଲେଞ୍ଜକୁ ଆସେପ୍ଟ କରି ଆତ୍ମହତ୍ୟା କରୁଛନ୍ତି। ବର୍ତ୍ତମାନ ପିଲାଙ୍କ ଠାରୁ ମୋବାଇଲ ସମ୍ପୂର୍ଣ୍ଣ ଭାବେ ଦୂରେଇ ହେବନାହିଁ। କାରଣ ସେମାନେ ପାଠପଢ଼ା ଠାରୁ ଅନେକ ଟ୍ୟାକ୍ସ ମୋବାଇଲ ମାଧ୍ୟମରେ କରୁଛନ୍ତି। ତେଣୁ ମା'ବାପା ସେମାନଙ୍କ ସହ ଯୋଡ଼ିହୋଇ ରହିଲେ ସେମାନେ ଭୁଲ ରାସ୍ତାକୁ ଯାଇ ପାରିବେନାହିଁ।

+ଆଇନଜୀବୀ, ଓଡ଼ିଶା
ହାଇକୋର୍ଟ, କଟକ,
ମୋ : ୯୪୩୭୧୬୩୫୨୮

# ଜୁଭେନାଇଲ ଜଷ୍ଟିସ ବୋର୍ଡ ବାଟବଣା !



## ସୌଭାଗ୍ୟ ରଂଜନ ମହାନ୍ତି

ଏହା ନିସନ୍ଦେହ ଯେ, ଦେଶରେ ବାଳ ଅପରାଧ ବୃଦ୍ଧି ଏବେ କେବଳ ଅଭିଭାବକମାନଙ୍କ ପାଇଁ ନୁହେଁ, ପ୍ରଶାସନ ପାଇଁ ମୁଣ୍ଡ ବ୍ୟାଥାର କାରଣ ହୋଇଛି। ଦିନକୁ ଦିନ ନାବାଳକମାନଙ୍କ ମଧ୍ୟରେ ଅପରାଧ ପ୍ରବଣତା ବୃଦ୍ଧି ପାଇବାରେ ଲାଗିଛି। ନିକଟରେ ଆମ ରାଜ୍ୟରେ ଜଣେ ନବମ ଶ୍ରେଣୀର ଛାତ୍ରୀ ଟିଉସନରୁ ଫେରିବା ସମୟରେ ତା'ର ପାଂଚଜଣ ସହଯୋଗୀ ଯେଉଁମାନେ କି ନାବାଳକ, ତାଙ୍କୁ ଅପହରଣ କରି ନେଇ ଗଣଦୁଷ୍କର୍ମ କରିବା ଘଟଣା ସମଗ୍ର ରାଜ୍ୟରେ ଚାଂଚଲ୍ୟ ସୃଷ୍ଟି କରିଛି। ସେହିପରି କେଉଁଠି ଦଶମ ଶ୍ରେଣୀ ଛାତ୍ରର ଛୁରାମାଡରେ ନବମ ଶ୍ରେଣୀ ଛାତ୍ର ଆହତ ହେଲାଣି ତ କେଉଁଠି ଅଷ୍ଟମ ଶ୍ରେଣୀ ଛାତ୍ରର ବ୍ୟାଗରୁ ବନ୍ଧୁକ ଜବତ ହେଲାଣି, ଏହା ହେଉଛି ବାଳ ସୁଲଭ ଅପରାଧର ଗୋଟିଏ ଗୋଟିଏ ଉଦାହରଣ। କେବଳ ଏତିକି ନୁହେଁ, ହତ୍ୟା, ଚୋରୀ, ଡକାୟତ, ବଳାତ୍କାର ଛିନତାଇ, ମାରପିଟ ଆଦି ଘଟଣାରେ ନାବାଳକମାନଙ୍କର ସମ୍ପୃକ୍ତ ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ନାବାଳକମାନଙ୍କୁ ଅପରାଧରୁ ଦୂରେଇ ରଖିବା ତଥା ବାଳ ସୁଧାର ପାଇଁ ପିଲାମାନଙ୍କୁ ଆଇନଗତ ବିବାଦରୁ ସ୍ୱତନ୍ତ୍ର ତଥା ପୃଥକ ରଖିବା ଲକ୍ଷ୍ୟ ନେଇ ଏକ ଦଶନ୍ଧି ପୂର୍ବେ ଦେଶରେ ବାଳ ସୁଧାର ନ୍ୟାୟା (କେୟାର ଆଣ୍ଡ ପ୍ରୋଟେକସନ ଚିଲଡ୍ରେନ) ଆଇନ-୨୦୧୫ ପ୍ରଣୟନ କରାଯାଇଥିଲା। ମାତ୍ର ଏହି ଆଇନ ପ୍ରଣୟନ ହେବାର ୧୦ବର୍ଷ ପରେ ଆଇନଗତ ଉଦ୍ଦେଶ୍ୟ ବା ଲକ୍ଷ୍ୟ ଏବଂ ଏହାର କାର୍ଯ୍ୟକାରିତା ମଧ୍ୟରେ ଗୁରୁତର ପାର୍ଥକ୍ୟ ପରିଲିଖିତ ହୋଇଛି। ଇଣ୍ଡିଆ ଜଷ୍ଟିସ ରିପୋର୍ଟରେ ଏହି ତଥ୍ୟ ସଂକେତ ପ୍ରଦାନ କରିଛି। ଆଇନ ଏବଂ ବାଳସୁଧାର ନ୍ୟାୟା ମଧ୍ୟରେ ବିବାଦ ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ସମଗ୍ର ଦେଶବ୍ୟାପୀ ରିପୋର୍ଟ ସଂଗ୍ରହ ଲାଗି ୨୫୦ରୁ ଉର୍ଦ୍ଧ୍ୱ ସାମାଜିକ କର୍ମୀ ତଥ୍ୟ ଜାଣିବାର ଅଧିକାର ଆଇନ ବଳରେ ଆବେଦନ କରିଥିଲେ ମଧ ରିପୋର୍ଟ ସମ୍ପୂର୍ଣ୍ଣ ହୋଇପାରିନଥିବା କୁହାଯାଏ। ଜୁଭେନାଇଲ ଜଷ୍ଟିସ ମାମଲାଗୁଡିକ ପାଇଁ ଦେଶରେ କୌଣସି କେନ୍ଦ୍ରୀୟ ସଂସ୍ଥା ବା ଗନ୍ଥାଘର ନଥିବା ଯୋଗୁ ପୂର୍ଣ୍ଣାଙ୍ଗ ତଥ୍ୟ ମିଳିପାରିନାହିଁ। ତେବେ ୨୦୨୩ ଅକ୍ଟୋବର ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ ଦେଶରେ ୫୦ହଜାରରୁ ଉର୍ଦ୍ଧ୍ୱ ପିଲା ନ୍ୟାୟା ଅପେକ୍ଷାରେ ଅଛନ୍ତି। ଯାହାକି ଜୁଭେନାଇଲ ଜଷ୍ଟିସର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି ବୋଲି କୁହାଯାଇପାରେ। ପିଲାମାନଙ୍କୁ ପ୍ରାପ୍ତବୟସ୍କ ଅପରାଧିଙ୍କ ପରି ଦୀର୍ଘକାଳ ବିଚାରାଧୀନ କଏଦୀ ଭାବେ ବ୍ୟବହାର କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଏକ ମହତ ଉଦ୍ଦେଶ୍ୟ ତଥା ପିଲାମାନଙ୍କୁ ଅପରାଧ କବଳରୁ ମୁକ୍ତ ରଖି ସୁସ୍ଥ ନାଗରିକ ଭାବେ ଗଢିତୋଳିବା ନେଇ ଆଇନରେ ମୁଖ୍ୟ ଉଦ୍ଦେଶ୍ୟ ଥିବାବେଳେ ତାହା ବ୍ୟର୍ଥ ପ୍ରମାଣିତ ହୋଇଛି। କହିବା ବାହୁଲ୍ୟ ଯେ, ନ୍ୟାୟା ପ୍ରଦାନରେ ମନ୍ଥରତା ଆମ ଦେଶରେ ଏବେ ଏକ ପ୍ରଚଳିତ ନୀତି ବା ପରମ୍ପରାରେ ପରିଣତ ହୋଇଛି। ବାଳ ସୁଧାର ପାଇଁ ଦେଶରେ ପ୍ରଥମ ଥର ପାଇଁ ୧୯୮୬ ମସିହାରେ ଜୁଭେନାଇଲ ଜଷ୍ଟିସ ଆକ୍ଟ ପ୍ରଣୟନ ହୋଇଥିବାବେଳେ ୨୦୧୫ରେ ଏହାର ସଂଶୋଧନ କରି ଆଇନକୁ ସକ୍ରୀୟ ଓ ଫଳପ୍ରଦ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ନିଷ୍କ୍ରିୟତା ତଥା ମନ୍ଥରତା ଯୋଗଁ ଦେଶରେ କେବଳ ଆଇନର ଉଦ୍ଦେଶ୍ୟ ସାଧିତ ହୋଇନାହିଁ, ବରଂ ବାଳ ଅପରାଧ ଘଟଣାମାନ ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି)ର ତଥ୍ୟ ଅନୁଯାୟୀ ଦେଶରେ ୨୦୨୩ରେ ୩୭,୪୪୪ଟି ବାଳ ଅପରାଧ ଘଟଣା ଘଟିଥିବା ବେଳେ ୩୧,୧୭୦ ମାମଲା ରୁଜୁ ହୋଇଥିଲା, ଯାହାକି ପୂର୍ବବର୍ଷ ତୁଳନାରେ ୪.୭ ପ୍ରତିଶତ ଅଧିକ। ୨୦୨୨ରେ ଦେଶରେ ୩୦,୫୫୫ଟି ମାମଲା ଘଟିଥିବା ରିପୋର୍ଟରେ କୁହାଯାଇଛି। ଏହା କହିବା ଯଥେଷ୍ଟ ସହଜ ନୁହେଁ ଯେ, ଏହି ବ୍ୟବସ୍ଥା ଏବେ ସଂଗ୍ରାମ କରୁଛି। ମନେ ରଖିବାକୁ ହେବ, ଯେକୌଣସି ବ୍ୟବସ୍ଥା ମଣିଷ ଦ୍ୱାରା ପରିଚାଳିତ ହୋଇଥାଏ ଏବଂ ଏହା ଯଦି ପିଲାଙ୍କୁ ବିଫଳ କରେ, ତେବେ ଏହା ପଛରେ ପ୍ରଶାସନିକ ବ୍ୟବସ୍ଥା ରହିଥିବା କୁହାଯିବ। ଦେଶରେ ଥିବା ୪୭୦ଟି ଜୁଭେନାଇଲ ଜଷ୍ଟିସ ବୋର୍ଡ ମଧ୍ୟରୁ ୧୧୧ଟି ରେ ଜଣେ ମୁଖ୍ୟ ମାଜିଷ୍ଟ୍ରେଟ ଏବଂ ଦୁଇଜଣ ସାମାଜିକ କର୍ମୀ, ୩୦ପ୍ରତିଶତ ବୋର୍ଡରେ ଆଇନଗତ ସେବାକ୍ଲିନିକ୍, ୮୦ ପ୍ରତିଶତ ବୋର୍ଡରେ ବାଳ ସୁଧାର ଗୃହ ବାଧତାମୂଳକ ଥିବା ୧୯୯୨ ସିସିଆଇଙ୍କ ମଧ୍ୟରୁ ମାତ୍ର ୮୧୦ ଥିବା ଜଣାଯାଏ, ଏଥିପାଇଁ ରାଜ୍ୟ ସରକାର ଏବଂ ଜୁଭେନାଇଲ ଜଷ୍ଟିସ ବ୍ୟବସ୍ଥା ତଦାରଖ କରୁଥିବା କର୍ତୃପକ୍ଷ ସମାନ ଭାବରେ ଦାୟୀ ବୋଲି କୁହାଯାଇପାରିବ। ଯେଉଁଥିପାଇଁ କି ଜୁଭେନାଇଲ ଜଷ୍ଟିସ ବୋର୍ଡ ଏବେ ବାଟବଣା ହୋଇଛି।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ: ୯୪୩୭୯୯୪୩୭୯

# 'ଭୀମ ଆର୍ମି'ର ସାମାଜିକ ସଂକଳ୍ପ

## ଅଧ୍ୟାପକ ଗୋପବନ୍ଧୁ

'ଭୀମ ଆର୍ମି' ଏକ ବହୁଚର୍ଚ୍ଚିତ ରାଷ୍ଟ୍ରୀୟ ସଂଗଠନ। କ୍ରମେ ଏହି ସଂଗଠନ ଉପରେ ଏକ ବିଶାଳ ସମୁଦାୟର ଆଶା ଓ ଭରସା ବଢ଼ିବାରେ ଲାଗିଛି। ଏ ସଂଗଠନ ତାଙ୍କ ସୁରକ୍ଷା କବଚ ଭାବେ ଉଭା ହୋଇଛି। ପ୍ରତ୍ୟେକ ରାଜ୍ୟରେ ସଂଗଠନର ଶାଖା ଖୋଲା ହେଉଛି। କେତେକ ସ୍ଥାନରେ ଏହାର ପ୍ରସାରଣ ଗ୍ରାମ ପର୍ଯ୍ୟନ୍ତ ପହଁଞ୍ଚି ଯାଇଛି। ଯୁବକ ଓ ଛାତ୍ରମାନେ ବିଶେଷଭାବେ ଏହି ସଂଗଠନ ପ୍ରତି ଆକୃଷ୍ଟ ହେଉଛନ୍ତି। ଏତେ ଅଳ୍ପ ସମୟ ମଧ୍ୟରେ ସଂଗଠନର କାୟା ବିସ୍ତାର ସାମାଜିକ ସଂଗ୍ରାମର ସମ୍ଭାବିତ ରୂପରେଖକୁ ସୂଚୀତ କରୁଛି। ଅନେକଙ୍କ ଧାରଣା ଥିଲା ଯେ ଉତ୍ତର ପ୍ରଦେଶର ଦଳିତ ସମାଜର ସ୍ୱାର୍ଥ ସାଧନ ପାଇଁ ଏ ସଂଗଠନ ଗଠିତ ହୋଇଛି। କିନ୍ତୁ ଏବେ ଏହା ଆଉ ଉତ୍ତର ପ୍ରଦେଶରେ ସିମୀତ ହୋଇ ରହି ନାହିଁ। ଏହାର ସଂଗଠନ ସମସ୍ତ ରାଜ୍ୟକୁ ବିସ୍ତାରିତ ହୋଇଛି। ପୁଣି ଏହା ଆଉ ଦଳିତମାନଙ୍କ ମଧ୍ୟରେ ସୀମିତ ରହି ନାହିଁ। ତାଙ୍କ ସହିତ ଆଦିବାସୀ, ଅନ୍ୟାନ୍ୟ ପଛୁଆବର୍ଗ ଓ ସଂଖ୍ୟାଲଘୁମାନେ ବହୁ ସଂଖ୍ୟାରେ ଏଥିରେ ଯୋଗ ଦେବାର ଦେଖାଯାଉଛି।

ଭୀମ ଆର୍ମି ସମ୍ୱନ୍ଧରେ ଆଲୋଚନା କଲା ବେଳେ ଏହାର ପ୍ରତିଷ୍ଠାତା ଚନ୍ଦ୍ରଶେଖର ଆଜାଦ(ସାଂସଦ)ଙ୍କ ସମ୍ୱନ୍ଧରେ ଆଲୋଚନା ବିନା ଏହା ସ୍ୱୟଂସମ୍ପୂର୍ଣ୍ଣ ହେବ ନାହିଁ। ସେ ଜଣେ କୋଟର ଆମ୍ବେଦକରବାଦୀ ଓ କାଂଶୀରାମଙ୍କ ରାଜନୈତିକ ସଂଘର୍ଷର ଅନୁଗାମୀ। ତାଙ୍କ ବିଚାରରେ ଅନବରତ ସଂଘର୍ଷ ଦ୍ୱାରା ସମ୍ମାନ ଓ ଅଧିକାର ପ୍ରାପ୍ତ ହେବ। ସେ ଜାତିବାଦୀ ସାମାଜିକ ବ୍ୟବସ୍ଥାର ସମର୍ଥକ ନୁହଁନ୍ତି। ସମତା ଓ ଭାଇଚାରା ଉପରେ ପ୍ରତିଷ୍ଠିତ ଏକ ନ୍ୟାୟପୂର୍ଣ୍ଣ ସମାଜର ସେ ପରିକଳ୍ପନା କରନ୍ତି। ତାଙ୍କ ବିଶ୍ୱାସ ଯେ ଦଳିତ, ଆଦିବାସୀ, ପଛୁଆବର୍ଗ ଓ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ପାତର-ଅନ୍ତରକୁ ରୋକିବା ପାଇଁ ହେଲେ ଏକ ଯୁବ ଓ ଲଢୁଆ ସଂଗଠନର ଆବଶ୍ୟକତା ରହିଛି। ଯେଉଁମାନେ ପୋଲିସର ଲାଠି ଓ ଗୁଳିକୁ ଭୟ ନକରି ସଂଘର୍ଷ କରିବେ। ଆବଶ୍ୟକ ହେଲେ ଜେଲ୍ ମଧ ଯିବେ। ପଛଘୁଞ୍ଚା ଦେବେ ନାହିଁ। ଅଧିକାର, ନ୍ୟାୟ ଓ ଆତ୍ମସମ୍ମାନ ହାସଲ ପାଇଁ ଅନବରତ ଲଢିବେ। ଆମ୍ବେଦକରଙ୍କ ମିଶନକୁ ଆଗକୁ ନେବେ।

ଏ ସମସ୍ତ ପାଇଁ ରାଜନୈତିକ ଶକ୍ତିର ମଧ୍ଯ ଆବଶ୍ୟକତା ରହିଛି। ରାଜନୈତିକ କ୍ଷମତା ଦଖଲ କରିଆରେ ସମତାଭିତ୍ତିକ ସମାଜ ଗଠନ ସମ୍ଭବପର। ତେଣୁ ଏପରି ସାମାଜିକ ଆନ୍ଦୋଳନ ରାଜନୀତି ସହିତ ଜଡିତ ହେବା ଅନିବାର୍ଯ୍ୟ। ଦଳିତ, ନିଷ୍ପେଶିତ ଓ ଅନଗ୍ରସର ସମାଜକୁ ଆଗକୁ ନେବାପାଇଁ ହେଲେ ଜାଗୃତି ଓ ପ୍ରୟାସ ଜରୁରୀ। ଏଥିପାଇଁ ଶିକ୍ଷାର ବିକାଶ, ନିଶାନିବାରଣ, ଆର୍ଥିକ ବିକାଶ ଓ ପରିଷ୍କାର-ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେବାକୁ ହେବ। ସାମାଜିକ ପରିବର୍ତ୍ତନ ପାଇଁ ସମ୍ପୂର୍ଣ୍ଣ କ୍ରାନ୍ତିର ଆବଶ୍ୟକତା ରହିଛି। ଦୃଢ ସଂଗଠନ ଓ ପାରଦର୍ଶୀ ନେତୃତ୍ୱ କରିଆରେ ସଫଳତା ହାସଲ କରାଯାଇ ପାରିବ। ସାମାଜିକ ପରିବର୍ତ୍ତନ କରିଆରେ ଏକ ସମତାଭିତ୍ତିକ ସମାଜ ଗଠନ ତାଙ୍କ ସଂଘର୍ଷର ମୂଳ ଲକ୍ଷ୍ଯ। ରାଜନୀତି କେବଳ ଏକ ମାଧ୍ୟମ ମାତ୍ର। ତେଣୁ ଦୃଢ଼ ସାମାଜିକ ସଂଗଠନ ସହିତ ଦୃଢ଼ ରାଜନୈତିକ ମଞ୍ଚର ଆବଶ୍ୟକତା ରହିଛି। ଏଦିଗରେ ବାବାସାହେବ ଦେଇଥିବା ତିନୋଟି ମନ୍ତ୍ରର ସଫଳ ରୂପାୟନ ଜରୁରୀ। ତାହା ହେଉଛି ଶିକ୍ଷିତ ହେବା, ସଂଘର୍ଷ କରିବା ଓ ସଂଗଠିତ ହେବା। ଭୀମ ଆର୍ମି ଏହାକୁ ସଫଳ କରିବାକୁ ଚାହେଁ।

ସମସ୍ତ ରାଜନୈତିକ ଦଳଠାରୁ ଦୁରେଇ ନିଜ ସହଯୋଗୀଙ୍କ ସହିତ ମିଶି ୨୦୧୫ ମସିହାରେ ଚନ୍ଦ୍ରଶେଖର ଏକ ଯୁବ ଓ ଲଢୁଆ ସଂଗଠନ ଗଠନ କରନ୍ତି, ଯାହାର ନାମ ରଖନ୍ତି 'ଭୀମ ଆର୍ମି'। ଡ.ଭୀମ ରାଓ ଆମ୍ବେଦକରଙ୍କ ନାମ ଅନୁସାରେ ଏହା ଭୀମ ଆର୍ମି। ଏହାର ଲକ୍ଷ୍ୟ ହେଉଛି ଡ.ଆମ୍ବେଦକରଙ୍କ ସାମାଜିକ ସଂଗ୍ରାମକୁ ଆଗେଇ ନେବା ସହିତ ଜାତିଗତ ଅତ୍ୟାଚାରକୁ ପ୍ରତିରୋଧ କରିବା। ଏହା ସହିତ ଗାଁ ଗାଁରେ ସ୍କୁଲ ଖୋଲି ପିଲାମାନଙ୍କୁ ବିନା ପାରିଶ୍ରମିକରେ ପାଠ ପଢ଼ାଇବା, ଗରୀବ ପିଲାଙ୍କୁ ଖାତା-ବହି ଯୋଗାଇ ଦେବା, ନିଶାନିବାରଣ ପାଇଁ ସଚେତନତା ସୃଷ୍ଟି କରିବା, ଛୋଟ ଛୋଟ ବ୍ୟବସାୟ କରିବା ପାଇଁ ପ୍ରୋତ୍ସାହିତ କରିବା ଓ ରାଜନୈତିକଭାବେ ସଚେତନ କରିବା। ଭୀମ ଆର୍ମିର ଆଦର୍ଶରେ ଅନୁପ୍ରାଣିତ ହୋଇ ଉତ୍ତର ପ୍ରଦେଶର ଅନେକ ଛାତ୍ର ଓ ଯୁବକ ଏହି ସଂଗଠନ ସହିତ ଜଡିତ ହୁଅନ୍ତି। କ୍ରମେ ଏହା ଏକ ବଳିଷ୍ଠ ସଂଗଠନରେ ପରିଣତ ହୁଏ। ରାଜ୍ୟରେ ଚନ୍ଦ୍ରଶେଖରଙ୍କ ସ୍ୱତନ୍ତ୍ର ପରିଚୟ ତିଆରି ହୁଏ। ୨୦୨୦ ମସିହାରେ ସେ ଗଠନ କରନ୍ତି ଏକ ନୂତନ ରାଜନୈତିକ ଦଳ ଆଜାଦ୍ ସମାଜ ପାର୍ଟି(ଏଏସପି)। ଏହା ଭୀମ ଆର୍ମିର ଛାମୁଆ ରାଜନୈତିକ ଦଳ। ୨୦୨୪ ମସିହାରେ ସେ ନାଗିନା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି




ବିପୁଳ ଭୋଟରେ ବିଜୟୀ ହୁଅନ୍ତି।

ଭୀମ ଆର୍ମିର ଜନାଧାର ବଢୁଛି। ଭୀମ ଆର୍ମି ଉତ୍ତର ପ୍ରଦେଶର ଗାଁ ଗଣ୍ଡାରେ ପହଞ୍ଚି ସାରିଛି। ସାଧାରଣ ଜନତା ଏହି ସଂଗଠନକୁ ବିଶ୍ୱାସ କରିବା ଆରମ୍ଭ କରିଛନ୍ତି। ତାଙ୍କ ସଂଗଠନ କେବଳ ଉତ୍ତର ପ୍ରଦେଶରେ ସୀମିତ ନାହିଁ। ଅନ୍ୟାନ୍ୟ ରାଜ୍ୟମାନଙ୍କରେ ମଧ୍ଯ ବିସ୍ତାରିତ ହେଉଛି। ଅନେକ ପ୍ରବାସୀ ଭାରତୀୟ ତାଙ୍କ ଅନୁଗାମୀ ଅଟନ୍ତି। ନେପାଳରେ ମଧ ସଂଗଠନ ପରିବ୍ୟାପ୍ତ ହେଉଛି। ନୀକଟରେ ସେ ଆମେରିକା ଓ ଦୁବାଇ ଯାଇ ପ୍ରବାସୀ ଭାରତୀୟଙ୍କୁ ଭେଟି ଆସିଛନ୍ତି। କେବଳ ଦଳିତ ଭୋଟ୍ ଉପରେ ନିର୍ଭରକରି ବେଶୀ ଆଗକୁ ଯାଇହେବ ନାହିଁ ବୋଲି ସେ ଜାଣିଛନ୍ତି। ଏଥିପାଇଁ ତାଙ୍କୁ ଅନ୍ୟ ବର୍ଗ ଉପରେ ନିର୍ଭର କରିବାକୁ ପଡ଼ିବ। ସେ ସଂଖ୍ୟାଲଘୁମାନଙ୍କ ସହିତ ସମ୍ପର୍କକୁ ଦୃଢ କରିବାରେ ଲାଗିଛନ୍ତି। ସାମାଜିକ ନ୍ୟାୟ କଥା କହି ଓ ସମାନ ଭାଗୀଦାରୀ କଥା ଉଠାଇ ଓବିସିମାନଙ୍କୁ ନିଜ ଆଡକୁ ଟାଣିବାକୁ ଚେଷ୍ଟା କରୁଛନ୍ତି। ଏହା ସହିତ ନାରୀମାନଙ୍କ ସମସ୍ୟା, କୃଷକ-ଶ୍ରମିକ ସମସ୍ୟା ତଥା ରାଷ୍ଟ୍ରୀୟ ପ୍ରସଙ୍ଗମାନ ଉଠାଇ ସମସ୍ତଙ୍କ ବିଶ୍ୱାସଭାଜନ ହେବାପାଇଁ ଚାହୁଁଛନ୍ତି। ସମସ୍ତଙ୍କୁ ନେଇ ବ୍ୟବସ୍ଥା ପରିବର୍ତ୍ତନ ପାଇଁ ଏକ ବ୍ୟାପକ ଜନ ଆନ୍ଦୋଳନ ତିଆରି କରିବା ଲକ୍ଷ୍ୟରେ ସେ ଅଛନ୍ତି। ଏଦିଗରେ ସେ କାମ ଆରମ୍ଭ କରିଛନ୍ତି। ସମସ୍ତ ବର୍ଗର ଲୋକଙ୍କ ଅଧିକାର ଓ ସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି। ସମସ୍ତଙ୍କ ମଧ୍ୟରେ ଭାଇଚାରା ସ୍ଥାପନ ପାଇଁ ଉଦ୍ୟମ କରୁଛନ୍ତି। ଏଦିଗରେ ଲକ୍ଷାଧିକ ଭୀମସୈନିକ କାମରେ ଲାଗିଛନ୍ତି।

ଭୀମ ଆର୍ମି ଏବେ ଦଳିତ, ନିଷ୍ପେଶିତ ଓ ଅନଗ୍ରସର ସମାଜର ରକ୍ଷାକବଚ ବୋଲି ଅନେକେ ଅନୁଭବ କରୁଛନ୍ତି। ଯେଉଁଠାରେବି ଧାର୍ମିକ ଓ ଜାତିଗତ କାରଣରୁ ଏମାନଙ୍କ ଉପରେ ଅତ୍ୟାଚାର ହୋଇଛି ସେଠାରେ ଭୀମ ଆର୍ମି ସାମନାରେ ଛିଡା ହୋଇଛି। ପ୍ରତିବାଦ ଓ ପ୍ରତିରୋଧ କରିଛି, ଆନ୍ଦୋଳନକୁ ଓହ୍ଲାଇଛି। ପୀଡ଼ିତ ପରିବାର ଓ ସମାଜକୁ ନ୍ୟାୟ ପ୍ରଦାନ ପାଇଁ ଲଢିଛି। ଏହା ସହିତ ସାମାଜିକ ଓ ରାଷ୍ଟ୍ରୀୟ ସମସ୍ୟା ଗୁଡିକର ସାମ୍ୱିଧାନିକ ସମାଧନ ପାଇଁ ଜନମତ ତିଆରି କରିଛି। ଶିକ୍ଷା ଓ ଆର୍ଥିକ ବିକାଶ ସହିତ ନିଶାନିବାରଣ, ଅନ୍ଧବିଶ୍ୱାସ ଓ କୁସଂସ୍କାରର ଦୂରୀକରଣ ଉପରେ କାର୍ଯ୍ୟକ୍ରମ ଜାରି ରଖି ଲୋକଙ୍କ ସୁଖ ଦୁଃଖର ସାଥି ବନିଛି। ଓଡିଶାରେ ମଧ୍ଯ ଭୀମ ଆର୍ମି ତାର ଉପସ୍ଥିତିକୁ ଜାହିର କରିଛି। ପ୍ରତି ଜିଲ୍ଲାରେ ଏହାର ସଦସ୍ୟମାନେ କାମରେ ଲାଗିଛନ୍ତି। ଯେଉଁଠାରେ ଅତ୍ୟାଚାର ହେଉଛି ସେଠାରେ ଭୀମ ଆର୍ମି ହାଜିର ହୋଇ ଲୋକଙ୍କୁ ସୁରକ୍ଷା ପ୍ରଦାନ କରୁଛି। ସବୁଠାରୁ ବଡକଥା ତାଙ୍କ ମନରେ ନିଜେ ପ୍ରତିରୋଧ କରିବାର ଶକ୍ତିକୁ ଭୀମ ଆର୍ମି ଜାଗ୍ରତ କରୁଛି।

ଅନ୍ୟାୟ ଓ ଅତ୍ୟାଚାରକୁ ରୋକିବା ପାଇଁ ସର୍ବଦା ସରକାର ଓ ପ୍ରଶାସନ ଉପରେ ନିର୍ଭର କଲେ ଚଳିବ ନାହିଁ। କାରଣ ଏପରି କରିବା ଲୋକ ସରକାର ଓ ପ୍ରଶାସନରେ ମଧ ଥାଆନ୍ତି। ତେଣୁ ନିଜର ସୁରକ୍ଷା ଓ ମୌଳିକ ଅଧିକାର ପାଇଁ ଲଢିବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ। ଭୀମ ଆର୍ମି ଦେଶରେ ଏ ସମାଜିକ କର୍ତ୍ତବ୍ୟବୋଧକୁ ବଳିଷ୍ଠ ଓ ସଂଗଠିତ କରୁଛି। ଫଳରେ ଅସଂଖ୍ୟ ବଞ୍ଚିତ, ଶୋଷିତ ଓ ଅତ୍ୟାଚାରୀତ ଲୋକଙ୍କ ହୃଦୟକୁ ଛୁଇଁ ପାରିଛି ଓ ବିକଳ୍ପର ସମ୍ଭାବନାକୁ ଉଦଜିବୀତ କରିଛି।

+ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

# ଜନ୍ମ ହେବାମାତ୍ରେ ଶିଶୁ କାନ୍ଦେ କାହିଁକି ?

## ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ନୂଆ କୁନି ସଦସ୍ୟର ଆଗମନରେ ଘରେ ଖୁସିର ଲହରି ଖେଳିଯାଏ। ତା'ର କୁଆଁ କୁଆଁ କାନ୍ଦ ଘରର ଖାଲିପଣକୁ ଭରିଦିଏ। ହେଲେ କେବେ ଭାବିଛନ୍ତି କି ଶିଶୁ ଜନ୍ମ ହେବାମାତ୍ରେ କାହିଁକି କାନ୍ଦେ? ଏ ସମ୍ପର୍କରେ ଶିଶୁ ସ୍ୱାସ୍ଥ୍ୟ ଭିତ୍ତିକ ଓ ବିଜ୍ଞାନ ସମ୍ୱନ୍ଧୀୟ କାରଣଟି ଉଲ୍ଲେଖ କରୁଛୁ। ଜନ୍ମ ହେବାମାତ୍ରେ ଶିଶୁର କାନ୍ଦିବାକୁ ଅନେକେ ସାଧାରଣ ବୋଲି ଭାବନ୍ତି। ଏହାପଛର କାରଣ ଭୋକ, ଅସହଜାତ ଅବା ଭୟ ବୋଲି ମନେ କରନ୍ତି। ହେଲେ ବିଜ୍ଞାନ କହେ ଏହାପଛରେ ଗଭିର କାରଣ ରହିଛି। ମା ଗର୍ଭରେ ଶିଶୁ ଏକ ସୁରକ୍ଷିତ, ଅନ୍ଧାରୁଆ ଓ ଉଷ୍ମ ପରିବେଶରେ ଥାଏ। ତା'ଚାରିପଟେ ତରଳ ପଦାର୍ଥ ଥାଏ। ଆଉ ତାପମାତ୍ରା ପ୍ରାୟ ୩୭ ଡିଗ୍ରୀ ଥାଏ। ଜନ୍ମ ହେବାମାତ୍ରେ ଶିଶୁ ଏହି ଆରାମଦାୟକ ପରିବେଶରୁ ବାହାରି ହଠାତ୍ ଥଣ୍ଡା ବାୟୁ, ଆଲୋକ ଓ କୋଳାହଳ ଭରା ଦୁନିଆକୁ ପ୍ରବେଶ କରେ। ତେଣୁ ସେ ଅସହଜ ମନେ କରେ। ଆଉ କାନ୍ଦି କାନ୍ଦି ନିଜର ପ୍ରତିକ୍ରିୟା ବ୍ୟକ୍ତ କରେ। ଗର୍ଭରେ ଥିବାବେଳେ ଶିଶୁ ନିଜ ଫୁସଫୁସ ବ୍ୟବହାର କରି ନଥାଏ। ତାକୁ ଯାହା ବି ଅମ୍ଳଜାନ ଆବଶ୍ୟକ ହୁଏ ତାହା ସେ ପ୍ଲାସେଣ୍ଟା ମାଧ୍ୟମରେ ପାଇଥାଏ। ମା'ର ରକ୍ତରେ ଅମ୍ଳଜାନ ଥାଏ ଯାହାକି ପ୍ଲାସେଣ୍ଟା ଓ ଅମ୍ୱଲିକାଲ କଡ଼ ମାଧ୍ୟମରେ ଶିଶୁ ନିକଟରେ ପହଞ୍ଚିଥାଏ। ଗର୍ଭନଳୀ ବା ଅମ୍ୱଲିକାଲ କଡ଼ ଶିଶୁକୁ ଅମ୍ଳଜାନ ପ୍ରଦାନ କରିବାର ଏକ ଜରୁରୀ ମାଧ୍ୟମ କାମ କରିଥାଏ। ଏହା ଯେ କେବଳ ଅମ୍ଳଜାନ ପ୍ରଦାନ କରେ ତାହା ନୁହେଁ, ଖାଦ୍ୟ ଓ ରୋଗରୁ ରକ୍ଷା କରୁଥିବା ଆଣ୍ଟିବଡ଼ି ବି ଶିଶୁକୁ ପ୍ରଦାନ କରିଥାଏ। ତେବେ ଶିଶୁ ଜନ୍ମ ହେବାପରେ ଏହି ପ୍ରକ୍ରିୟ ବନ୍ଦ ହୋଇଯାଏ। ପ୍ରଥମଥର ପାଇଁ କାନ୍ଦିବା ଦ୍ୱାରା ଫୁସଫୁସ ବାୟୁରେ ଭରେ। ଆଉ ଅମ୍ଳଜାନ ରକ୍ତକୁ ପହଞ୍ଚିବାକୁ ଲାଗେ। ଯାହାକି ଏକ ନୂଆ ଜୀବନର ସବୁଠାରୁ ମହତ୍ୱପୂର୍ଣ୍ଣ ଆରମ୍ଭ। ଶିଶୁ ଜନ୍ମ ହେବାମାତ୍ରେ ଯଦି କାନ୍ଦେ ତେବେ ଏହା ଜଣାଯାଏ ଯେ, ଶିଶୁଟି ସୁସ୍ଥ ଅଛି। ଆଉ ତା'ର ଫୁସଫୁସ ଏବଂ ଅନ୍ୟ ଅଙ୍ଗ ଠିକ ଭାବେ କାମ କରୁଛି। ଖାସ ଏହି କାରଣ ଯୋଗୁଁ ଶିଶୁ ଜନ୍ମ ପରେ ପରେ କାନ୍ଦିବା ଜରୁରୀ ବୋଲି କୁହାଯାଏ। ଏହାବାଦ ଜନ୍ମ ପ୍ରକ୍ରିୟା ଶିଶୁ ପାଇଁ ଆଦୌ ସହଜ ନୁହେଁ। ଗର୍ଭରୁ ବାହାରିବା ସମୟରେ ତାକୁ ଶାରୀରିକ ଓ ମାନସିକ ଚାପ ଦେଇ ଗତି କରିବାକୁ ପଡ଼େ। କାନ୍ଦିବା ହେଉଛି ଏହି ଚାପରୁ କମ କରିବାର ପ୍ରାକୃତିକ ଉପାୟ। ତା'ସହ ଏହାଦ୍ୱାରା ମସ୍ତିଷ୍କକୁ ଅମ୍ଳଜାନ ବି ପହଞ୍ଚେ। ନର୍ମାଲ ଡେଲିଭରୀରେ ଶିଶୁ ଯେବେ ଜନ୍ମ ଗ୍ରହଣ କରେ ତା'ର ଛାତି ଉପରେ କିଛିଟା ଚାପ ପଡ଼େ। ଯଦ୍ୱାରା ତାର ଫୁସଫୁସରେ ଥିବା ପାଣି ବାହାରିଯାଏ। ଶିଶୁର ଫୁସଫୁସରେ ବାୟୁ ଭରିଯାଏ। ଆଉ ଫୁସଫୁସ କାମ କରିବା ଆରମ୍ଭ କରେ ଓ ଶିଶୁ କାନ୍ଦେ। ଏହି ପ୍ରକ୍ରିୟା ଜନ୍ମ ହେବାର ମାତ୍ର କେଇ ସେକେଣ୍ଡରେ ହୁଏ। ଆଉ ଶିଶୁ ପ୍ରଥମଥର ଶ୍ୱାସକ୍ରିୟା କରେ। ଏହି ନୂଆ ଜୀବନର ଆରମ୍ଭ ପାଇଁ ଏହି ପ୍ରକ୍ରିୟା ନିହାତି ଆବଶ୍ୟକ। ଶିଶୁ କାନ୍ଦିବା ଏହା ସଙ୍କେତ ଦିଏ କି ଶିଶୁର ଫୁସଫୁସ କାମ କରିବା ଆରମ୍ଭ କଲା। ଯଦି ଶିଶୁ ନ କାନ୍ଦେ ତେବେ ଡାକ୍ତର ତୁରନ୍ତ ଚେକ କରନ୍ତି। ହେଲେ ସି-ସେକ୍ସନରେ ଜନ୍ମ ହୋଇଥିବା ସବୁ ଶିଶୁ ତୁରନ୍ତ କାନ୍ଦି ନଥାନ୍ତି। କାରଣ ସାଧାରଣ ପ୍ରସବ ବେଳେ ଯେଉଁ ଚାପ ଶିଶୁ ଉପରେ ପଡ଼େ ତାହା ଏଥିରେ ପଡ଼ି ନଥାଏ। ତେଣୁ ଡାକ୍ତର ମେସିନ ସାହାଯ୍ୟରେ ଶିଶୁର ପାଟି ଓ ନାକ ସଫା କରନ୍ତି। ତାକୁ ଅମ୍ଳଜାନ ପ୍ରଦାନ କରନ୍ତି। ଆବଶ୍ୟକ ହେଲେ ସିପିଆର ବି ଦିଅନ୍ତି। ଯଦି ଶିଶୁ ଜନ୍ମର ତୁରନ୍ତ ପରେ ନ କାନ୍ଦେ ତାହା କିଛି ସ୍ୱାସ୍ଥ୍ୟଗତ ସମସ୍ୟାର ସଙ୍କେତ ଦିଏ। ଯେମିତିକି ଫୁସଫୁସରେ ସମସ୍ୟା, ହୃତପିଣ୍ଡରେ ସମସ୍ୟା, ଜନ୍ମ ସମୟରେ ଅମ୍ଳଜାନର ଅଭାବ ଆଦି। ଏଭଳି ମାମଲା ଆସିଲେ ଶିଶୁରୋଗ ବିଶେଷଜ୍ଞ ତୁରନ୍ତ ଯାଞ୍ଚ କରି ଚିକିତ୍ସା ଆରମ୍ଭ କରନ୍ତି।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର

# ରପ୍ତାନି ବଜାରରେ ନୂଆ ସମୀକରଣ : ଆମେରିକା - ବାଂଲାଦେଶ ବାଣିଜ୍ୟ ଚୁକ୍ତିର ଅନ୍ତରାଳେ

ଆନ୍ତର୍ଜାତିକ ବାଣିଜ୍ୟର ତୀବ୍ର ପ୍ରତିଯୋଗିତାମୂଳକ ଦୁନିଆରେ ଗୋଟିଏ ରାତି ମଧ୍ୟରେ କିପରି ଭାଗ୍ୟ ଓ ଭବିଷ୍ୟତ ବଦଳିଯାଏ, ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ନିକଟରେ ସ୍ୱାକ୍ଷରିତ ହୋଇଥିବା ଆମେରିକା ଓ ବାଂଲାଦେଶ ମଧ୍ୟରେ ନୂତନ ବାଣିଜ୍ୟ ଚୁକ୍ତି । ଯେତେବେଳେ ଭାରତ ଆମେରିକା ସହିତ ନିଜର ବାଣିଜ୍ୟିକ ସମ୍ପର୍କକୁ ସୁଦୃଢ଼ କରି ଏକ ଲାଭଜନକ ସ୍ଥିତିରେ ପହଞ୍ଚିଥିବା ନେଇ ଆଶାବାଦୀ ଥିଲା, ଠିକ୍ ସେହି ସମୟରେ ଢାକା ଓ ୱାଶିଂଟନ୍ ମଧ୍ୟରେ ହୋଇଥିବା ବୁଝାମଣା ଭାରତୀୟ ବୟନ ଶିଳ୍ପ ପାଇଁ ଏକ ଶକ୍ତ ଧକ୍କା ସଦୃଶ ହୋଇଛି । ଫେବୃଆରୀ ୧୦ ତାରିଖ ମଙ୍ଗଳବାର ଦିନ ଭାରତୀୟ ଷ୍ଟକ୍ ମାର୍କେଟରେ ଗୋକୁଳଦାସ ଏକ୍ସପୋର୍ଟସ୍, କେପିଆର ମିଲ୍ ଏବଂ ଅରବିନ୍ଦ ପର୍ଲ ଗ୍ଲୋବାଲ ଇଣ୍ଡଷ୍ଟ୍ରିଜ୍ ଭଳି ପ୍ରମୁଖ ବୟନ ରପ୍ତାନିକାରୀ କମ୍ପାନୀଗୁଡ଼ିକର ଅଂଶଧନ ମୂଲ୍ୟରେ ୫% ପର୍ଯ୍ୟନ୍ତ ହ୍ରାସ ଘଟିବା ଏହି ଆଶଙ୍କାର ପ୍ରଥମ ସଙ୍କେତ ଥିଲା । ଏହି ଘଟଣା କେବଳ ବାଣିଜ୍ୟିକ ପ୍ରତିଯୋଗିତା ନୁହେଁ, ବରଂ ଦକ୍ଷିଣ ଏସିଆର ଭୂ-ରାଜନୈତିକ ପରିସ୍ଥିତିରେ ଆସୁଥିବା ପରିବର୍ତ୍ତନକୁ ମଧ୍ୟ ସୂଚିତ କରୁଛି ।

କିଛି ଦିନ ପୂର୍ବରୁ ଭାରତ ଓ ଆମେରିକା ମଧ୍ୟରେ ହୋଇଥିବା ବୁଝାମଣା ଅନୁଯାୟୀ, ଭାରତୀୟ ବୟନ ରପ୍ତାନିକାରୀମାନେ ଆମେରିକା ବଜାରରେ ୧୮% ଶୁଳ୍କ ଦେବାକୁ ସ୍ଥିର ହୋଇଥିଲା । ଅନ୍ୟପକ୍ଷରେ, ବାଂଲାଦେଶ ପାଇଁ ଏହି ଶୁଳ୍କ ୧୯% ଏବଂ ଭିଏତନାମ ପାଇଁ ୨୦% ରହିବ ବୋଲି ଅନୁମାନ କରାଯାଉଥିଲା । ଏହି ହିସାବରେ ଭାରତ ନିଜର ପ୍ରତିଦ୍ୱନ୍ଦ୍ୱୀ ବାଂଲାଦେଶ ତୁଳନାରେ ୧% ର ଲାଭଜନକ ସ୍ଥିତିରେ ରହିଥିଲା । ବୟନ ଶିଳ୍ପ ଭଳି କମ୍ ଲାଭାଂଶ ଥିବା ବ୍ୟବସାୟରେ ୧% ର ଫରକ ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ମଙ୍ଗଳବାର ଦିନ ଆମେରିକା ଓ ବାଂଲାଦେଶର ମିଳିତ ବିବୃତ୍ତି ସମସ୍ତ ହିସାବକୁ ଓଲଟପାଲଟ କରିଦେଲା । ନୂତନ ଚୁକ୍ତି ଅନୁଯାୟୀ, ଆମେରିକା ବାଂଲାଦେଶର ନିର୍ଦ୍ଦିଷ୍ଟ ପରିମାଣର ବୟନ ଓ ପୋଷାକ ସାମଗ୍ରୀ ଉପରେ 'ଶୂନ ଶୁଳ୍କ' ଲାଗୁ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛି । ଯଦିଓ ଏହି ଶୂନ ଶୁଳ୍କର ସୁବିଧା ଏକ ନିର୍ଦ୍ଦିଷ୍ଟ କୋଟା ଉପରେ ନିର୍ଭରଶୀଳ, ତଥାପି ଏହା ଭାରତର ୧୮% ଶୁଳ୍କ ତୁଳନାରେ ବାଂଲାଦେଶକୁ ଏକ ବିରାଟ ଫାଇଦା ପ୍ରଦାନ କରିବ । ଫଳସ୍ୱରୂପ, ଯେଉଁଠାରେ ଭାରତ ୧% ଲାଭରେ ରହିବ ବୋଲି ଭାବୁଥିଲା, ସେଠାରେ ହଠାତ୍ ୧୮% ର କ୍ଷତି ସହିବାକୁ ପଡ଼ିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ତେବେ, ବାଂଲାଦେଶ ପାଇଁ ଏହି ସଫଳତା ସହଜରେ ମିଳିନାହିଁ । ଏହା ପଛରେ ରହିଛି ଏକ ବଡ଼ ଧରଣର ଅର୍ଥନୈତିକ ବୁଝାମଣା ବା 'ଲେଣଦେଣ' । ବାଂଲାଦେଶ ଆମେରିକାରୁ ଶୂନ ଶୁଳ୍କର ସୁବିଧା ପାଇବା ବଦଳରେ ନିଜର କୃଷି ଓ ଶକ୍ତି କ୍ଷେତ୍ରକୁ ଆମେରିକୀୟ କମ୍ପାନୀମାନଙ୍କ ପାଇଁ ଉନ୍ମୁକ୍ତ କରିଦେଇଛି । ଚୁକ୍ତି ଅନୁଯାୟୀ, ଢାକା ଆଗାମୀ ୧୫ ବର୍ଷ ମଧ୍ୟରେ ଆମେରିକାରୁ ୩.୫ ବିଲିୟନ ଡଲାର ମୂଲ୍ୟର କୃଷିଜାତ ଦ୍ରବ୍ୟ ଯଥା ଗହମ, ସୋୟାବିନ୍, କପା ଓ ମକା ଏବଂ ୧୫ ବିଲିୟନ ଡଲାର ମୂଲ୍ୟର ଶକ୍ତି ଉତ୍ପାଦ କ୍ରୟ କରିବାକୁ ପ୍ରତିଶ୍ରୁତି ଦେଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭାରତ ନିଜର କୃଷକ ଓ ଘରୋଇ ଶିଳ୍ପକୁ ସୁରକ୍ଷା ଦେବା ପାଇଁ ଆମେରିକା ସହ ଚୁକ୍ତିରେ କୃଷି କ୍ଷେତ୍ରକୁ ଏତେ ମାତ୍ରାରେ ଖୋଲି ନାହିଁ । କିନ୍ତୁ ବାଂଲାଦେଶ ନିଜର ବୟନ ଶିଳ୍ପକୁ ବଞ୍ଚାଇବା ପାଇଁ ଅନ୍ୟ କ୍ଷେତ୍ରଗୁଡ଼ିକରେ ବଡ଼ ଧରଣର ସାଲିସ୍ କରିଛି । ଏହା ବାଂଲାଦେଶର ଅର୍ଥନୀତି ପାଇଁ ବୟନ ଶିଳ୍ପର ଗୁରୁତ୍ୱକୁ ଦର୍ଶାଉଛି, କାରଣ ଚୀନ୍ ପରେ ବାଂଲାଦେଶ ହେଉଛି ବିଶ୍ୱର ଦ୍ୱିତୀୟ ବୃହତ୍ତମ ବୟନ ରପ୍ତାନିକାରୀ ରାଷ୍ଟ୍ର ।

ଭାରତ ପାଇଁ ଏହି ଚୁକ୍ତିର ପ୍ରଭାବ ଦ୍ୱିମୁଖୀ ହେବାର ଆଶଙ୍କା ରହିଛି । କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଟେକ୍ସଟାଇଲ୍ ଇଣ୍ଡଷ୍ଟ୍ରି ର ଅଧ୍ୟକ୍ଷ ଅଶ୍ୱିନୀ ଚନ୍ଦ୍ରନଙ୍କ ମତରେ, ପ୍ରଥମତଃ ଆମେରିକା ବଜାରରେ ଭାରତୀୟ ପୋଷାକ ରପ୍ତାନିକାରୀମାନେ ବାଂଲାଦେଶ ଠାରୁ କଡ଼ା ପ୍ରତିଯୋଗିତାର ସମ୍ମୁଖୀନ ହେବେ । ଦ୍ୱିତୀୟତଃ, ଏହି ଚୁକ୍ତିର ଏକ ସର୍ତ୍ତ ହେଉଛି ଯେ ବାଂଲାଦେଶକୁ ଶୂନ ଶୁଳ୍କର ସୁବିଧା ପାଇବା ପାଇଁ ଆମେରିକାରେ ଉତ୍ପାଦିତ କପା କିମ୍ବା ସିନ୍ଥେଟିକ୍ ଫାଇବର ବ୍ୟବହାର କରିବାକୁ ପଡ଼ିବ । ବର୍ତ୍ତମାନ ସୁଦ୍ଧା ବାଂଲାଦେଶ ନିଜର ବୟନ ଶିଳ୍ପ ପାଇଁ ଆବଶ୍ୟକ କଞ୍ଚାମାଲ ବା ସୂତା ର ଏକ ବଡ଼ ଅଂଶ ଭାରତରୁ ଆମଦାନୀ କରିଥାଏ । ଯଦି ବାଂଲାଦେଶ ଆମେରିକାରୁ କଞ୍ଚାମାଲ କିଣିବା ଆରମ୍ଭ କରେ, ତେବେ ଭାରତର ସୂତା ରପ୍ତାନି ବାଣିଜ୍ୟ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହେବ । ଅର୍ଥାତ୍, ଭାରତ ଏକାସାଙ୍ଗରେ ଆମେରିକାରେ ପୋଷାକ ବଜାର ଏବଂ ବାଂଲାଦେଶରେ ସୂତା ବଜାର ହରାଇବାର ଆଶଙ୍କା ରହିଛି । ଏହି ବାଣିଜ୍ୟିକ ଘଟଣାବଳୀ କେବଳ ଅର୍ଥନୀତି ମଧ୍ୟରେ ସୀମିତ ନୁହେଁ, ବରଂ ଏହା ନୂଆଦିଲ୍ଲୀ ଓ ଢାକା ମଧ୍ୟରେ ବିଗିଡ଼ି ଯାଉଥିବା କୂଟନୈତିକ ସମ୍ପର୍କର ଏକ ପ୍ରତିଫଳନ ମଧ୍ୟ ହୋଇପାରେ । ଗତ କିଛି ମାସ ଧରି, ବିଶେଷକରି ଶେଖ୍ ହସିନାଙ୍କ କ୍ଷମତାଚ୍ୟୁତି ଏବଂ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଅନ୍ତରୀଣ ସରକାର ଗଠନ ପରେ, ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ତିକ୍ତତା ଦେଖାଦେଇଛି । ୟୁନୁସଙ୍କ ନିକଟରେ ଦିଆଯାଇଥିବା ବିବୃତ୍ତି, ଯେଉଁଥିରେ ସେ ଭାରତର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ 'ଆବଦ୍ଧ' ବୋଲି ଦର୍ଶାଇ ବାଂଲାଦେଶକୁ ଏହି ଅଞ୍ଚଳ ପାଇଁ ସମୁଦ୍ରର ଏକମାତ୍ର ଅଭିଭାବକ ବୋଲି କହିଥିଲେ, ତାହା ଭାରତ ପାଇଁ ଚିନ୍ତାର ବିଷୟ । ସେ ଏହା ମଧ୍ୟ ସୂଚିତ କରିଥିଲେ ଯେ ଏହି ଅଞ୍ଚଳ ଚୀନ୍ ଅର୍ଥନୀତିର ଏକ ବିସ୍ତାରିତ ଅଂଶ ହୋଇପାରେ । ଏଭଳି ମନ୍ତବ୍ୟ ଏବଂ ବାଂଲାଦେଶର ଚୀନ୍ ସହିତ ବଢୁଥିବା ଘନିଷ୍ଠତା ଭାରତର ସାମରିକ ଓ ରଣନୈତିକ ସ୍ୱାର୍ଥ ପ୍ରତି ବିପଦ ସୃଷ୍ଟି କରୁଛି । ଭାରତର 'ଚିକେନ୍ ନେକ୍' କରିଡର ଏବଂ ଉତ୍ତର-ପୂର୍ବାଞ୍ଚଳର ସୁରକ୍ଷା ଦୃଷ୍ଟିରୁ ବାଂଲାଦେଶ ସହ ସୁସମ୍ପର୍କ ଅତ୍ୟନ୍ତ ଜରୁରୀ । କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ବାଂଲାଦେଶ ପାଶ୍ଚାତ୍ୟ ଦେଶଗୁଡ଼ିକ ସହ ଏବଂ ଚୀନ୍ ସହ ସମ୍ପର୍କ ବଢ଼ାଇ ଭାରତ ଉପରେ ଚାପ ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା ମନେହୁଏ । ଆଗାମୀ ଦିନରେ ଏହି ପ୍ରତିଯୋଗିତା ଆହୁରି ତୀବ୍ର ହେବାର ସମ୍ଭାବନା ରହିଛି । ବାଂଲାଦେଶ ଖୁବଶୀଘ୍ର ସ୍ୱଳ୍ପ ବିକଶିତ ଦେଶ ତାଲିକାରୁ ବାଦ୍ ପଡ଼ିବାକୁ ଯାଉଛି, ଯାହାଫଳରେ ଏହା କିଛି ବାଣିଜ୍ୟିକ ରିହାତି ହରାଇବ । ଏହାକୁ ଭରଣା କରିବା ପାଇଁ ବାଂଲାଦେଶ ୟୁରୋପୀୟ ୟୁନିଅନ୍ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତି କରିବାକୁ ଜୋରଦାର ଉଦ୍ୟମ କରୁଛି । ଭାରତ ମଧ୍ୟ ୟୁରୋପୀୟ ବଜାରରେ ନିଜର ଅଂଶ ବଢ଼ାଇବାକୁ ଚେଷ୍ଟା କରୁଛି । ୨୦୨୪ ତଥ୍ୟ ଅନୁଯାୟୀ, ୟୁରୋପୀୟ ବୟନ ଆମଦାନୀରେ ଚୀନ୍ ୨୮% ଏବଂ ବାଂଲାଦେଶ ୨୨% ବହୁ ଆଗରେ ଥିବାବେଳେ ଭାରତ ମାତ୍ର ୫% ଅଂଶ ଦଖଲ କରିପାରିଛି । ଯଦି ବାଂଲାଦେଶ ଆମେରିକା ଭଳି ୟୁରୋପ ସହିତ ମଧ୍ୟ ତ୍ୱରିତ ଚୁକ୍ତି କରିବାରେ ସଫଳ ହୁଏ, ତେବେ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ସମସ୍ୟା ଆହୁରି ଜଟିଳ ହେବ ।

ପରିଶେଷରେ, ଏହି ଆହ୍ୱାନକୁ ଭାରତ ଏକ ସୁଯୋଗ ଭାବେ ଗ୍ରହଣ କରିବା ଉଚିତ୍ । କେବଳ ଶସ୍ତା ଶ୍ରମିକ ଓ ପାରମ୍ପରିକ ବସ୍ତ୍ର ରପ୍ତାନି ଉପରେ ନିର୍ଭର ନକରି ଭାରତୀୟ ଶିଳ୍ପ ଜଗତକୁ ଏବେ 'ମ୍ୟାନ୍-ମେଡ୍ ଫାଇବର' (Man-made Fibre) ଏବଂ ଟେକ୍ନିକାଲ୍ ଟେକ୍ସଟାଇଲ୍ ଭଳି ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦ (Value-added products) ଉପରେ ଧ୍ୟାନ ଦେବାକୁ ହେବ । ସରକାର ଯଦି ତୁରନ୍ତ ପିଏଲ୍ଆଇ (PLI) ସ୍କିମ୍ ଭଳି ପ୍ରୋତ୍ସାହନ ଯୋଗାଇ ଦିଅନ୍ତି ଏବଂ ରପ୍ତାନିକାରୀମାନେ ଯଦି ନୂତନ ଜ୍ଞାନକୌଶଳ ଆପଣାନ୍ତି, ତେବେ ବାଂଲାଦେଶର ଶୁଳ୍କ ରିହାତି ସତ୍ତ୍ୱେ ଭାରତ ବିଶ୍ୱ ବଜାରରେ ନିଜର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିବ ।

# ସାନ୍ତାଳ ବିଦ୍ରୋହର ମହାନାୟକ



## ଦଶରଥ ହେମ୍ବ୍ରମ୍

ଇଂଲଣ୍ଡ ମହାରାଣୀ ଏଲିଯାବେଥ୍-୧ଙ୍କ ନିର୍ଦ୍ଦେଶରେ ରବର୍ଟ କ୍ଲାଇବଙ୍କୁ ବଙ୍ଗର ପ୍ରଥମ ଗଭର୍ଣ୍ଣର କରାଗଲା । ରାଜାଙ୍କଦ୍ୱାରା ଶାସିତ ଅଞ୍ଚଳକୁ କିପରି ନିଜ ଅଧୀନରେ ଆଣି କମ୍ପାନୀ ବ୍ୟବସାୟୀ ସାମ୍ରାଜ୍ୟକୁ ବୃହତ ସଂପ୍ରସାରଣ କରିବା ଲକ୍ଷ୍ୟ ରଖି ୧୭୫୭ରେ ପଲାସୀ ଓ ୧୭୬୪ରେ ବକ୍ସାର ଯୁଦ୍ଧ ହେଲା ଏବଂ ତତ୍କାଳୀନ ରାଜାଙ୍କୁ ପରାସ୍ତ କରି ବଙ୍ଗରେ ଥିବା ବିଭିନ୍ନ ଅଞ୍ଚଳ ଇଂରେଜ ଅକ୍ତିଆରକୁ ଚାଲିଆସିଲା । ପରେ ଇଂରେଜମାନେ 'କମ୍ପାନୀ କାଉନ୍ସିଲ ଅଫ ବେଙ୍ଗଲ' ପ୍ରତିଷ୍ଠା କରିବା ସହଜ ହେଲା । ପରବର୍ତ୍ତୀ ସମୟରେ ଭାରତୀୟ ବ୍ୟାପାରରେ ଏହା ଏକ ପ୍ରମୁଖ ଅଂଶ ଗ୍ରହଣକାରୀ ଭାବରେ ଜନ୍ମ ନେଇଥିଲା । ରୋବର୍ଟ କ୍ଲାଇବଙ୍କ ଏହିଭଳି ଦୁଃସାହସିକ କାର୍ଯ୍ୟ ଦକ୍ଷତା ଦେଖି ଦ୍ୱିତୀୟ ଥର ପାଇଁ କ୍ଲାଇବଙ୍କୁ ୧୭୬୪ରୁ ୧୭୬୭ ମସିହା ଯାଏଁ **Bengal Presidency** ରେ **Governor** ଭାବେ ନିଯୁକ୍ତି ଦିଆଗଲା । ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବଙ୍ଗ ଅଧୀନରେ ଥିବା ସମସ୍ତ ଅଞ୍ଚଳରେ ରାଜସ୍ୱ ଆଦାୟ ଅଧିକାରୀ ଲାଗୁ କରାଗଲା । ସେହି ସମୟରେ **Warren Hastings Company's Council of Bengal**କୁ ପ୍ରତିନିଧିତ୍ୱ କରୁଥିଲେ । କିନ୍ତୁ **Warren Hastings** କୌଣସି କାରଣରୁ ଚାକିରି ଛାଡ଼ି ଲଣ୍ଡନକୁ ଫେରି ଯାଇଥିଲେ । ଇଂଲଣ୍ଡ ମହାରାଣୀଙ୍କ ଆଦେଶ ଖିଲାପ ନକରି ପୁଣିଥରେ ସେ ୧୭୬୯ରେ ଲଣ୍ଡନରୁ ଆସି **Madras Presidency**ରେ ଯୋଗ ଦେଲେ । ସେତେବେଳେ ବିହାର ପ୍ରଦେଶର ଛୋଟନାଗପୁର ଏବଂ ସାନ୍ତାଳ ପ୍ରଗଣାକୁ **Bengal Presidency** ସହିତ ମିଶାଇ ଦିଆଯାଇଥିଲା । ସରକାରୀ ନିୟମ ଅନୁସାରେ ଯେଉଁମାନେ ଜଙ୍ଗଲ ଜମି ବ୍ୟବହାର କରିବେ ସେମାନେ ସରକାରଙ୍କୁ ରାଜସ୍ୱ ଭରଣ କରିବେ । ରାଜସ୍ୱ ଆଦାୟ କରିବା ପାଇଁ ସ୍ୱତନ୍ତ୍ର ଜମିଦାରଙ୍କୁ ନିଯୁକ୍ତି କରାଗଲା । ଇଷ୍ଟ ଇଣ୍ଡିଆ କଂପାନୀ ଏହି ଜମିଦାର ଗୋଷ୍ଠୀଙ୍କ ସହାୟତାରେ ରାଜସ୍ୱ ଅନାଦେୟ ବାବଦକୁ କ୍ରମଶଃ ଆଦିବାସୀଙ୍କର ଜମିକୁ ଜବରଦଖଲ ଫଳରେ କମ୍ପାନୀ କବଜାକୁ ଆସିଲା । ସମ୍ପତ୍ତି ସମ୍ବନ୍ଧିତ ନୂତନ ନିୟମ ଓ ଭୂ-ରାଜସ୍ୱ ଆଇନ ପ୍ରଣୟନ ହେବା ପରେ ଆଦିବାସୀ ଭୂମିଗୁଡ଼ିକ ବିକ୍ରିଯୋଗ୍ୟ କରାଗଲା । ଭୂମିର ବ୍ୟକ୍ତିଗତ ମାଲିକାନାକୁ ପ୍ରଦାନ କରାଗଲା କିନ୍ତୁ ଚାଷୀଙ୍କଠୁ ଅଧିକରରୁ ଅଧିକ ଖଜଣା ଆଦାୟ କରାଗଲା । ମାତ୍ର ଯେଉଁମାନେ ଭୂ-ରାଜସ୍ୱ ଖଜଣା ଦେଲେ ନାହିଁ ସେମାନଙ୍କଠୁ ଜବରଦସ୍ତ ଜମିକୁ ଛଡ଼ାଇ ନିଆଗଲା । ଆଦିବାସୀଙ୍କ ପାରମ୍ପରିକ ନୀତିନିୟମକୁ ଉଚ୍ଛେଦ କରି ଦିଆଗଲା । ଇଂରେଜମାନଙ୍କ ଏଭଳି ବେନିୟମ ଏବଂ କୁଶାସନ ବିରୋଧରେ ସାନ୍ତାଳ ଆଦିବାସୀମାନେ ପ୍ରଥମ ସ୍ୱର ଉତ୍ତୋଳନ କରି 'ସାନ୍ତାଳ ବିଦ୍ରୋହ' ମୁଣ୍ଡ ଟେକିଥିଲା । ଏହାର ନେତୃତ୍ୱ ନେଲେ ବାବା ତିଲକା ମାଝୀ ।

ବାବା ତିଲକା ମାଝୀ ବିହାର ରାଜ୍ୟ (ଅଧୁନା ଝାଡ଼ଖଣ୍ଡ)ରେ ଥିବା ସୁଲତାନଗ ଜିଲ୍ଲା ଅନ୍ତର୍ଗତ ତିଲକପୁର ଗ୍ରାମରେ ଫେବୃଆରୀ ୧୧ ତାରିଖ ୧୭୫୦ରେ ଜନ୍ମଗ୍ରହଣ କରିଥିଲେ । ପିତା ସୁନ୍ଦରା ମାଝୀ ଥିଲେ ଗ୍ରାମର ମୁଖିଆ । ଜ୍ୟେଷ୍ଠ ସନ୍ତାନ ଥିବାରୁ ପିତାଙ୍କୁ ସାହାଯ୍ୟ କରିବା ପାଇଁ ସେହି ଗାଁର ଜଗ-ମାଝୀ ପଦବୀରେ ଦାୟିତ୍ୱ ଅର୍ପଣ କରାଗଲା । ସେହିଦିନଠାରୁ ତିଲକା ମାଝୀଙ୍କର ମନ ମଜଭୁତ ହେଲା, ଖୁବ ଚତୁର ଓ ଅଦମ୍ୟ ସାହସ ପାଇଲେ । କ୍ରୀଡ଼ା କସରତରେ ତାଙ୍କୁ କେହି ପରାଜିତ କରିପାରି ନଥିଲେ । ବଡ଼ ହେଲା ପରେ ତାଙ୍କ ପିତାଙ୍କ ପଦବୀରେ ରହି ଗାଁର ସବୁ ଦାୟିତ୍ୱ ସଠିକ ଭାବେ ସମ୍ପାଦନା କରିଥିଲେ । ସେତେବେଳେ ଇଂରେଜ ଶାସନ ଚାଲିଥାଏ । ଜନସାଧାରଣଙ୍କୁ ବହୁତ ହଇରାଣ, ହରକତ କରୁଥିଲେ । ଲୋକମାନଙ୍କର ବଞ୍ଚିବାର ଅଧିକାରକୁ ଇଂରେଜମାନେ ସଂପୂର୍ଣ୍ଣ ଛଡ଼େଇ ନେଇ ଯାଉଥିଲେ । ଅତ୍ୟଧିକ ଭୂ-ରାଜସ୍ୱ ଆଦାୟ କରିବା ସହିତ ଲୋକମାନଙ୍କୁ ସରକାରୀ କାମରେ ବେଠି ଲଗାଉ ଥିଲେ । ଯିଏ ଏହାକୁ ପ୍ରତିବାଦ କଲେ, ତାଙ୍କ ବିରୋଧରେ କୋର୍ଟ କଚେରୀରେ ମୋକଦ୍ଦମା କରି ଦୋଷୀ ସାବ୍ୟସ୍ତ କରାଯାଉଥିଲା । ଏହି ସମୟରେ ଅର୍ଥାତ ୧୭୭୦ରେ କରାଳ ଦୁର୍ଭିକ୍ଷ ସମଗ୍ର ଅଞ୍ଚଳକୁ ଗ୍ରାସ କରିଗଲା । ଭୋକ ଦାଉରୁ ଜନସାଧାରଣଙ୍କୁ ବଞ୍ଚାଇବାକୁ ଯାଇ ୧୭୬୯ ରୁ ୧୭୭୩ ଭିତରେ ତିଲକା ମାଝୀ ଇଂରେଜ ବିରୋଧରେ ସଂଗ୍ରାମ କରିବା ପାଇଁ ରଣକ୍ଷେତ୍ରକୁ ଓହ୍ଲାଇ ଆସିଲେ । ସେଦିନଠାରୁ ତିଲକା ମାଝୀ ସମସ୍ତଙ୍କର 'ବାବା' ହୋଇଗଲେ ଏବଂ ଇଂରେଜ ବିରୋଧି ବିଦ୍ରୋହର ମହାନାୟକ ଭାବେ ଉଭା ହେଲେ ।

ବେଙ୍ଗଲ ପ୍ରେସିଡେନ୍ସିର ବିହାରର ଭାଗଲପୁରଠାରେ ସରକାରୀ ତହବିଲ ଥିଲା । ୧୭୭୧ରେ **Warren Hastings Governor** ଭାବେ ଦ୍ୱାୟିତ୍ୱ ଗ୍ରହଣ କରିବା ପରେ ୧୭୭୨ରେ ତିଲକା ମାଝୀ ଭାଗଲପୁର ଟ୍ରେଜାରୀ ଲୁଟ୍ କରି ସେହି ଅର୍ଥ ଜନସାଧାରଣଙ୍କୁ ବାଣ୍ଟି ଦେଲେ । ତିଲକା ମାଝୀଙ୍କ ନାମରେ ଗିରଫ ପରୱାନା ଜାରି କରାଗଲା । ତାଙ୍କୁ ଧରିବା ପାଇଁ ଇଂରେଜ ସିପାହୀ ଚାରିଆଡ଼େ ଛାଉଣି ହେଲେ । ଏହା ସତ୍ତ୍ୱେ, ୧୭୭୮ରେ ରାମଗଡ଼ କେଣ୍ଟନ୍‌ମେଣ୍ଟର ପାବ ରେଜିମେଣ୍ଟ କମ୍ପାନୀ ଉପରେ ଆକ୍ରମଣ କରି ସେହି ଅଞ୍ଚଳକୁ ନିଜ ଅକ୍ତିଆର କରିନେଲେ । ପାରମ୍ପରିକ ଧନୁ ତୀର, ବର୍ଚ୍ଛା ସାମ୍ନାରେ ଇଂରେଜ ସରକାରଙ୍କ ଗୁଳି ବନ୍ଧୁକ ଅକାମୀ ହେଲା । ଇଂରେଜମାନେ ନାକେଦମ ହୋଇଗଲେ । ତାଙ୍କୁ ଧରିବା ପାଇଁ ଇଂରେଜ ସରକାର ଘନଘନ ବୈଠକ ଡକାଇ ବସିଲା । ନିଷ୍ପତ୍ତି ଅନୁସାରେ ୮୦୦ ଶକ୍ତିଶାଳୀ ସେନା ନେଇ ଏକ ସ୍ୱତନ୍ତ୍ର ଦଳ ଗଠନ କରାଗଲା । ଏହାର ଦାୟିତ୍ୱ ନେଲେ **Captain Robert Bruck** । ସେ ମାତ୍ର ଦୁଇବର୍ଷ ରହିବା ପରେ ଦାୟିତ୍ୱରୁ ଇସ୍ତଫା ନେଲେ । ଏହାପରେ ୧୭୭୩ରେ **Major Jems Brown**ଙ୍କୁ ଦାୟିତ୍ୱ ଦିଆଗଲା । ପାଞ୍ଚବର୍ଷ ଦାୟିତ୍ୱରେ ରହିବା ପରେ ସେ ମଧ୍ୟ ଇସ୍ତଫା ଦେଲେ । ୧୭୭୯ରେ ଯୁବ **Collector, Augustus Cleveland**ଙ୍କ ହାତରେ ଦାୟିତ୍ୱ ନ୍ୟସ୍ତ କରାଗଲା । ଦୀର୍ଘ ୧୦ ବର୍ଷ ବିତି ଯାଇଥିଲା । ଯୁବ **Collector, Augustus Cleveland**ଙ୍କୁ ଜଣାଥିଲା ଯେ, ଆଦିବାସୀଙ୍କୁ ପ୍ରଲୋଭିତ କରିବା ଏତେ ସହଜ ନୁହଁ, ତଥାପି ତିଲକା ମାଝୀଙ୍କୁ ଗିରଫ କରିବା ପାଇଁ ଶକ୍ତ ଯୋଜନା ପ୍ରସ୍ତୁତ ହେଲା । ଇତିମଧ୍ୟରେ ୧୭୮୪ ମସିହା ଜାନୁଆରୀ ୧୩ ତାରିଖରେ ତିଲକା ମାଝୀ ତାଙ୍କ ସହଯୋଗୀଙ୍କୁ ନେଇ ଭାଗଲପୁର ଆକ୍ରମଣ କଲେ । ତିଲକା ମାଝୀଙ୍କ ତୀରଭେଦରେ ଯୁବ କଲେକ୍ଟର **Augustus Cleveland** ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ । ଏହାର ପ୍ରତିଶୋଧ ନେବା ପାଇଁ ୧୭୮୪ରେ ଲେଫ୍ଟନାଣ୍ଟ୍ ଜେନେରାଲ ଏରି କୁଟଙ୍କୁ ଦାୟିତ୍ୱ ସମର୍ପଣ କରି ବିସ୍ତୃତ ସାମରିକ ଯୋଜନା କରାଗଲା । ତିଲକା ମାଝୀଙ୍କୁ ଧରିବାରେ ଇଂରେଜ ସେନା ସଫଳ ହେଲେ । ୧୭୮୫ ମସିହା ଜାନୁଆରୀ ୧୩ ତାରିଖରେ ସର୍ବ ସମ୍ମୁଖରେ ମୁକ୍ତ ପ୍ରାଙ୍ଗଣରେ ଥିବା ଦୁଇଟି ବିରାଟ ବଟ ବୃକ୍ଷରେ ଦୁଇ ହାତ ଗୋଡ଼ ବାନ୍ଧି ଫାଶୀ ଦେଇ ଶରୀରକୁ ଦି-ଫାଳ କରି ଦିଆଗଲା । ଏହିପରି ଭାବରେ ସାନ୍ତାଳ ବିଦ୍ରୋହର ମହାନାୟକ ତିଲକା ମାଝୀଙ୍କ ଇଂରେଜ ବିରୋଧୀ ବିଦ୍ରୋହ ପତନ ହୋଇଥିଲା ।



ବାଲେଶ୍ୱର
ମୋ -୯୩୩୭୪୦୪୨୫୪

# ଭାଲେଣ୍ଟାଇନ ଡେ- ଏକ ବ୍ୟକ୍ତିର ମୃତ୍ୟୁ ଦିବସର ଦିନ



## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଆମେ ଜାଣିଛନ୍ତି ଯେ ଗୋଟିଏ ଦେଶର ସଂସ୍କୃତି ଅନ୍ୟ ଦେଶର ସଂସ୍କୃତିଠାରୁ ଫରକ ହୋଇଥାଏ । ତେବେ ଯେଉଁଠି ଗୋଟେ ଦେଶର ସଂସ୍କୃତି ଅନ୍ୟ ଏକ ଦେଶରେ ପ୍ରସାରିତ ହୁଏ, ସେଠି ବିରୋଧାଭାଷ ହେବା ସ୍ୱାଭାବିକ, କାରଣ ସଂସ୍କୃତି ହେଉଛି ଗୋଟିଏ ଜାତିର ଆଦର୍ଶ, ଗର୍ବ ଓ ଗୌରବ ଆଉ ତାକୁ ଅବଜ୍ଞା କରି ଅନ୍ୟ କୌଣସି ସଂସ୍କୃତିକୁ ଗ୍ରହଣ କଲେ ଭାଙ୍ଗିଯାଏ ଆପଣା ସଂସ୍କୃତିର ମୌଳିକତା । ଇତିହାସ କହେ ଭାରତବର୍ଷ ଥିଲା ସଂସ୍କୃତି, ସଂସ୍କାର ଓ ସାଧନାର ଦିବ୍ୟ ଭୂମି । କିନ୍ତୁ ଏବେ ଆଧୁନିକ ଶିକ୍ଷାର ପ୍ରସାର ତଥା ପଶ୍ଚିମା ସଂସ୍କୃତିକୁ ଆପଣେଇ ନେବାର ଦୁଷ୍ଟ ମାନସିକତା ଆମ ପରମ୍ପରା ଓ ସଂସ୍କୃତିକୁ କରିଛି ଅବକ୍ଷୟ ଓ ଅପମାନ ଆଉ ଏହି ଅନ୍ୟ ବିଦେଶୀ ଉଦ୍ଭଟ ସଂସୃତି ଧୀରେ ଧୀରେ କର୍କଟ ରୋଗ ଭଳି ଗ୍ରାସ କରିଚାଲିଛି ଆମ ବର୍ତ୍ତମାନ ଓ ଆଗାମୀ ଯୁବପିଢ଼ିମାନଙ୍କୁ । ଉକ୍ତ ପାଶ୍ଚାତ୍ୟ ସଂସ୍କୃତିକୁ ଆଜିର ଯୁବପିଢି ମନେ ରଖିଥିବା ବେଳେ ଆମ ପରମ୍ପରା ଓ ସଂସ୍କୃତି କୁ ଆଦୌ ଜାଣି ନାହାଁନ୍ତି କି ବୁଝି ନାହାଁନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଯେପରି ଆମ ଦେଶର ହିନ୍ଦୁ ନବବର୍ଷ, ଓଡ଼ିଆ ନବବର୍ଷ, ସଂକ୍ରାନ୍ତି, ପୂର୍ଣ୍ଣମୀ, ମହାପୁରୁଷ ମାନଙ୍କ ଜୟନ୍ତୀ, ଜାତୀୟ ଦିବସ, ପରମ୍ପରା ଓ ଆମ ସଂସ୍କୃତି କଣ ସେମାନେ ଜାଣି ନଥିବେ କିନ୍ତୁ ଅନ୍ୟ ଦେଶରୁ ଆସିଥିବା ଭାଲେଣ୍ଟାଇନଡେକୁ ଭଲ ଭାବରେ ଜାଣିଥିବେ ଆଉ ସେ ଦିବସ କେବେ ଆସିବ ସେ ଦିନ ଗଣୁଥିବାବେଳେ ନିଜ ପରମ୍ପରାର ଦିବସ ଯାଇ ସାରିବା ପରେ ମଧ୍ୟ ପଚାରିଲେ ଦିବସଟି କଣ ଜାଣି ନଥିବେ । ଆଉ ଏକଥା ସତ୍ୟ ଯେ ଏହି ଭାଲେଣ୍ଟାଇନ ଦିବସ କାହିଁକି ପାଳନ କରାଯାଏ ଓ ଏହା ପଛରେ କି କାହାଣୀ ଅଛି ସେମାନେ ଜାଣି ନ ଥିବେ ଖାଲି ଅନୁକରଣୀୟ ଭାବେ ଏହି ଦିବସକୁ ପାଳନ କରିବାକୁ ଅନେଇ ବସିଥିବେ । ଆଉ ଏହି ଇଚ୍ଛାଶକ୍ତି ନେଇ ଆପଣା ସଂସ୍କୃତିକୁ ଅଣଦେଖା କରି ସେମାନେ ଏବେ ଖୁବ୍ ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରିଚାଲିଛନ୍ତି ଇଂରାଜୀ ନୂଆବର୍ଷ ଓ ବଡ଼ଦିନ ଇତ୍ୟାଦି ଅନେକ ବିଦେଶୀ ଉତ୍ସବ ସହ ଭାଲେଣ୍ଟାଇନ ଦିବସ । ବିଶେଷକରି ସେମାନଙ୍କୁ ଏବେ ଘାରିଛି 'ଭାଲେଣ୍ଟାଇନ ଡେ' ବା ପ୍ରେମ ଦିବସ ପାଳନ କରିବାର ଉତ୍କଟ ନିଶା । କିନ୍ତୁ ପ୍ରକୃତ ପ୍ରେମ କଣ ସିଏ ଜାଣି ନାହାଁନ୍ତି କି ଆମ ଧର୍ମ, ପରମ୍ପରା, ସଂସ୍କୃତି ଓ ଶାସ୍ତ୍ରରେ ଥିବା ପ୍ରକୃତ ପ୍ରେମ କାହାଣୀକୁ ବୁଝିବାକୁ କେବେ ଚେଷ୍ଟା କରି ନାହାଁନ୍ତି ଆଉ ଏ ବିଷୟରେ ସେମାନଙ୍କ ଅଭିଭାବକ ବି କେବେ ଜଣାଇବାକୁ ଚେଷ୍ଟା କରିନାହାନ୍ତି । ଯେଉଁଥିପାଇଁ ଆଜି ଆମ ପରମ୍ପରା ଆଉ ସଂସ୍କୃତି ଠାରୁ ବହୁତ ଦୂରରେ ଯୁବପିଢ଼ି ଓ ଅପସଂସ୍କୃତିର ମାୟାଜାଲରେ ସମ୍ପୂର୍ଣ୍ଣ ଛନ୍ଦି ହୋଇ ଅସତ୍ ମାର୍ଗ ଅପଣାଇବାକୁ ପଛାଉନାହାନ୍ତି ।

ତେବେ ଏହି ଭାଲେଣ୍ଟାଇନ ଡେ ପାଇଁ ଦୁଇଟି ପାଶ୍ଚାତ୍ୟ ଲୋକକଥା ଅଛି ଯାହା ଜାଣିବା ଆବଶ୍ୟକ । କାରଣ ଏହି ଦିବସକୁ ପ୍ରେମ ଭଳି ପୁଣ୍ୟ ଶବ୍ଦ ଦେବା କେତେଦୂର ଯୁକ୍ତି ଯୁକ୍ତ ତାହା ଏହି କାହାଣୀରୁ ଅନୁମେୟ ତଥା ଏହି ଦିବସ ଆଦୌ କୌଣସି ପ୍ରେମ ଦିବସ ନୁହଁ ଏହା ଏକ ବ୍ୟକ୍ତିର ମୃତ୍ୟୁ ଦିବସ ମାତ୍ର । ଭାଲେନଣ୍ଟାଇନ ନାମକ ଜଣେ ବ୍ୟକ୍ତିଙ୍କ ପାଇଁ ଏହି ଦିନ ଜଣେ ଦୁଷ୍ଟ ରାଜା ଓ କୃପାଳୁ ଭାଲେନଣ୍ଟାଇନଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ଯୁଦ୍ଧର କାରଣ ରୋମର ରାଜା ଥିଲେ । ରାଜାଙ୍କ ଅନୁସାରେ ପୁରୁଷଙ୍କର ବିବାହ ପରେ ସବୁ ଶକ୍ତି ଓ ବୁଦ୍ଧି ନଷ୍ଟ ହୋଇଯାଏ । ଏହି କାରଣରୁ ସେ ତାଙ୍କ ରାଜ୍ୟରେ ଘୋଷଣା କରିଥିଲେ ଯେ କୌଣସି ସୈନିକ ଓ ସେନାଅଧିକାରୀ ବିବାହ କରିବେ ନାହିଁ । କିନ୍ତୁ ଭାଲେନଣ୍ଟାଇନ ରାଜାଙ୍କ ବିରୁଦ୍ଧରେ ଯାଇ ରାଜ୍ୟରେ ସମସ୍ତଙ୍କୁ ବିବାହ କରିବା ପାଇଁ ଉପଦେଶ ଦେଉଥିଲେ । ରାଜ୍ୟରେ ଅନେକ ସୈନିକ ଓ ଅଧିକାରୀଙ୍କର ବିବାହ ମଧ୍ୟ କରାଇଥିଲେ ଭାଲେନଣ୍ଟାଇନ । ତେବେ ରାଜା ଭାଲେନଣ୍ଟାଇନଙ୍କ ଉପରେ ରାଗି ତାଙ୍କୁ ୨୬୯ ମସିହା, ଫେବୃଆରୀ ୧୪ ତାରିଖରେ ଫାଶି ଦଣ୍ଡ ଦେଇଥିଲେ । ଏହି କାରଣରୁ ଫେବୃଆରୀ ୧୪ ତାରିଖରେ ଭାଲେନଣ୍ଟାଇନଙ୍କ ସ୍ମରଣରେ ଭାଲେନଣ୍ଟାଇନ ଡେ ପାଳନ କରାଯାଏ ବୋଲି ଲୋକକଥା ରହିଛି ।



ପ୍ରକୃତ ପ୍ରେମର ସଂଜ୍ଞା ବହୁତ୍ ମୂଲ୍ୟବାନ୍ । ପ୍ରେମ ଦୁଇ ହୃଦୟର ମିଳନ । ପ୍ରେମରେ ପଡ଼ିଥିବା ମଣିଷ ଜାତି, ଧର୍ମ ଓ ବର୍ଣ୍ଣର ବାଛ ବିଚାର ରଖେ ନାହିଁ । ଏହା କେତେବେଳ, କିପରି ଓ କାହା ସହ ହୋଇଥାଏ ତାହା କାହାକୁ ମଧ୍ୟ ଜଣାନାହିଁ । ପ୍ରେମର ସଂଜ୍ଞା ତୀବ୍ର ଗତିରେ ପରିବର୍ତ୍ତନ ଘଟୁଛି । ଏହା ତ୍ୟାଗ ଉପରେ ପର୍ଯ୍ୟବେସିତ ନହୋଇ ଭୋଗ, ଦିଆନିଆ ବ୍ୟାପର ଉପରେ ପର୍ଯ୍ୟବେଶିତ । ଏହିଭଳି କିଛି କଦର୍ଥ କାର୍ଯ୍ୟ କଳାପ ଯୋଗୁଁ ଆଜି ପ୍ରେମର ସଜ୍ଞା ଆଜି ବଦଳିଯାଇଛି । ପ୍ରେମ ଶାଶ୍ୱତ, ପ୍ରେମ ଚିରନ୍ତନ, ପ୍ରେମ ନୈସର୍ଗିକ । ପ୍ରେମ ପାଇବାରେ ଥାଏ, ଥାଏବି ହରାଇବାରେ । ସଂସାର ଓ ସମାଜରେ ସମସ୍ତଙ୍କ ପାଇଁ କେବଳ ଉତ୍ସର୍ଗ ହିଁ ପ୍ରେମ । ପରସ୍ପର ପ୍ରତି ଥିବା ଆବେଗ ଓ ଅନାବିଳତା ପ୍ରକାଶରେ ଏହା ହିଁ ପ୍ରକୃଷ୍ଟ ମାଧ୍ୟମ । ତେବେ ପ୍ରେମର ନିଦର୍ଶନ କେବଳ ପାଶ୍ଚାତ ସଂସ୍କୃତିରେ ନୁହେଁ ବରଂ ଭାରତୀୟ ସଂସ୍କୃତିରେ ମଧ୍ୟ ନିଛକ ଉଦାହରଣ ଭରି ରହିଛି । ସବୁ ଧର୍ମ, ପରମ୍ପରା ଓ ସଂସ୍କୃତିରେ ପ୍ରତିପାଦିତ ହୋଇଛି ପ୍ରେମର ମହତ୍ତ୍ୱ । ଭାରତୀୟ ପୌରାଣିକ ଶାସ୍ତ୍ରରେ ରାଧା-କୃଷ୍ଣ, ଶିବ-ପାର୍ବତୀ, ରାମ-ସୀତା, ରତି-କାମଦେବ, ସାବିତ୍ରୀ-ସତ୍ୟବାନ ଓ ଦୁଷ୍ମନ୍ତ-ଶକୁନ୍ତଳା, ଆଦି ପ୍ରେମ କାହାଣୀରେ ରହିଛି ପ୍ରେମର ସର୍ବୋଚ୍ଚ ଉପଲବ୍ଧି । ଆମ ଇତିହାସ ଓ ଲୋକକଥାରେ ମଧ୍ୟ ଅମର ହୋଇ ରହିଛି ପୃଥ୍ୱୀରାଜ-ସଂଯୁକ୍ତା, କେଦାର-ଗୌରୀଙ୍କ ପ୍ରେମ କାହାଣୀ । ଏସବୁ ପ୍ରେମ କାହାଣୀରେ ପ୍ରେମର ଉପସ୍ଥିତି ନୁହେଁ, ବରଂ ସମାଜକୁ ଦେଇଛି ଶିକ୍ଷା, ସଚେତନତା ଓ ସାମାଜିକ ମୂଲ୍ୟବୋଧର ବାର୍ତ୍ତାବହ । ରାଧା କୃଷ୍ଣଙ୍କ ପ୍ରେମ ତ ସର୍ବୋଚ୍ଚ ଯେଉଁଠି ମିଳନ, ବିଚ୍ଛେଦ, ବିଦଗ୍ଧ, ବିଶ୍ୱସନୀୟତା, ସମର୍ପଣର କେବଳ ବାର୍ତ୍ତା ବହନ କରେ । ଏହାଠାରୁ ଶକ୍ତିଶାଳୀ ପ୍ରେମ ଆଉ କେଉଁଠି ଦେଖିବାକୁ ମିଳେ ନାହିଁ । ତେବେ ବିଦେଶୀ ସଂସ୍କୃତି ବହନ କରୁଥିବା ଏହି ଭାଲେଣ୍ଟାଇନ ଦିବସ ବର୍ତ୍ତମାନର ଯୁବପିଢିକୁ ବାଇଆ କରୁଥିବା ବେଳେ ତଥା ଏହି ଦିବସକୁ ଉତ୍ସାହର ସହିତ ପାଳନ କରୁଥିବା ବେଳେ ଅନେକ ଏହାର ବିରୋଧା ଭାଷ ମଧ୍ୟ କରନ୍ତି । ବିଶେଷତଃ ବଜରଙ୍ଗ ଦଳ ଓ କଳିଙ୍ଗ ସେନା ଭଳି ସଙ୍ଗଠନ ଏହି ପ୍ରଥାର ଘୋର ବିରୋଧ କରନ୍ତି । ସେମାନଙ୍କ ମତରେ ପାଶ୍ଚାତ୍ୟ ସଂସ୍କୃତିରେ ପ୍ରଭାବିତ ହୋଇ ଏହି ଦିବସ ପାଳନ ଆମ ଭାରତୀୟ ସଂସ୍କୃତି ପ୍ରତି ଅବମାନନା ସହ ତୁଳନୀୟ । ସେମାନଙ୍କ କଥା ବି ଯୁକ୍ତି ଯୁକ୍ତ କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରେମ ଖାଲି ପୁଅ ଝିଅ ମଧ୍ୟରେ ସମ୍ପର୍କ ନୁହଁ- ପ୍ରେମ ପିତାମାତା, ଭାଇ ଭଉଣୀ, ଦେଶ ପ୍ରୀତି, ସମାଜ ପ୍ରୀତି ସହିତ ରହିବା ଦରକାର ଯାହା ଆମ ସଂସୃତି ଓ ପରମ୍ପରା ଆମକୁ ଶିଖାଇଛି ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୮୨୪୯୫୦୨୭୭୬




## ଜଳୁଥାଉ ମହାଦୀପ

### ଜେନା ପ୍ରଦୀପ



ମହାଦେବ ତୁମ ମନ୍ଦିର ଶିଖରେ
ଜଳୁଥାଉ ମହାଦୀପ
ଆଲୋକିତ କରି ସବୁରି ଅନ୍ତର
ଦୂର କରୁ ଯେତେ ପାପ ।

ମହାଶିବରାତ୍ରି ଉଜାଗର ରାତ୍ରି
କରି ତୁମ ପାଦେ ଧ୍ୟାନ
ଜଳାଇ ଦୀପାଳି କରିଲେ ପ୍ରାର୍ଥନା
ହୁଏ ପୂଣ୍ୟ ଅରଜନ ।
ହୋଇଯାଏ ଚୁନା ସୁନାର ସଂସାର
ପ୍ରଭୁ କଲେ ତୁମେ କୋପ
ମହାଦେବ ତୁମ ମନ୍ଦିର ଶିଖରେ
ଜଳୁଥାଉ ମହାଦୀପ ।।

ଲୋକଙ୍କର ନାଥ ଲୋକନାଥ ତୁମେ
ରହିଛି ଜଗତେ ଖ୍ୟାତି
ନିଷ୍କାମ ଚିତ୍ତରେ ପୂଜିଲେ ତୁମକୁ
ରହେନାହିଁ ଯମଭୀତି ।
କଇଳାଶ ପତି ତୁମେ ମହାଯତି
ତୁମେ ମୋ ପରମ ତପ
ମହାଦେବ ତୁମ ମନ୍ଦିର ଶିଖରେ
ଜଳୁଥାଉ ମହାଦୀପ ।।

+ଲକ୍ଷ୍ମୀପାଦ,ପ୍ଲଟ ନଂ ୩ଇ/୧୦୧୮
ସେକ୍ଟର ୧୩,ମର୍କତ ନଗର(ସିଡିଏ)
କଟକ,ପିନ୍ - ୭୫୩୦୧୫
ମୋ : ୯୯୩୮୫୨୦୩୭୧

## ଜୀବନ ଯୁଦ୍ଧ

### ସୁହଂସ ଭୋଇ

ଜିଇଁବା ପାଇଁକି ଜୀବନ ସହିତ
କରିବାକୁ ହୁଏ ରଣ
ତା'ସହ ଯୁଝିବା ନୁହଁଇ ସହଜ
ଅଟଇ ସେ ବଳବାନ

ପେଟ ପାଇଁ ମୁଠେ ଦେହ ପାଇଁ ଖଣ୍ଡେ
ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ
ଜୀବନ ତମାମ ଏଇତ ସଂଗ୍ରାମ
ମଣିଷର ପ୍ରତିକ୍ଷଣ

ଝରଇ ଅନେକ ଲୁହର ରକତ
ନଦୀ ଅନୁରୂପ ସେ'ତ
ଛାତିରେ ବାଜଇ ଦୁଃଖର ବାରୁଦ
ଦେଇ ଯାଏ ମନେ କ୍ଷତ

କାନ୍ଧେ ବୋହି ବୋଝ ରହିରହି ଚାଲେ
ସଞ୍ଚି କିଛି ମନେ ବଳ
ଜାଣେନା ସେ କେବେ ସରିବ ସମର
ପାଉ ନାହିଁ ଥଳକୂଳ

ଜୀବନ ଯୁଦ୍ଧରେ ହାରିବା ସହଜ
ଜିତିବା କଠିନ ମାତ୍ର
ବୀର ପରି ଏକା ଲଢିବାକୁ ହେବ
ହେଉପଛେ ପରାହତ

ପହଣ୍ଡି, ବିଜେପୁର, ବରଗଡ଼
ମୋ: ୯୪୩୭୫୨୨୪୫୫

# ହୃଦରୋଗୀଙ୍କୁ ସୁସ୍ଥ ରଖେ 'ଟାଇ ଚି'



ନୂଆ ଅଧ୍ୟୟନ ଅନୁସାରେ ଟାଇ ଚି ହୃଦଘାତ ପୀଡ଼ିତଙ୍କୁ ସୁସ୍ଥ ହେବାରେ ସାହାଯ୍ୟ କରେ। ଚୀନର ଏହି ପ୍ରାଚୀନ ମାର୍ଶଲ ଆର୍ଟ (ବ୍ୟାୟାମ କୌଶଳ) ପାରମ୍ପରିକ ଆରୋଗ୍ୟ କେନ୍ଦ୍ରର ବିକଳ୍ପ ହୋଇପାରେ। ତେବେ ଏହି ଆରୋଗ୍ୟ କେନ୍ଦ୍ରରେ ସକ୍ରିୟ ଭାବେ ଅଂଶଗ୍ରହଣ ନକରିବା ବିପଦପୂର୍ଣ୍ଣ ହୋଇପାରେ ଏବଂ ହୃଦରୋଗୀଙ୍କ ମୃତ୍ୟୁ ଆଶଙ୍କା ୧୮ ପ୍ରତିଶତ ବୃଦ୍ଧି ପାଇଥାଏ ବୋଲି ଏକ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଅଧ୍ୟୟନ ପାଇଁ ହୃଦଘାତ ପୀଡ଼ିତ ୨୯ ଜଣ ବ୍ୟକ୍ତି ଟାଇ ଚି ଶ୍ରେଣୀରେ ଅଭ୍ୟାସର ମଜା ନେଇଥିଲେ। ଧୀମା ଗତିର ବ୍ୟାୟାମ ଜାରି ରଖିବାକୁ ଟାଇ ଚି ଲୋକଙ୍କୁ ଉତ୍ସାହିତ କରିଥାଏ ବୋଲି ଗବେଷକମାନେ ଜାଣିବାକୁ ପାଇଲେ। ଏହି ବ୍ୟାୟାମର ଏକମାତ୍ର ପାର୍ଶ୍ୱ ପ୍ରତିକ୍ରିୟାରେ ମାଂସପେଶୀରେ ସାମୟିକ ଭାବେ ଦରଜ ସେମାନେ ଅନୁଭବ କଲେ। ଏହି ମାର୍ଶଲ୍ ଆର୍ଟ ଅତ୍ୟନ୍ତ ହିତକାରୀ ବୋଲି ବ୍ରାଇନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଅନୁଭବ କରିଛନ୍ତି। ଟାଇ ଚିକୁ ଖୁବ ଧୀର ଓ ସହଜ ଭାବେ ଆରମ୍ଭ କରାଯାଇପାରିବ। ତେଣୁ ହୃଦଘାତ ରୋଗୀଙ୍କ ପାଇଁ ଏହା ଏକ ଭଲ ବିକଳ୍ପ ବୋଲି ଅଧ୍ୟୟନର ମୁଖ୍ୟ ଲେଖକ ଡା.ଏଲିନା ସାଲମୋଇରାଗୋ-ବ୍ଲୋଚର୍ କହିଛନ୍ତି। ରୋଗୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ପରେ ବ୍ୟାୟାମର ବେଗ ଓ ସୋପାନର ତୀବ୍ରତା ବୃଦ୍ଧି କରାଯାଇପାରେ। ଟାଇ ଚି ବ୍ୟାୟାମକୁ କମ୍‌ରୁ ମଧ୍ୟମ ତୀବ୍ରତାର ସ୍ତର ପର୍ଯ୍ୟନ୍ତ ନିଆଯାଇପାରେ ବୋଲି ଏଲିନା କହିଛନ୍ତି। ତେବେ ଏହା ହୃଦରୋଗ ଚିକିତ୍ସାର ଅନ୍ୟ ପାରମ୍ପରିକ ଆରୋଗ୍ୟ କେନ୍ଦ୍ରର ସ୍ଥାନ ନେଇନାହିଁ। ପାରମ୍ପରିକ ଆରୋଗ୍ୟ କେନ୍ଦ୍ର ରୋଗୀଙ୍କ ଶାରୀରିକ ଫିଟ୍‌ନେସ୍‌ରେ ସହାୟକ ହୋଇ ନଥିବା ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଅନ୍ୟ ପକ୍ଷରେ ଟାଇ ଚି ବ୍ୟାୟାମ କୌଶଳ ଉଭୟ ହୃଦ୍ ଓ ଶାରୀରିକ ଫିଟନେସ ପାଇଁ ପ୍ରକୃଷ୍ଟ। ଅନେକ ଅଧ୍ୟୟନରେ ଯଦି ଏହା ପ୍ରମାଣିତ ହୁଏ, ଆରୋଗ୍ୟ କେନ୍ଦ୍ରରେ ବିଭିନ୍ନ କଠିନ ବ୍ୟାୟାମ ସହିତ ଟାଇ ଚିକୁ ସ୍ଥାନ ଦେବା ସମ୍ଭବପର ହେବ।

# ଖାଇବା ପୂର୍ବରୁ ଦୁଇ ପାଖୁଡ଼ା ରସୁଣ; ଦୂର କରେ ଏହି ସବୁ ସ୍ୱାସ୍ଥ୍ୟ ସମସ୍ୟା

**ରସୁଣର ଅନେକ ଔଷଧୀୟ ଗୁଣ ରହିଛି। ଏହାକୁ ଖାଇବା ଦ୍ୱାରା ଏକାଧିକ ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇଯାଏ ବୋଲି ବିବେଚନା କରାଯାଏ। କିନ୍ତୁ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଖାଇବା ପୂର୍ବରୁ କିମ୍ବା ଖାଦ୍ୟ ସହିତ ଯଦି ଦୁଇ ପାଖୁଡ଼ା ରସୁଣ ଖାଆନ୍ତି, ତେବେ ଅନେକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇପାରେ। ଏହା ଦ୍ୱାରା କି କି ଫାଇଦା ମିଳିଥାଏ, ଜାଣନ୍ତୁ...**

## ଖାଇବା ପୂର୍ବରୁ ଦୁଇ ପାଖୁଡ଼ା ରସୁଣର ଫାଇଦା



ରକ୍ତଚାପ ଏବଂ କୋଲେଷ୍ଟ୍ରଲ ନିୟନ୍ତ୍ରଣ- ଖାଇବା ପୂର୍ବରୁ ରସୁଣ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ହୋଇପାରେ। ଏଥିରେ ସଲଫାଇଟ୍ ଯୌଗିକ ଥାଏ, ଯାହା ବିପି ଏବଂ କୋଲେଷ୍ଟ୍ରଲ ସ୍ତରକୁ ହ୍ରାସ କରିଥାଏ। ଏହା ଦ୍ୱାରା ହୃଦୟ ସମ୍ବନ୍ଧୀୟ ସମସ୍ୟା ମଧ ହ୍ରାସ ହୋଇପାରେ।

ସଂକ୍ରମଣରୁ ରକ୍ଷା କରେ- ରସୁଣରେ ପ୍ରାକୃତିକ ଆଣ୍ଟିବାୟୋଟିକ୍ ଗୁଣ ଥାଏ, ଯାହା ବିଭିନ୍ନ ସଂକ୍ରମଣର ମୁକାବିଲା କରିବାରେ ସାହାଯ୍ୟ କରିଥାଏ। ରସୁଣ ଖାଇବା ଦ୍ୱାରା ଥଣ୍ଡା ଏବଂ କାଶ ସମସ୍ୟାରୁ ମଧ ମୁକ୍ତି ମିଳିଥାଏ।

ଆର୍ଥ୍ରାଇଟିସ୍ ଯନ୍ତ୍ରଣା ଏବଂ ଫୁଲାକୁ ହ୍ରାସ କରେ- ଯେଉଁମାନେ ଆର୍ଥ୍ରାଇଟିସରେ ପୀଡିତ ସେମାନେ ଖାଇବା ପୂର୍ବରୁ ଦୁଇ ପାଖୁଡ଼ା ରସୁଣ ଖାଇବା ଦ୍ୱାରା ଗଣ୍ଠି ଯନ୍ତ୍ରଣା ଦୂର ହୋଇଥାଏ।

ହଜମ ପ୍ରକ୍ରିୟାକୁ ମଜବୁତ କରେ- ରସୁଣରେ ଅନେକ ପୋଷକ ତତ୍ତ୍ୱ ରହିଥାଏ, ଯାହା ହଜମକାରୀ ଏନଜାଇମର ଉତ୍ପାଦନକୁ ବଢାଇଥାଏ। ରସୁଣ ଖାଇବା ଦ୍ୱାରା ହଜମ ଭଲ ହୋଇଥାଏ।

ରୋଗ ପ୍ରତିରୋଧକ ଶକ୍ତିରେ ଉନ୍ନତି କରେ- ଯଦି ପ୍ରତିରକ୍ଷା ପ୍ରଣାଳୀ ଦୁର୍ବଳ, ତେବେ ଖାଇବା ପୂର୍ବରୁ ଦୁଇ ପାଖୁଡ଼ା ରସୁଣ ନିଶ୍ଚିତ ରୂପେ ଖାଆନ୍ତୁ। ରସୁଣରେ ଭିଟାମିନ୍ ଏବଂ ମିନେରାଲ୍ସ ଭରପୂର ଥାଏ, ଯେଉଁଥିପାଇଁ ରୋଗ ପ୍ରତିରୋଧକ ଶକ୍ତି ମଜବୁତ ହୁଏ।

# ଚନ୍ଦନର ଉପକାରିତା



ଚନ୍ଦନକୁ ଏକ ପବିତ୍ର ବୃକ୍ଷ ଭାବେ ଭାରତୀୟ ମାନେ ଗ୍ରହଣ କରିଥାନ୍ତି। ଏହା କେବଳ ଦେବପୂଜା ପାଇଁ ନୁହେଁ,ବିଭିନ୍ନ ରୋଗର ଉପଚାରରେ ଏହାକୁ ବ୍ୟବହାର କରାଯାଇଥାଏ। ଶରୀରକୁ ଆରାମ ଦେବା ସହ ମନକୁ ପ୍ରଫୁଲ୍ଲ ରଖିବା ପାଇଁ ଚନ୍ଦନର ବ୍ୟବହର କରାଯାଇଥାଏ। ଚନ୍ଦନ କାଠ ଶରୀରକୁ ବିଭିନ୍ନପ୍ରକାର ସଂକ୍ରମଣରୁ ରକ୍ଷା କରିଥାଏ। ଏହା ଆଂଟିସେପ୍ଟିକର କାମ କରେ। ଏପରିକି ଖାଦ୍ୟ ପଦାର୍ଥକୁ ସ୍ୱାଦିଷ୍ଟ କରିବା ପାଇଁ ଚନ୍ଦନ ତୈଳର ପ୍ରୟୋଗ ହୋଇଥାଏ। ଚନ୍ଦନ ତ୍ୱଚାକୁ ସୁସ୍ଥ ରଖିଥାଏ। ଏହା ଚର୍ମଶୁଷ୍କତା, କୁଣ୍ଡେଇ ହେବା ଏବଂ ଏକଜିମାରୁ ରକ୍ଷା କରେ। ତେଲିଆ



ତ୍ୱଚା ପାଇଁ ଚନ୍ଦନ ଲାଭଦାୟକ। ଏଥିରେ ଥିବା ଫିରୋମେନ ତତ୍ତ୍ୱ ପାଇଁ ଏହାକୁ ଦୁର୍ଗନ୍ଧ ନିବାରକ ଭାବେ ବ୍ୟବହାର କରାଯାଇଥାଏ। ଚନ୍ଦନ ତୈଳ ଶରୀରରେ ସ୍ଫୁର୍ତ୍ତି ଭରିଦିଏ।

ଶରୀରର ସ୍ଫୁର୍ତ୍ତି ପାଇଁ ଚନ୍ଦନ ସହ ଅତରର ପ୍ରୟୋଗ କରାଯାଏ। ଏବେ ଜାଣନ୍ତୁ ଚନ୍ଦନର ଆଉ କିଛି ଔଷଧୀୟ ଗୁଣ...

ଚନ୍ଦନ ଆମର ପେଟ ସମ୍ବନ୍ଧୀୟ ଅନେକ ସମସ୍ୟାକୁ ଦୂର କରିବା ସହ ପାଚନ କ୍ରିୟାକୁ ଠିକ୍ ରଖେ। ଅର୍ଥାତ୍ ଖାଦ୍ୟ ଜୀର୍ଣ୍ଣ ହେ ନଥିଲେ ଚନ୍ଦନରଉପଚାର କରାଯାଇଥାଏ। ଚନ୍ଦନର ତେଲ କେଶକୁ ମଜଭୂତ କରିବା ସହ ଝଡ଼ିବା ବନ୍ଦ କରିଥାଏ। ଏହା କେଶକୁ ଉତ୍ତମ ପୋଷଣ ହେବା ସହ ଚମକ ଆଣିଥାଏ।

ଚନ୍ଦନର ଛାଲି, କାଠ ଏବଂ ତୈଳ ଔଷଧ ପାଇଁ ବ୍ୟବହାର କରାଯାଇଥାଏ।

ଚନ୍ଦନକାଠରେ ଥିବା ଆଂଟିମାଇକ୍ରୋବିୟାଲ ତତ୍ତ୍ୱ ଖାଦ୍ୟନଳୀରେ ସଂକ୍ରମଣ ଏବଂ ଆଉକିଛି ଆଭ୍ୟନ୍ତରୀଣ ସମସ୍ୟାକୁ ଦୂରକରେ।

ଜନନାଙ୍ଗ, ମୂତ୍ରାଶୟ ସଂକ୍ରମଣରେ ଏହା ଆଂଟସେପ୍ଟିକ ଭଳି କାର୍ଯ୍ୟକରେ। ଗନେରିଆ ପରି ଯୌନ ସଂକ୍ରମଣକୁ ଏହା ଆରୋଗ୍ୟ କରେ। ସିଧାସଳଖ ଚନ୍ଦନକୁ ଘୋରି ଲଗାଇବା ତ୍ୱଚା ପାଇଁ ଲାଭଦାୟକ। ଅତ୍ୟଧିକ ଗରମ ପଡ଼ିଥିଲେ ଚନ୍ଦନ ଲଗାଇବା ଦ୍ୱାରା ଆରାମ ମିଳେ। ଚନ୍ଦନର ପାଉଡ଼ର ନିୟମିତ ବ୍ୟବହାର ଦ୍ୱାରା ତ୍ୱଚା ସୁସ୍ଥ ରହେ।

ଉଚ୍ଚ ରକ୍ତଚାପ, ମାନସିକ ଚାପକୁ ନିୟନ୍ତ୍ରଣକୁ ଆଣେ ଚନ୍ଦନର ଏସେନସିଆଲ ଅଏଲ। ଏହା କ୍ଷତକୁ ଭଲକରେ। ତେବେ ଏହି ତେଲକୁ ସିଧାସଳଖ ବ୍ୟବହାରନ କରି ଅନ୍ୟ ତେଲରେ ଏହାକୁ ସାମାନ୍ୟ ମାତ୍ରାରେ ମିଶାଇ ବ୍ୟବହଂାର କରିବା ଭଲ। ଚନ୍ଦନରେ ଆଂଟିସମୋଡ଼ିକ ତତ୍ୱ ରହିଥିବାରୁ ଏହା ସ୍ନାୟୁ ମାଂସପେଶୀ ଆଦିକୁ ଆରାମ ଦେଇଥାଏ। ଦାନ୍ତର ମାଢ଼ିକୁ ଏହା ଶକ୍ତ ରଖେ, ଦନ୍ତକ୍ଷୟକୁ ରୋକିଥାଏ। କାଶ ରୋଗକୁ ଭଲକରେ। ପିଲାମାନଙ୍କ ପାଇଁ ଚନ୍ଦନ ସ୍ୱାସ୍ଥ୍ୟବର୍ଦ୍ଧକ ଟନିକର କାମ କରିଥାଏ।ଦୁର୍ଗନ୍ଧ ନିବାରକ ଭାବେ ବ୍ୟବହାର କରାଯାଉଥିବା ଚନ୍ଦନକୁ ଅନ୍ୟ ସୁଗନ୍ଧିତ ଦ୍ରବ୍ୟ ପ୍ରସ୍ତୁତିରେ ମଧ୍ୟ ବ୍ୟବହାର କରାଯାଏ।

# ଚାଣକ୍ୟ ନୀତି: ଜୀବନରେ ଦୁଇଟି ଜିନିଷକୁ ଡରନ୍ତୁ ନାହିଁ, ସଫଳତା ନିଶ୍ଚୟ ପାଇବେ..



ଚାଣକ୍ୟ ନୀତିକୁ ଲୋକେ ଆଜି ବି ପଢ଼ିବାକୁ ପସନ୍ଦ କରିଥାନ୍ତି । କାରଣ ତାଙ୍କ ନୀତି ପ୍ରତ୍ୟେକ କାଳରେ ପ୍ରତ୍ୟେକ ବର୍ଗଙ୍କୁ କିଛି ଶିଖିବାର ସୁଯୋଗ ଦେଇଥାଏ । ତାଙ୍କ ନୀତି ଅନୁସାରେ ଚାଲିବା ଦ୍ୱାରା ଅନେକ ଲୋକଙ୍କୁ ସଫଳତା ମିଳିଛି । ତେବେ ଏହି କ୍ରମରେ ଚାଣକ୍ୟ କହିଛନ୍ତି, ଦୁଇଟି ଜିନିଷକୁ ଡରୁଥିବା ଲୋକ ସବୁବେଳେ ଜୀବନରେ ପଛରେ ରହିଥାନ୍ତି । ଆପଣ ଏବେ ଭାବୁଥିବେ ଏହି ଦୁଇଟି ଡର କ'ଣ ? ଚାଣକ୍ୟଙ୍କ ଅନୁସାରେ କିଛି ଜିନିଷକୁ ମଣିଷ ନିଜ ଜୀବନ କାଳ ମଧ୍ୟରେ ଡରିବା ଉଚିତ୍ ନୁହେଁ । ଯଦି ଆପଣ ତାକୁ ଡରୁଛନ୍ତି ତେବେ ଏଥିରେ କେବଳ ଆପଣଙ୍କର ହିଁ କ୍ଷତି ହେବ । ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଛୋଟ ଛୋଟ ସମସ୍ୟାକୁ ଖୁବ୍ ଡରନ୍ତି। ସେଇ ସମସ୍ୟାକୁ ସମାଧାନ କରିବା ପରିବର୍ତ୍ତେ ସେମାନେ ଡରି ଡରି ସମସ୍ୟା ଅଧିକ ବଡ଼ କରିଥାନ୍ତି। ଆଚାର୍ଯ୍ୟ ଚାଣକ୍ୟଙ୍କ କହିବାନୁସାରେ ଜୀବନରେ ଅନେକ ପରିବର୍ତ୍ତନ ହୋଇଥାଏ । ଯଦି ଆପଣଙ୍କ ଜୀବନରେ କିଛି ପରିବର୍ତ୍ତନ ହେଉଛି ତେବେ ଏହାକୁ ଆପଣ ଡରନ୍ତୁ ନାହିଁ । ବରଂ ପରିବର୍ତ୍ତନକୁ ସ୍ୱୀକାର କରିବା ଶିଖନ୍ତୁ । ଏହାକୁ ଆପଣାଇବା ଦ୍ୱାରା ଭଲ ଫଳ ମିଳିଥାଏ । କିଛି ଲୋକ ନିଜକୁ ବଦଳାଇବାକୁ ଚାହାନ୍ତି ନାହିଁ କିମ୍ବା ତାଙ୍କ ଜୀବନରେ କୌଣସି ପରିବର୍ତ୍ତନ କରନ୍ତି ନାହିଁ । ସେମାନେ ପରିବର୍ତ୍ତନ ପାଇଁ ଡରନ୍ତି । ଏଭଳି ଲୋକେ କେବେ ଜୀବନରେ ଆଗକୁ ବଢ଼ିପାରନ୍ତି ନାହିଁ କିମ୍ବା ଜୀବନରେ ସଫଳତା ପାଇ ପାରନ୍ତି ନାହିଁ । ଅନେକ ଲୋକ ଭବିଷ୍ୟତର ପରୀକ୍ଷାକୁ ଡରୁଛନ୍ତି । ମଣିଷକୁ ସମୟର ବା ଜୀବନର ପରୀକ୍ଷା ପାଇଁ ଡରିବା ଉଚିତ ନୁହେଁ । ଏଥିପାଇଁ ଚାଣକ୍ୟ କହିଛନ୍ତି କେବେ ବି ପରୀକ୍ଷାକୁ ଡର ନାହିଁ । ବରଂ ଏହାକୁ ସାହସର ସହିତ ସାମ୍ନା କରନ୍ତୁ । ଏହିଭଳି ଲୋକ ହିଁ ଜୀବନରେ ସଫଳତା ପାଇଥାନ୍ତି ।

# ଶିଶୁ ଠିକ୍‌ରେ କ୍ଷୀର ଖାଉ ନାହିଁ କି... ଜାଣନ୍ତୁ କ'ଣ ରହିଛି କାରଣ

ଛୁଆଟିଏ ଜନ୍ମ ହେବା ପରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ତାର ସ୍ତନ୍ୟପାନ। ମା'ର ପ୍ରଥମ କ୍ଷୀର କୋଲଷ୍ଟ୍ରମ୍ ଛୁଆପାଇଁ ଅତ୍ୟନ୍ତ ଉପାଦେୟ ଓ ଏଥିରେ ଛୁଆର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଦରକାର ମୁତାବକ ଆଣ୍ଟିବଡ଼ି ଥାଏ। ଏଣୁ ବର୍ତ୍ତମାନ ସଚେତନତା ବଢ଼ିବା ସହ ଶିଶୁକୁ ମାର ପ୍ରଥମ କ୍ଷୀର ଦେବାକୁ ପ୍ରୋତ୍ସାହିତ କରାଯାଉଛି। କିନ୍ତୁ କେବେ ଆପଣ ଏପରି ସ୍ଥିତି ଦେଖିଛନ୍ତି କି, ଆପଣଙ୍କ ବନ୍ଧୁ-ବାନ୍ଧବ କିମ୍ବା ପରିବାର କ୍ଷେତ୍ରରେ କେହି ନୂଆ ମାଆ ହେବା ପରେ କ୍ଷୀର ହେଉ ନଥିବ କିମ୍ବା ଛୁଆ କ୍ଷୀର ଖାଇପାରୁ ନଥିବ। ହଁ, ଏପରି ଅନେକ କ୍ଷେତ୍ରରେ ଘଟେ, ବିଶେଷକରି ପ୍ରଥମ କରି ମା' ହେଉଥିବା ମହିଳାଙ୍କ କ୍ଷେତ୍ରରେ। ଏଥିପାଇଁ କିଛି ସାଧାରଣ ନିୟମାବଳୀ ବା ଉପାୟ ମାଆମାନେ ଆପଣେଇବା ଉଚିତ୍ ଯାହାଦ୍ୱାରା ସେମାନେ ଛୁଆକୁ ଆରାମରେ ସ୍ତନ୍ୟପାନ କରାଇପାରିବେ ଏବଂ ଛୁଆ ମଧ ନିଜେ ଖାଇବା ଶିଖିବ।

*ସ୍ତନ୍ୟପାନ କରାଇବାକୁ କାହିଁକି ଇଚ୍ଛା ହୁଏ ନାହିଁ:* ସାଧାରଣ ଭାବେ ନବଜାତ ଶିଶୁର ସ୍ତନ୍ୟପାନ ଖୁବ ସହଜ ଲାଗୁଥିଲେ ମଧ ମାଆ ସହ ଆବଶ୍ୟକଠାରୁ କମ୍ ସଂସ୍ପର୍ଶରେ ରହିଲେ ଶିଶୁର ସ୍ତନରୁ କ୍ଷୀର ଖାଇବା ପ୍ରକ୍ରିୟାର ଆରମ୍ଭ ହେବା ସହଜ ହେବ ନାହିଁ। ଏଥିଯୋଗୁଁ ମାଆର ସ୍ତନରେ ବିଭିନ୍ନ ସମସ୍ୟା ଦେଖାଯାଏ।



ସ୍ତନରେ ଇନ୍‌ଫେକ୍‌ସନ୍ ତଥା କ୍ଷୀର ଜମାଟ ବାନ୍ଧିବା ଆଦି ସମସ୍ୟା ହେଲେ ମାଆକୁ ଯନ୍ତ୍ରଣା ହୁଏ, ଯାହା ଫଳରେ ସେ ସ୍ତନ୍ୟପାନ କରାଇବାକୁ ଇଚ୍ଛା କରେ ନାହିଁ।

*ସ୍ତନ୍ୟପାନ କରାଇବାକୁ କାହିଁକି ଇଚ୍ଛା ହୁଏ ନାହିଁ:* ଯଦି ମାଆର ସି ସେକ୍ସନ୍ ହୋଇ ପ୍ରସବ ହୋଇଛି ତେବେ ମଧ ଛୁଆକୁ ମାଆ ଠିକ୍ ଭାବେ ସ୍ତନ୍ୟପାନ କରାଇପାରେ ନାହିଁ। କିନ୍ତୁ ଉପଯୁକ୍ତ ଭାବେ ଶିଖାଇଲେ ମାଆ ଖୁବ୍ ସହଜରେ ଶିଶୁକୁ ସ୍ତନ୍ୟପାନ କରାଇପାରିବ। କେତେକାଂଶରେ ପ୍ରଥମ କ୍ଷୀର କ୍ଷରଣରେ ସମୟ ଲାଗେ। ଏପରି ସ୍ଥଳେ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ତଥା ଉପଯୁକ୍ତ ଖାଦ୍ୟ ଖାଇବାର ଆବଶ୍ୟକତା ରହିଛି।

*କଙ୍ଗାରୁ ଯତ୍ନ ବ୍ୟବସ୍ଥା କ'ଣ:* ଆପଣ ଜାଣନ୍ତି, ସାମାନ୍ୟ ପଶୁ କଙ୍ଗାରୁ ତା' ଛୁଆକୁ ପେଟ ପାଖରେ ଥଳି ଭିତରେ ଧରି ରଖିବା ପରି ନବଜାତ ଶିଶୁକୁ ମାଆ ଶରୀରରେ ଲଗାଇ ରଖି ସ୍ତନ୍ୟପାନ କରାଇବାକୁ କୁହାଯାଏ। ଏହାକୁ କଙ୍ଗାରୁ ଯତ୍ନ ବ୍ୟବସ୍ଥା କୁହାଯାଏ। ପ୍ରାୟତଃ ପ୍ରିମ୍ୟାଚ୍ୟୁର ବେବି ବା ସମୟ ପୂର୍ବରୁ ଜନ୍ମ ଶିଶୁ ପାଇଁ ଏହା ଉପାଦେୟ ହୋଇଥିବା ବେଳେ ସ୍ତନ୍ୟପାନ ବେଳେ ମାଆ ଶିଶୁ ଶରୀରର ସଂସ୍ପର୍ଶ ବଢ଼ାଇବାକୁ ଏହି ପ୍ରଣାଳୀ ଖୁବ ଭଲ। ଯଦି ପ୍ରସବ ସାଧାରଣ ଭାବେ ହୋଇଛି ତେବେ ଚେଷ୍ଟା କରନ୍ତୁ, ସିଧା ବସି ଶିଶୁକୁ ହାତରେ ଦୋଳିରେ ଶୋଇବା ପରି ଧରି ନିଜେ ତାର ମୁହଁ ପାଖକୁ ସ୍ତନ ନିଅନ୍ତୁ, ସେ ନିଜେ ଖାଇବା ଆରମ୍ଭ କରିବ।

*ଶିଶୁ ସହ ସ୍ତନର ଉତ୍ତମ ସଂସ୍ପର୍ଶ:* ମାଆର ସ୍ତନ୍ୟପାନ କରାଇବା ସ୍ଥିତି ବା ପୋଜିସନ୍ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସର୍ବଦା ନିଜ ଆରାମ ଅନୁସାରେ ବସି ଛୁଆକୁ ଖାଇବାକୁ ଦିଅନ୍ତୁ। ଏହାଦ୍ୱାରା କ୍ଷୀର ଠିକ୍ ଭାବେ କ୍ଷରଣ ହେବ ଏବଂ ସ୍ତନର ଏରିଓଲା ଅଂଶକୁ ପୂର୍ଣ୍ଣ ଭାବେ ଶିଶୁର ମୁଖରେ ରଖିବାକୁ ଚେଷ୍ଟା କରନ୍ତୁ। ଏହା ଦ୍ୱାରା ଶିଶୁର ରିଫ୍ଲକ୍ସ ଆକ୍ସନ ବଢ଼ିବ ଓ ସେ କ୍ଷୀରକୁ ଶୋଷାଡ଼ି ଖାଇବା ଶିଖିବ। ଏହା ହିଁ ଶିଶୁ ସହ ସ୍ତନର ଉତ୍ତମ ସଂସ୍ପର୍ଶ ବୋଲି କୁହାଯାଏ। ପ୍ରତିଥର ଖୁଆଇବା ପରେ ଛୁଆର ପିଠି ଥାପୁଡ଼ାନ୍ତୁ ଯାହା ଦ୍ୱାରା ସ୍ତନ୍ୟପାନ କରିବାବେଳେ ଯଦି ଶ୍ୱାସନଳୀରେ ବାୟୁ ରହିଯାଏ ତାହା ସଫା ହୋଇଯିବ।

*କ୍ଷୀର ପରିମାଣ ବୃଦ୍ଧି ପାଇଁ:* ଯଦି ଆପଣଙ୍କ ଛୁଆ ଦିନରେ ସର୍ବନିମ୍ନ ଛଅ ଥର ପରିସ୍ରା କରୁଛି ତେବେ ସେ ପର୍ଯ୍ୟାପ୍ତ ପରିମାଣର ସ୍ତନ୍ୟପାନ କରୁଛି ବୋଲି କହିହେବ। ପ୍ରତି ଦୁଇ ଘଣ୍ଟାରେ ଥରେ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସ୍ତନ୍ୟପାନ କରାନ୍ତୁ। ଯଦି କୌଣସି କାରଣରୁ ଆପଣଙ୍କୁ ଲାଗୁଛି ଯେ କ୍ଷୀର ପରିମାଣ କମ ହେଉଛି ଏବଂ ଶିଶୁର ଖାଇବା ଯଥେଷ୍ଟ ହେଉ ନାହିଁ, ତେବେ ଆପଣଙ୍କ ଖାଦ୍ୟରେ ପରିବର୍ତ୍ତନ ଆଣନ୍ତୁ।

*ସ୍ତନରେ କ୍ଷୀର ପରିମାଣ ବୃଦ୍ଧି ପାଇଁ ଖାଦ୍ୟ:* ଅମୃତଭଣ୍ଡା, ରସୁଣ, ସାଗୁ ଆଦି ମାଆ କ୍ଷୀର ଉତ୍ପାଦନ ପାଇଁ ଅତ୍ୟନ୍ତ ଫଳପ୍ରଦ। ଏହା ପରେ ବି ଯଦି ଆପଣ ଅସୁବିଧା ସମ୍ମୁଖୀନ ହେଉଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ସପ୍ଲିମେଣ୍ଟ୍ ନେଇପାରିବେ। ସର୍ବଦା ଚେଷ୍ଟା କରନ୍ତୁ ମାଆକୁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଦେଇ ଶିଶୁ ପାଇଁ କ୍ଷୀର ଉତ୍ପାଦନ ଠିକ୍ ରଖିବେ। ଶିଶୁକୁ କୌଣସି ପରିସ୍ଥିତିରେ ଛଅମାସ ପୂର୍ବରୁ ପାଣି କିମ୍ବା କୌଣସି ବାହାର ତରଳ ଦିଅନ୍ତୁ ନାହିଁ।

*ଶିଶୁର ପ୍ରଥମ ପୋଷଣ:* ଶିଶୁର ପ୍ରଥମ ପୋଷଣ ମାଆ କ୍ଷୀରରୁ ମିଳେ। ଏଣୁ ବାହାର ଖାଦ୍ୟ ବା ଫର୍ମୁଲା ଆଦି ଦେବା ଦ୍ୱାରା ଛୁଆର ଶରୀରର ବୃଦ୍ଧି ତ ହୁଏ କିନ୍ତୁ ରୋଗ ପ୍ରତିରୋଧକ ଶକ୍ତି ଆବଶ୍ୟକ ପରିମାଣରେ ବଢ଼ିପାରେ ନାହିଁ। ଏଣୁ ମାଆ କ୍ଷୀର କୌଣସି ପରିସ୍ଥିତିରେ ବନ୍ଦ କରନ୍ତୁ ନାହିଁ। ଆମ ଗାଁ ଗହଳିରେ ବଡ଼ମାନେ ସାଧାରଣତଃ ମା'କୁ ଥଣ୍ଡା ଜ୍ୱର ହେଲେ ଛୁଆକୁ କ୍ଷୀର ଦେବାକୁ ମନା କରନ୍ତି। କିନ୍ତୁ ତାହା ସମ୍ପୂର୍ଣ୍ଣ ଭୁଲ୍। ମାଆର ଥଣ୍ଡା କିମ୍ବା ଜ୍ୱର ହେବା ବେଳେ ତା' ଶରୀରରେ ଆଣ୍ଟିବଡ଼ି ବା ରୋଗପ୍ରତିରୋଧକ ଶକ୍ତି ତିଆରି ହୁଏ, ଏହା ପରୋକ୍ଷ ଭାବେ ଶିଶୁ ଦେହକୁ ଯାଇଥାଏ। ତେଣୁ ଶିଶୁକୁ ସେହି ସମୟରେ ସ୍ତନ୍ୟପାନରୁ ବିରତ କରାଇବା ଉଚିତ ନୁହେଁ।



*ନିର୍ଦ୍ଦିଷ୍ଟ ଔଷଧ ନେବାକୁ ବାରଣ:* ସ୍ତନ୍ୟପାନ କରାଉଥିବା ମାଆକୁ କେତେକ ନିର୍ଦ୍ଦିଷ୍ଟ ଔଷଧ ନେବାକୁ ବାରଣ କରାଯାଏ, ଯାହା କେବଳ ଡାକ୍ତରଙ୍କ ପରାମର୍ଶ ପରେ କରିବେ। ଯଦି କିଛି ବିଶେଷ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟା ଦେଖାଯାଏ ତେବେ ଡାକ୍ତରଙ୍କ ପରାମର୍ଶ କରି ନିଷ୍ପତ୍ତି ନିଅନ୍ତୁ। ମାଆ ଗର୍ଭବତୀ ଥିବା ସମୟରେ କୌଣସି ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଛି କିନ୍ତୁ ସୁସ୍ଥ ଶିଶୁ ଜନ୍ମ ହୋଇଛି ତେବେ ମଧ ସ୍ତନ୍ୟପାନ କରାଇବାରେ ଅସୁବିଧା ନାହିଁ। କିନ୍ତୁ କୌଣସି ପରିସ୍ଥିତିରେ ଯଦି ଛୁଆ କ୍ଷୀର ଖାଇପାରୁନି, ଜଣ୍ଡିସ୍ କିମ୍ବା ଅନ୍ୟ କୌଣସି ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ମାଆଠାରୁ ଅଲଗା ରହିଛି, ତେବେ ମାଆଠାରୁ ଏକ ସ୍ୱଚ୍ଛ ଷ୍ଟେରିଲାଇଜ୍ ହୋଇଥିବା କଣ୍ଟେନର ବା କାଚ ବୋତଲରେ କ୍ଷୀର ବାହାର କରି ସାଧାରଣ କୋଠରୀ ତାପମାତ୍ରାରେ ରଖି ଦେଇହେବ। ହେଲେ ଧ୍ୟାନ ରଖନ୍ତୁ କ୍ଷୀର ରଖିବାର ସ୍ଥାନ ସଫାସୁତୁରା ରହିବା ଆବଶ୍ୟକ।

*ମାଆକୁ ଉପଯୁକ୍ତ ସୁଷମ ଖାଦ୍ୟ:* ସ୍ତନ୍ୟପାନ କରାଇବା ସମୟରେ ମାଆ ଉପଯୁକ୍ତ ସୁଷମ ଖାଦ୍ୟ ଖାଇବା ଆବଶ୍ୟକ। ନିୟମିତ ପରିମାଣର କ୍ୟାଲୋରୀ ସହ ଆଉ ୬୦୦ କ୍ୟାଲୋରୀ ଅଧିକ ମିଶାଇ ନେବା ଆବଶ୍ୟକ ହୋଇଥାଏ। ଫଳ, ପନିପରିବା, ଶାଗୁ, ଉଷୁନା ଭାତ ଘିଅ ସହ ଖାଇବା ଭଲ। ଗରିଷ୍ଠ ଖାଦ୍ୟରୁ ଦୂରେଇ ରହିଲେ ଭଲ। ଧିରେ ଧିରେ କରି ଅଳ୍ପ ଅଳ୍ପ ଖାଇପାରିବେ। ସର୍ବଦା ଖାଇବା ବେଳେ ଧ୍ୟାନ ରଖିବେ ଯେ ଆପଣ ଯାହା ଖାଇବେ ତାହା ଶିଶୁର ଶରୀରରେ ହଜମ ହେବା ଆବଶ୍ୟକ।

*ମାଆମାନେ ଅଫିସ ଯାଉଥିଲେ କ'ଣ କରିବେ:* ଆଜିକାଲି ପ୍ରାୟ ମାଆମାନେ ଅଫିସ ଯାଉଛନ୍ତି। ଅଧିକାଂଶ କ୍ଷେତ୍ରରେ ୱାର୍କ ଫ୍ରମ୍ ହୋମ୍ ବା ଘରୁ କାମ କରିବାର ସୁବିଧା ଥିବାବେଳେ କେତେକ କ୍ଷେତ୍ରରେ ନାହିଁ। ସେ କ୍ଷେତ୍ରରେ ଯଦି ଅଫିସରେ ସ୍ତନ୍ୟପାନ ଗୃହ ରହିଛି ତେବେ ଶିଶୁକୁ ନେଇଯାଇପାରିବେ। ଏବେ ପ୍ରାୟ ସମସ୍ତ ସର୍ବସାଧାରଣ ସ୍ଥାନରେ ସ୍ତନ୍ୟପାନ କୋଠରୀ ରଖିବା ପାଇଁ ସଚେତନତା ସୃଷ୍ଟି ହେଉଛି। ମଲ୍, ରେଷ୍ଟୁରାଂଣ୍ଟ୍ ଆଦିକୁ ବୁଲିଗଲା ବେଳେ ମଧ ଶିଶୁକୁ ଲଗାତାର ସମୟ ଅନୁସାରେ ସ୍ତନ୍ୟପାନ କରାଇବାକୁ ଭୁଲନ୍ତୁ ନାହିଁ।

# "ଅବହେଳିତ ବର୍ଗର ଲୋକଙ୍କ ଉତ୍ଥାପନ ଦିଗରେ ଦୀପିକା ମହିଳା ସଂଘତିର ପ୍ରତ୍ୟେକ ପ୍ରୟାସ ବହୁମୂଲ୍ୟ ଏବଂ ଏହାର ପ୍ରଭାବ ଦୀର୍ଘସ୍ଥାୟୀ ଅଟେ: ଆରଏସପିର ଡ଼ିଆଇସି ଶ୍ରୀ ଆଲୋକ ବର୍ମା

ରାଉରକେଲା, ୧୦/୨ (ନି.ପ୍ର): ଇସ୍ପାତ ସହରର ଅଗ୍ରଣୀ ଜନହିତୈଷୀ ସଂଗଠନ ଦୀପିକା ମହିଳା ସଂଘତିର ୬୫ତମ ବାର୍ଷିକ ଉତ୍ସବ ଫେବୃଆରୀ ୭ ତାରିଖରେ ସିଭିକ୍ ସେଣ୍ଟର ଠାରେ ହର୍ଷୋଲ୍ଲାସ ମଧ୍ୟରେ ପାଳନ କରାଯାଇଥିଲା। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଥିଲେ । ଏହି ଅବସରରେ ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ଶ୍ରୀମତୀ ନମ୍ରତା ବର୍ମା, ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, ଖଣି ଉନ୍ନୟନ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବି କେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି ଓଜିଓଏମ-ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ ଶ୍ରୀ ରାଜେଶ ଦାସଗୁପ୍ତା, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଇନ ଚାର୍ଜ ଡାକ୍ତର ଜେ କେ ଆଚାର୍ଯ୍ୟ, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ଶ୍ରୀମତୀ ପ୍ରଭାତୀ ମିଶ୍ର, ଶ୍ରୀମତୀ ସ୍ମିତା ଗିରି, ଡକ୍ଟର ପ୍ରତିଜ୍ଞା ପଲାଇ, ଶ୍ରୀମତୀ ରୀତା ରାଣୀ, ଶ୍ରୀମତୀ ନବନୀତା ପାଲଚୌଧୁରୀ, ସଂଘତିର ସମ୍ପାଦିକା ଶ୍ରୀମତୀ ସାରିକା କୁମାର, ଆରଏସପିର ବହୁ ଅନ୍ୟ ବରିଷ୍ଠ ଅଧିକାରୀ, ଦୀପିକା ମହିଳା ସଂଘତିର ସଦସ୍ୟାମାନେ ସପରିବାର ଉପସ୍ଥିତ ଥିଲେ।



ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ଆନୁଷ୍ଠାନିକ ପ୍ରଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଶ୍ରୀମତୀ ନମ୍ରତା ବର୍ମା ନିଜର ବକ୍ତବ୍ୟରେ ସଂଘତିର ବିଗତ କିଛିବର୍ଷର କାର୍ଯ୍ୟଧାରା ଏବଂ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ନିଜର ବକ୍ତବ୍ୟରେ ଶ୍ରୀ ବର୍ମା ସମାଜରେ ଲୋକଙ୍କର ବିଶେଷ କରି ମହିଳା ଓ ଶିଶୁଙ୍କ ଉନ୍ନତି ଓ କଲ୍ୟାଣ ଦିଗରେ ଦୀର୍ଘସମୟ ଧରି ପ୍ରଶଂସନୀୟ କାର୍ଯ୍ୟ କରିଆସୁଥିବା ପାଇଁ ସଂଗଠନର ସଦସ୍ୟାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। "ଅବହେଳିତ ବର୍ଗର ଲୋକଙ୍କ ଉତଥାପନ ଦିଗରେ ଆପଣଙ୍କର ପ୍ରତ୍ୟେକ ପ୍ରୟାସ ବହୁମୂଲ୍ୟ ଏବଂ ଏହାର ପ୍ରଭାବ ଦୀର୍ଘସ୍ଥାୟୀ ଅଟେ," ବୋଲି ସେ ଉଲ୍ଲେଖ କରିଥିଲେ। ଏକ ପ୍ରଗତିଶୀଳ ଓ ସମାନ ଅଧିକାର ପୂର୍ଣ୍ଣ ସମାଜ ଗଠନ ଦିଗରେ ମହିଳାଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଆଲୋକପାତ କରିଥିଲେ । ଶ୍ରୀମତୀ ସାରିକା କୁମାର ପୂର୍ବବର୍ଷର ସଂଗଠନର ବିଭିନ୍ନ ପ୍ରୟାସ ଉପରେ ଏକ ଅଡିଓ ଭିଜୁଆଲ୍ ରିପୋର୍ଟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଉପସ୍ଥାପିତ ଚମତ୍କାର ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁନ୍ଦର ନୃତ୍ୟ ସଂଯୋଜନା, ସୁମଧୁର ସଙ୍ଗୀତ ଉପସ୍ଥାପିତ ହୋଇଥିଲା। ଡକ୍ଟର ମେଘନା ଚାଟାର୍ଜୀ ଉଦଘାଟନୀ ଅଧିବେଶନ ସଂଯୋଜନା କରିଥିଲେ। ଶ୍ରୀମତୀ ସାଉଲିନା ଓ ଶ୍ରୀମତୀ ରୂପାଲୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଗଠନର ଯୁଗ୍ମ ସଚିବ ଶ୍ରୀମତୀ ପୁନମ ରାଣା ରାଓ ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ ସଂଗୀତ ଗାନ ସହିତ ଏହି କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

# ବଲାଙ୍ଗିରରେ ବିଜେଡିର ଚାଷୀ ସମାବେଶରେ ପଂଚାୟତ ନିର୍ବାଚନ ବିଗୁଲ୍ ବାଜିଲା

ବଲାଙ୍ଗିର, ୧୦/୨ (ନି.ପ୍ର): ଚାଷୀ ମାନଙ୍କ ସମସ୍ୟା ଓ ବର୍ଦ୍ଧିତ ମହିଳା ନିର୍ଯାତନା ଓ ଅନ୍ୟାନ୍ୟ ଲୋକଙ୍କ ସମସ୍ୟା ସମାଧାନ ତ ଦୂରେ ଥାଇ ରାଜ୍ୟରେ ଦୁଇ ବର୍ଷ ଅତିବାହିତ ହେବାକୁ ଯାଇଥିବା ବେଳେ ଡବଲ ଇଞ୍ଜିନ ନାରା ଦେଇ ଆସିଥିବା ବିଜେପି ସରକାର ସବୁ ଦିଗରେ ଫେଲ ମାରିଥିବାକୁ ବିତାଡିତ କରି ଆଗାମୀ ୨୦୨୭ ରେ ୨୪ ବର୍ଷ ସୁଶାସନ ଦେଇଥିବା ନବୀନ ପଟ୍ଟନାୟକଙ୍କୁ ପୁଣି ଶାସନ ଭାର ଦେବାକୁ ପଂଚାୟତ ଓ ପୌର ପରିଷଦ ନିର୍ବାଚନ ପାଇଁ ଚାଷୀ ସମାବେଶରେ ନିର୍ବାଚନୀ ବିଗୁଲ୍ ଫୁଙ୍କିଛି। ଆଜି ବଲାଙ୍ଗୀର ଜିଲ୍ଲାପାଳଙ୍କୁ ଚାଷୀ ମାନଙ୍କ ଦାବୀ ନେଇ ଦିଆଯାଇଥିବା ଦାବୀ ପତ୍ର ଦେବା ସହିତ ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ବିଜେଡ଼ି ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ବଲାଂଗିର ବିଧାୟକ କଳିକେଶ ନାରାୟଣ ସିଂଦେଓ, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ, ବଲାଂଗିର ନଗରପାଳ ଲୀକା ସାହୁ, ଚାଷୀ ନେତା ଆକାଶ ମିଶ୍ର, ଦେଓଗାଁ ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମଣ ମେହେର, କଂଟାବାଞ୍ଜିର ଅଜୟ ଦାସ ପ୍ରମୂଖ ସମାବେଶରେ ଉଦବୋଧନ ଦେଇ ଲୋକଙ୍କୁ ଅନେକ ଲୋଭନୀୟ ଆଶ୍ୱାସନା ଦେଇ ସରକାର ଗଢିଥିବା ମୋହନ ସରକାର କୌଣସି କାର୍ଯ୍ୟ କରି ପାରି ନାହାନ୍ତି। ସରକାର ଚଳାଇବା ପାଇଁ ଅର୍ଥର ଅଭାବ ଯୋଗୁଁ କର୍ମଚାରୀଙ୍କ ଦରମା ଦେବା ସ୍ଥିତିରେ ନାହାନ୍ତି। ଚାଷୀଙ୍କୁ ପ୍ରଲୋଭିତ କରି ଆସିଥିବା ଚାଷୀଙ୍କ ଅମଳ ଧାନ ଲକ୍ଷ୍ୟ ଠାରୁ ଅଧା ତିନିମାସ ବିତିଥିଲେ ମଧ୍ୟ କିଣି ନପାରି ମଣ୍ଡିରେ ଧାନ ପଡି ରହିଛି । ଏବେ ସମଗ୍ର ରାଜ୍ୟର ଲୋକେ ନବୀନ ବାବୁଙ୍କ ୨୪ ବର୍ଷକୁ ଝୁରି ହେଉଛନ୍ତି। ଅଜି ପୁରାତନ ଫଳ ମାର୍କେଟରେ ଅନୁଷ୍ଠିତ ଚାଷୀ ସମାବେଶରେ ସମଗ୍ର ଜିଲ୍ଲାରୁ ଚାଷୀ ମହିଳା ସବୁ ବର୍ଗର ନେତା କର୍ମି ଉପସ୍ଥିତ ଥିଲେ। ସମସ୍ତ ବକ୍ତା ଆଗାମୀ ଦିନରେ ପୁଣି ନବୀନ ବାବୁଙ୍କୁ ଏହି ରାଜ୍ୟ ଚଳାଇବା ପାଇଁ ଉପଯୁକ୍ତ ମଣୁ ଥିବାରୁ ସମସ୍ତେ ଏକଜୁଟ ହୋଇ ପୁଣି ବିଜେଡିକୁ ସ୍ୱାଗତ କରିବା ଦିଗରେ କାମ କରିବାକୁ ଆହ୍ୱାନ ଦେଇଥିଲେ।

# କଲ୍ୟାଣ ନଗର ଅଙ୍ଗାରଗଡ଼ିଆରେ ୧୬ତମ ଅଷ୍ଟପ୍ରହରୀ ନାମଯଜ୍ଞ



ବାଲେଶ୍ୱର, ୧୦/୨ (ନି.ପ୍ର): କଲ୍ୟାଣ ନଗର, ଅଙ୍ଗାରଗଡ଼ିଆର ୧୬ତମ ଅଷ୍ଟପ୍ରହରୀ ନାମଯଜ୍ଞ ଗତ ୭ ତାରିଖ ସକାଳ ୧୧ ଘଟିକା ସମୟରେ ଘଟୋଉଳ କରାଯାଇ ମହାପ୍ରଭୁ ଶ୍ରୀ ଚୈତନ ଦେବଙ୍କର ନାମଯଜ୍ଞ ଆରମ୍ଭ କରାଯାଇଥିଲା। ଏଥିରେ କଲ୍ୟାଣ ନଗର, ଅଙ୍ଗାରଗଡ଼ିଆ ଗ୍ରାମ ସହିତ କୃଷ୍ଣ ନଗର ଏବଂ ବ୍ଲକ୍ କଲୋନୀର ସମସ୍ତ ଅଧିବାସୀମାନେ ଯୋଗଦାନ କରିଥିଲେ। ସନ୍ଧ୍ୟା ୭ ଘଟିକା ସମୟରେ ମେଳି କୀର୍ତ୍ତନ କରାଯାଇଥିଲା, ଯାହା ସମସ୍ତ ସଂକୀର୍ତ୍ତନ ପ୍ରେମୀ ଲୋକମାନଙ୍କୁ ଆକର୍ଷିତ କରିଥିଲା। ସକାଳେ ନଗର ପରିକ୍ରମା ସହିତ ମେଳି କୀର୍ତ୍ତନ, ଦଧି କାର୍ଯ୍ୟ ସୁଚାରୁ ରୂପେ ସମାପନ କରି ପ୍ରସାଦ ସେବନ କରାଯାଇଥିଲା। ଦୁଇ ଦିନ ଧରି ଏ ଅଞ୍ଚଳର ସାମଗ୍ରୀକ ଉନ୍ନତି ପାଇଁ ନାମ ସଂକୀର୍ତ୍ତନ ଯଥାବିଧି କରାଯାଇଥିଲା। ଏହି କାର୍ଯ୍ୟକୁ ସୁଚାରୁ ରୂପେ ସମାପନ କରିବା ପାଇଁ ନାରାୟଣ ଚନ୍ଦ୍ର ମାଜୀ, ଜନ୍ମେଜୟ ଦତ୍ତ, ମନୋରଞ୍ଜନ ଭୋଳ, ଅଦୈତ୍ୟ ଖୁଣ୍ଟିଆ, ସଂଜୟ ପରିଚ୍ଛା, ବିନୟ ଦାସ, ପ୍ରମୋଦ ଦାସ, ବିଶ୍ୱମ୍ଭର ଦାସ, ସୁଧାକର ଜେନା, ରଜନୀକାନ୍ତ ଦାସ, ଅଭୟ ମିଶ୍ର, ଫକୀର ଚରଣ ଦାସ, ପ୍ରବୀର ପାତ୍ର, ସୁରେଶ ଚନ୍ଦ୍ର ସେନାପତି ଏବଂ ଅନ୍ୟାନ୍ୟ କଲ୍ୟାଣନଗର ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ।

# ସେଲ୍, ଆରଏସପିର ସିଣ୍ଟର ପ୍ଲାଣ୍ଟ-୩ ବିଭାଗର ନିଜସ୍ୱ ଉଦ୍ୟୋଗୀ ପ୍ରୟାସ ଦ୍ୱାରା ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାରେ ଉନ୍ନତି

ରାଉରକେଲା, ୧୦/୨ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ସିଣ୍ଟର ପ୍ଲାଣ୍ଟ-୩ (ଏସପି-୩) ବିଭାଗରେ ବୁଷ୍ଟର ପମ୍ପ ଟ୍ୟାଙ୍କ ଜଳସ୍ତରର ବାସ୍ତବ-ସମୟ ନିରୀକ୍ଷଣ ପାଇଁ ନିଜସ୍ୱ ସମ୍ବଳରେ ବିକଶିତ ଏକ ଅଭିନବ ସମାଧାନ ସଫଳତାର ସହିତ କାର୍ଯ୍ୟକାରୀ କରାଯାଇଛି, ଯାହା କାର୍ଯ୍ୟକ୍ଷମ ସୁରକ୍ଷା ଏବଂ ନିର୍ଭରଯୋଗ୍ୟତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଛି।

ଉଲ୍ଲେଖଯୋଗ୍ୟ ଯେ, ବୁଷ୍ଟର ପମ୍ପ ଜଳ ସିଣ୍ଟରିଂ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । କାରଖାନାର ସ୍ଥାପନ ହେବା ପରଠାରୁ, ପ୍ରତ୍ୟେକ ସିଫ୍ଟ ସମୟରେ ବୁଷ୍ଟର ପମ୍ପ ଟ୍ୟାଙ୍କ ଜଳସ୍ତରର ମାନବୀୟ ପର୍ଯ୍ୟବେକ୍ଷଣ କରାଯିବା ସହ ଲଗ୍ ବୁକରେ ରେକର୍ଡ କରାଯାଉଥିଲା। ତଥାପି, ଅନିବାର୍ଯ୍ୟ ମାନବୀୟ କାର୍ଯ୍ୟ ଯୋଗୁଁ, ଟ୍ୟାଙ୍କ ସ୍ତରରେ ତଦାରଖର ଆବଶ୍ୟକତା ଦେଖାଦେଇଥିଲା, ଯାହା ସମ୍ଭାବ୍ୟ କାର୍ଯ୍ୟକ୍ଷମ ବିପଦ ସୃଷ୍ଟି କରୁଥିଲା।



ଏହି ଆହ୍ୱାନର ମୁକାବିଲା ନିମନ୍ତେ, ଅପରେସନ୍, ମେକାନିକାଲ୍, ଇଲେକ୍ଟ୍ରିକାଲ୍ ବିଭାଗରୁ ଏକ ମିଳିତ ଦଳ ଏକ ଫ୍ଲୋଟ୍, ପ୍ରୋକ୍ସିମିଟି ସେନ୍ସର ଏବଂ ଘରୋଇ ସଫ୍ଟୱେର୍ ବ୍ୟବହାର କରି କମ ଖର୍ଚ୍ଚରେ ନିଜସ୍ୱ ସମ୍ବଳ ବିନିଯୋଗରେ ଏକ ଅଭିନବ ସମାଧାନ ବିକଶିତ କରିଥିଲା, ଯାହାକୁ ଡିଷ୍ଟ୍ରିବ୍ୟୁଟେଡ୍ କଣ୍ଟ୍ରୋଲ୍ ସିଷ୍ଟମ୍ (ଡ଼ିସିଏସ) ସହିତ ସଂଯୁକ୍ତ କରାଯାଇଥିଲା। ଏହା ମୁଖ୍ୟ ନିୟନ୍ତ୍ରଣ କକ୍ଷରେ ବାସ୍ତବ-ସମୟ ସ୍ତର ମନିଟରିଂ ସକ୍ଷମ କରିବା ସହ ମାନବୀୟ ପର୍ଯ୍ୟବେକ୍ଷଣର ଅସୁବିଧା ଦୂର କରିଥିଲା।

ସମ୍ପୂର୍ଣ୍ଣ ବ୍ୟବସ୍ଥାଟି ସର୍ବାଧିକ ଆଭ୍ୟନ୍ତରୀଣ ସମ୍ବଳ ବ୍ୟବହାର କରି ଏହାର ମଡେଲ, ତିଆରି ଏବଂ ସ୍ଥାପିତ ହୋଇଥିଲା, ଯାହା ଆଭ୍ୟନ୍ତରୀଣ ବିଶେଷଜ୍ଞତା ଏବଂ ସାମଗ୍ରୀର ପ୍ରଭାବଶାଳୀ ବ୍ୟବହାର ପ୍ରଦର୍ଶନ କରିଥିଲା। ଉଚ୍ଚ ଏବଂ ନିମ୍ନ ସ୍ତରର ଜଳ ସୂଚକଗୁଡ଼ିକୁ ଡ଼ିସିଏସ ରେ ସଫଳତାର ସହିତ ସଂଯୁକ୍ତ କରାଯାଇଥିଲା, ଯାହା ଅପରେଟରମାନଙ୍କୁ ଟ୍ୟାଙ୍କ ସ୍ତର ନିରନ୍ତର ତଦାରଖ କରିବା ସହିତ ସମୟୋଚିତ ସଂଶୋଧନମୂଳକ ପଦକ୍ଷେପ ନେବାକୁ ସହଜ କରିଥିଲା । ଏ ହି ପଦକ୍ଷେପର ଫଳସ୍ୱରୂପ କାର୍ଯ୍ୟକ୍ଷମ ସୁରକ୍ଷା ବୃଦ୍ଧି ପାଇଥିବାବେଳେ, ମାନବୀୟ ପର୍ଯ୍ୟବେକ୍ଷଣ କାର୍ଯ୍ୟ ଉପରେ ନିର୍ଭରଶୀଳତା ହ୍ରାସ ପାଇବା ସହ ସାମଗ୍ରିକ ବ୍ୟବସ୍ଥା ନିର୍ଭରଯୋଗ୍ୟତା ଉନ୍ନତ ହୋଇଛି।

ଏହି ପ୍ରକଳ୍ପକୁ ସିଣ୍ଟର ବିଭାଗର ସିଜିଏମ ଶ୍ରୀ ଶେଖର ନାରାୟଣ, ସିଣ୍ଟର ପ୍ଲାଣ୍ଟ -୩ ର ଜିଏମ ଇନ-ଚାର୍ଜ ଶ୍ରୀ କଲ୍ୟାଣ ସମଜଦାର, ମେକାନିକାଲ ବିଭାଗର ଏଚଓଏସ ଶ୍ରୀ ଅନୁଗ୍ରହ ଏକ୍କା, ଇଲେକ୍ଟ୍ରିକାଲ ବିଭାଗର ଏଚଓଏସ ଶ୍ରୀ କାମେଶ୍ୱର ସିଂହ ଏବଂ ଅପରେସନ୍ସ ବିଭାଗର ଏଚଓଏସ ଶ୍ରୀ ସୌଭାଗ୍ୟ କୁମାର ମହାନ୍ତିଙ୍କ ଅନୁମୋଦନ ଏବଂ ମାର୍ଗଦର୍ଶନରେ କାର୍ଯ୍ୟକାରୀ କରାଯାଇଥିଲା। ସୂଚନା ଯୋଗ୍ୟ ଯେ, ବିଭାଗର କର୍ମଚାରୀ ଶ୍ରୀ ବସନ୍ତ କୁମାର ଦାସ, ଶ୍ରୀ ଦାସ ଅଧିକାରୀ, ଶ୍ରୀ ବିକ୍ରମ କିସ୍ପୋଟା, ଶ୍ରୀ ସଞ୍ଜୟ ପରିଡା, ଶ୍ରୀ ଡି. ଟପ୍ପୋ, ଶ୍ରୀ ତ୍ରୈଲୋକ୍ୟ ବେହେରା, ଶ୍ରୀ ଅଶ୍ୱିନ କୁଲୁ, ଶ୍ରୀ ଚାମୁ କିଷାନ ଏବଂ ଶ୍ରୀ ରାମ ନାରାୟଣ ସାହୁଙ୍କ ଉତ୍ସର୍ଗୀକୃତ ପ୍ରୟାସ ଦ୍ୱାରା ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମ୍ପାଦିତ ହୋଇଥିଲା। ଏ ହି ପଦକ୍ଷେପଟି ଦଳଗତ କାର୍ଯ୍ୟ, ବିଭିନ୍ନ ବିଭାଗ ମଧ୍ୟରେ ସହଯୋଗ ଏବଂ ନବସୃଜନର ଏକ ଉଦାହରଣୀୟ ପ୍ରଦର୍ଶନ ଅଟେ, ଯାହା ରାଉରକେଲା ଇସ୍ପାତ କାରଖାନାର ଜଟିଳ ସମସ୍ୟା ସମାଧାନ ସଂସ୍କୃତିକୁ ପ୍ରତିଫଳିତ କରେ।

# ମା' ପରମ ବୈଷ୍ଣବୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାସୁଦେବପୁର, ୧୦/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ଉହାଡ ଠାରେ ମା ପରମ ବୈଷ୍ଣବୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ସଭାପତି ସୁଶାନ୍ତ କୁମାର ଦାସ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ସରପଞ୍ଚ ରୀନା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ସମିତି ସଭ୍ୟା ଙ୍କ ପ୍ରତିନିଧି ରଘୁନାଥ ମଲ୍ଲିକ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଶଶିକାନ୍ତ ପତି, ଅତିଥି ଶିକ୍ଷକ କମଳାକାନ୍ତ ନାୟକ, ରବୀନ୍ଦ୍ର ଦାସ, ସ୍କୁଲ୍ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ରାଉତ, ଆଲୁ ମୁନି ପ୍ରେସିଡେଣ୍ଟ ଅନିରୁଦ୍ଧ ବେହେରା। ସମସ୍ତ ଅତିଥି ଖୁବ୍ ସୁନ୍ଦର ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ଶିକ୍ଷକ ଅଶୋକ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ନୟନ ରଞ୍ଜନ କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଜିଲ୍ଲା ଠାକୁରବାଡି ମହାସଂଘ ବୈଠକ

ଧର୍ମଶାଳା, ୧୦/୨ (ନି.ପ୍ର): ଯାଜପୁର ଜିଲାଧର୍ମଶାଳା ବ୍ଲକ ସୁନ୍ଦରିଆ ପଂଚାୟତ ଠେଙ୍ଗିଆବଟ ପରିସରରେ ଶ୍ରୀ ଶ୍ରୀ ରାଧାକୃଷ୍ଣ ଜୀଉ ଠାକୁରବାଡି ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଙ୍ଘର ସଭାପତି ସୁରେନ୍ଦ୍ର ନାଥ ନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସୁନ୍ଦରିଆ ଗ୍ରାମର ମୁରବୀ ରଶ୍ମିରଂଜନ ପରିଡା ଓ ପ୍ରଶାନ୍ତ କୁମାର ଦାସ ଅତିଥି ଭାବେ ଯୋଗଦେଇ ପ୍ରଦ୍ୱୀପ ପ୍ରଜ୍ୱଳନ କରିଥିଲେ । ଚଳିତ ବର୍ଷ ଦୋଳ ମିଳନକୁ ସଂସ୍କାରିତ, ସରସସୁନ୍ଦର କରିବା ସହିତ ଡକବାଜି ଯନ୍ତ୍ର ୧୦୦୦ ୱାଟ ମଧ୍ୟରେ ସୀମିତି ରଖିବା ଓ ଦିବା ୧ଟା ମଧ୍ୟରେ ମିଳନ ସାରିବା ପାଇଁ ସଙ୍ଘ ପକ୍ଷରୁ ସ୍ଥିର କରାଯାଇଥିଲା । ମୁନସୀ ମିଳନ କମିଟିର ଉପସଭାପତି ଆଲୋକ ଲେଙ୍କା ସଙ୍ଘର ସ୍ଥାୟୀ ଗୃହ ପାଇଁ ବିଧାୟକଙ୍କ ଦୃଷ୍ଟି ଗୋଚର କରିବେ ବୋଲି ପ୍ରତିଶୃତି ଦେଇଥିଲେ । ପରବର୍ତ୍ତୀ ବୈଠକ ଦୋଳ ମିଳନ ପରେ ଦେଓଦା ଗ୍ରାମରେ ଅନୁଷ୍ଠିତ ହେବା ପାଇଁ ନିଷ୍ପତି ନିଆଯାଇଥିଲା । ପରେ ସଙ୍ଘ ପକ୍ଷରୁ ଠେଙ୍ଗିଆବଟ ପରିସରରେ ବୃକ୍ଷରୋପଣ କରାଯାଇଥିଲା । ସୂର୍ଯ୍ୟମଣି ପଣ୍ଡା ଶ୍ଳୋକ ଆବୃତି କରିଥିବା ବେଳେ କାର୍ଯ୍ୟକାରୀ ସଭାପତି କରୁଣାକର ବରାଳ ମଂଚ ପରିଚାଳନା କରିଥିଲେ । ସମ୍ପାଦକ ଜୟନାରାୟଣ ଶତପଥୀ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଯତୀନ୍ଦ୍ର ମହାନ୍ତି ଆୟବ୍ୟୟର ହିସାବ ରଖିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅମୁଲ୍ୟ କୁମାର ବରାଳ, ସୁବାସ ଚନ୍ଦ୍ର ରାଉତରାୟ, କୁଳମଣି ପଣ୍ଡିତ, ଦିଲ୍ଲୀପ କୁମାର ନାୟକ, ସୁନୀଲ ସାହାଣୀ, ସଞ୍ଜୟ ରାଉତ, ଦେବେନ୍ଦ୍ର ରାଉତ, ମୁରଲୀଧର ପାଣ୍ଡବ, ବାସୁଦେବ ପାଣି, ବ୍ରଜକିଶୋର ମହାନ୍ତି, କୈଳାଶ ପ୍ରଧାନ ପ୍ରମୁଖ ପରିଚାଳନା କରିଥିବା ବେଳେ ସୁନ୍ଦରିଆ ଗ୍ରାମର ଯୁବକମାନେ ସହଯୋଗ କରିଥିଲେ । ଶେଷରେ ଅମରେନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଳେଶ୍ୱରରେ ବ୍ଲକ ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା



ଜଳେଶ୍ୱର, ୧୦/୨ (ନି.ପ୍ର): ଜଳେଶ୍ୱର ପୌରପାଳିକା ଅନ୍ତର୍ଗତ ଶାନ୍ତିଆ ସ୍ଥିତ ଉଦ୍ୟାନ ଭବନ ପରିସରରେ ମଙ୍ଗଳବାର ଏକ ବ୍ଲକ ସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକଙ୍କ ଉନ୍ନତି ତଥା ନୂତନ ଜ୍ଞାନକୌଶଳରେ ଚାଷ କାର୍ଯ୍ୟକୁ ଆଗେଇ ନେବା ପାଇଁ ଏହି କର୍ମଶାଳାର ଆୟୋଜନ କରାଯାଇଥିଲା।ଏହି ବୈଠକରେ ବ୍ଲକ ଉଦ୍ୟାନ ବିଭାଗ ଅଧିକାରିଣୀ ସୌମ୍ୟା ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଶନ ଶକ୍ତି ବ୍ଲକ ସଂଯୋଜକ ସନ୍ତୋଷ ପାତ୍ର,ଓଡ଼ିଶା ଜୀବିକା ମିଶନ ବ୍ଲକ ଅଧିକାରୀ ନିହାର ରଞ୍ଜନ ବେହେରା ,ବ୍ଲକ ସାଗର ମିତ୍ର ସତ୍ୟପ୍ରକାଶ ସେନାପତି,ବ୍ଲକ ପଶୁ ବିଭାଗ ଅଧିକାରୀ ସତ୍ୟନାରାୟଣ ମହାପାତ୍ର,କେଦାର ଚରଣ ଜେନା ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଚାଷୀ ଓ ମହିଳା ଗୋଷ୍ଠୀଙ୍କୁ ପରାମର୍ଶ କର୍ମଶାଳାରେ ସ୍ଥାନୀୟ ଏସଏଚଜି ମହିଳା,ସିଆରପି ଏବଂ ଏମବିକେ ମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ବିଶେଷଜ୍ଞମାନେ ଆଧୁନିକ ଉଦ୍ୟାନ କୃଷି,ପନିପରିବା ଚାଷ ଓ ଏହାର ସଫଳ ପରିଚାଳନା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ।ମହିଳାମାନେ କିଭଳି କୃଷି ମାଧ୍ୟମରେ ସ୍ୱାବଲମ୍ବୀ ହୋଇପାରିବେ ଏବଂ ସରକାରୀ ଯୋଜନାର ସୁଫଳ ପାଇପାରିବେ, ସେ ବିଷୟରେ ଆଲୋଚନା କରାଯାଇଥିଲା। ଶେଷରେ ଉପସ୍ଥିତ ସମସ୍ତ ପ୍ରତିନିଧି ଚାଷୀଙ୍କ ସମସ୍ୟା ବୁଝିବା ସହ ଉତ୍ପାଦନ ବୃଦ୍ଧି ପାଇଁ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରିବାକୁ ଆହ୍ୱାନ ଦେଇଥିଲେ।

# ବରୀ ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଧର୍ମଶାଳା, ୧୦/୨ (ନି.ପ୍ର): ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବରୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଅମ୍ବର କୁମାର କର ଜନ ସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଂଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥା ସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ଶ୍ରୀ କର ପ୍ରକାଶ କରିଥିଲେ । ମୋଟ ୯୩ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୨ ଗୋଟି,ଗୋଷ୍ଠୀଗତ ସମସ୍ୟା/ଗ୍ରମ୍ୟ ସମସ୍ୟା ସମ୍ପର୍କୀୟ ୫ଟି,ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୪ଗୋଟି ରେଡକ୍ରସ୍ ପାଣ୍ଠିରୁ ୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୨୮ଗୋଟି ଅଭିଯୋଗର ତୁରନ୍ତ ତତକ୍ଷାଳ ସମାଧାନ କରାଯାଇଥିଲା ।

# ଲଖନପୁରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର: ୩୧ଟି ମାମଲାର ବିଚାର ସହ ଆର୍ଥିକ ସହାୟତା ପ୍ରଦାନ

ଝାରସୁଗୁଡ଼ା, ୧୦/୨ (ନି.ପ୍ର): ଲଖନପୁର ସ୍ଥିତ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠରେ ଆଜି ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଏକ ବ୍ଲକ ସ୍ତରୀୟ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାପାଳ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଜନସାଧାରଣଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ପ୍ରତ୍ୟକ୍ଷ ଭାବେ ଶୁଣିବା ସହ ସେଗୁଡ଼ିକର ସମାଧାନ କରିଥିଲେ। ଶିବିରରେ ସମୁଦାୟ ୩୧ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିବା ବେଳେ, ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଜଣେ ହିତାଧିକାରୀଙ୍କୁ ୧୦,୦୦୦ ଟଙ୍କାର ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଛି। ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସମସ୍ତ ଅଭିଯୋଗକୁ ପ୍ରାଥମିକତା ଭିତିରେ ଗ୍ରହଣ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।ଏହି ଶୁଣାଣୀ କାଳରେ ଅଂଚଳର ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ଦାବି ଉପସ୍ଥାପନ କରାଯାଇଥିଲା। ବିଶେଷ କରି ଲଖନପୁର ଡାକ୍ତରଖାନାରେ ଡାକ୍ତର ଅଭାବ ଓ ମେଡ଼ିସିନ ସ୍ପେସିଆଲିଷ୍ଟଙ୍କ ନିଯୁକ୍ତି, ରେଙ୍ଗାଲି ଓ ଲଖନପୁରରେ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଗୋବିନ୍ଦପୁର ଟୋଲ ପ୍ଲାଜ଼ା ଠାରୁ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣ ବ୍ୟବସ୍ଥା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା।

# ୨୦୨୭ ଜନଗଣନା ପାଇଁ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ



ବାରିପଦା, ୧୦/୨ (ନି.ପ୍ର): ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୁଖବନ୍ଧୁ ନାୟକଙ୍କ ଅଧକ୍ଷତାରେ ୨୦୨୭ ଜନଗଣନା ପାଇଁ ଜିଲ୍ଲା ସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ରେ ବାରିପଦା ଉପଜିଲ୍ଲାପାଳ ଡ଼ ଦୟାସିନ୍ଧୁ ପରିଡା, କପ୍ତିପଦା ଉପଜିଲ୍ଲାପାଳ ଶ୍ରୀ ସୁଶାନ୍ତ କୁମାର ବାରିକ, ଭୁବନେଶ୍ୱର ଜନଗଣନା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଦାସ, ପରିସଂଖ୍ୟାନ ଅନୁସନ୍ଧାନକାରି ଶ୍ରୀ ମୋହନ ଚନ୍ଦ୍ର ପୁରୁଧୁଲ ଓ ତନ୍ମୟ ଗୁପ୍ତା ଯୋଗ ଦେଇଥିଲେ। ଏହି ଅବସରରେ ସହକାରୀ ନିର୍ଦ୍ଦେଶକ ଶ୍ରୀ ଦାସ କହିଥିଲେ ଯେ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପ୍ରତ୍ୟେକ ୧୦ ବର୍ଷରେ ଦେଶରେ ଜନଗଣନା କରାଯାଇଥାଏ। ଶେଷ ଥର ପାଇଁ ଏହା ୨୦୧୧ ମସିହାରେ ଅନୁଷ୍ଠିତ ହୋଇଥିଲା। ମହାମାରୀ କୋଭିଡ ପାଇଁ ୨୦୨୧ ମସିହାରେ ଜନଗଣନା ହୋଇ ପାରିନଥିଲା ଯାହାକି ୨୦୨୭ ମସିହାରେ ହେବାକୁ ଯାଉଛି। ଜନଗଣନା ମୁଖ୍ୟତଃ ୨ଟି ପର୍ଯ୍ୟାୟରେ ହେବ। ପ୍ରଥମ ପର୍ଯ୍ୟାୟରେ ଜନଗଣନା ହେବା ପୂର୍ବରୁ ଏହାର ପ୍ରଥମ ଉପକ୍ରମ ଭାବେ ଏକ ବର୍ଷ ପୂର୍ବରୁ ଗୃହ ଜନଗଣନା କାର୍ଯ୍ୟ ହେବ ଯାହାକି ଚଳିତ ବର୍ଷ ୧୬ ଏପ୍ରିଲ ରୁ ମେ ମାସ ୧୫ ତାରିଖ ପର୍ଯ୍ୟନ୍ତ ୩୦ ଦିନ ମଧରେ ହେବ ଏହି କ୍ରମରେ ଗୃହ ତାଲିକା ଓ ଗୃହ ଗଣନା ହେବ। ଜଣେ ନାଗରିକ ଚାହିଁଲେ ସେନସସ ପୋର୍ଟାଲରେ ରେ ଲଗଇନ କରି ନିଜ ତଥ୍ୟ ଅପଲୋଡ଼ କରି ଆତ୍ମ ଗଣନା କରିପାରିବେ। ଜଣେ ସଚେତନ ନାଗରିକ ହିସାବରେ ନିଜର ସମସ୍ତ ତଥ୍ୟ ସଠିକ ଓ ସ୍ୱଚ୍ଛ ଭାବେ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ।ଏହି ଆତ୍ମ ଗଣନା ସୁବିଧା ପୋର୍ଟାଲରେ ଚଳିତ ବର୍ଷ ଏପ୍ରିଲ ୧ତାରିଖ ରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହା ପରଠାରୁ ନିୟୋଜିତ ହୋଇଥିବା ଅଧିକାରୀଙ୍କ ଦ୍ୱାରା ମୋବାଇଲ ଆପ ଜରିଆରେ ଘରକୁ ଘର ଯାଇ ତଥ୍ୟ ଅଣାଯିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ରେ ଆସନ୍ତା ୨୦୨୭ ମସିହା ଫେବୃଆରୀ ୯ ତାରିଖ ରୁ ୨୮ ତାରିଖ ପର୍ଯ୍ୟନ୍ତ ଜନଗଣନା ହେବ ଏବଂ ୧ ମାର୍ଚ୍ଚ ରୁ ୫ ମାର୍ଚ୍ଚ ପର୍ଯ୍ୟନ୍ତ ସଂଶୋଧନ ରାଉଣ୍ଡ ଅନୁଷ୍ଠିତ ହେବ। ମାତ୍ର ବର୍ତ୍ତମାନ ପାଇଁ ଗୃହ ଗଣନା ପରିପ୍ରେକ୍ଷୀରେ ମୁଖ୍ୟ କାର୍ଯ୍ୟ ହେଉଛି ଗୃହତାଲିକା ବ୍ଲକ ପ୍ରସ୍ତୁତି। ଏହି କାର୍ଯ୍ୟ ପାଇଁ ୭୦୦ ରୁ ୮୦୦ ଜନସଂଖ୍ୟା ବିଶିଷ୍ଟ କିମ୍ବା ୧୫୦ ରୁ ୧୮୦ ଗୃହଥିବା ଗ୍ରାମ କୁ ଗୋଟିଏ ଗୃହତାଲିକା ବ୍ଲକ ଭାବେ ନେଇ ପ୍ରତ୍ୟେକ ୬ଟି ଗୃହତାଲିକା ବ୍ଲକ କୁ ନେଇ ଗୋଟିଏ ସାର୍କଲ ପ୍ରସ୍ତୁତ ହେବ। ଜଣେ ସୁପରଭାଇଜର ଅଧୀନରେ ୬ ଜଣ ଗଣନାକାରି ରହିବେ। ଗୃହଗଣନା କାର୍ଯ୍ୟରେ ଯଦି କିଛି ପ୍ରତିବନ୍ଧକ ଦେଖାଦେବ ତେବେ ଚାର୍ଜ ଅଫିସର ସ୍ଥାନୀୟ ଅଂଚଳରେ ଆର ଆଇ, ଅମିନ, କାଉନସିଲର ମାନଙ୍କ ସହାୟତା ନେଇ ଏହାର ସମାଧାନ କରିବେ। ଗୃହ ତାଲିକା ବ୍ଲକ ପ୍ରସ୍ତୁତ ସମୟରେ ଅପହଞ୍ଚ ଓ ଦୁର୍ଗମ ଅଂଚଳ ପ୍ରତି ମଧ ଧ୍ୟାନ ଦିଆଯିବ। ଏହାର ସୁପରିଚାଳନ ପାଇଁ ପିରାମିଡ଼ ଆଧାରରେ ଜାତୀୟ ପ୍ରଶିକ୍ଷକ, ମାଷ୍ଟର ପ୍ରଶିକ୍ଷକ, କ୍ଷେତ୍ର ପ୍ରଶିକ୍ଷକ, ଗଣନାକାରି ଓ ସୁପରଭାଇଜର ନିୟୋଜିତ କରାଯିବା ବ୍ୟବସ୍ଥା ରହିଛି। ଆଗାମୀ ଦିନରେ ମାଷ୍ଟର ଟ୍ରେନରମାନଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ପରେ ଜିଲ୍ଲା ସ୍ତରୀୟ ନିୟୋଜିତ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ତାଙ୍କ କାର୍ଯ୍ୟ ସମ୍ବନ୍ଧୀୟ ପର୍ଯ୍ୟାୟ କ୍ରମେ ତାଲିମ ଦିଆଯିବ।

## ମଣିପୁରରେ ତିନି ଜଣ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ, ୧୦/୨ :ହିଂସା ପ୍ରଭାବିତ ମଣିପୁରରେ ପୋଲିସ ଏବଂ ସୁରକ୍ଷା ଏଜେନ୍ସି ଆତଙ୍କବାଦୀ, ଅବୈଧ ଅସ୍ତ୍ରଶସ୍ତ୍ର ଏବଂ ଡ୍ରଗ୍ସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରଖିଛନ୍ତି। ପୃଥକ ପୃଥକ ଅପରେସନରେ ତିନି ଜଣ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି ଏବଂ ହିଂସା ପ୍ରଭାବିତ ଅଞ୍ଚଳରେ ଫସି ରହିଥିବା ସୂଚନା ସହିତ ବହୁ ପରିମାଣର ଗୁଳିଗୋଳା ଉଦ୍ଧାର କରାଯାଇଛି।ମଣିପୁର ପୋଲିସ ମୁଖ୍ୟାଳୟ ଦ୍ୱାରା ଆଜି ପ୍ରକାଶିତ ସୂଚନା ଅନୁଯାୟୀ, ସୋମବାର ସୁରକ୍ଷା ବାହିନୀ ଇମ୍ଫାଲ ପୂର୍ବ ଜିଲ୍ଲାର ଲାମଲାଇ ପୋଲିସ ଷ୍ଟେସନ ଅନ୍ତର୍ଗତ ନଗାରୁ ଚେଙ୍ଗେଲ ପାହାଡ଼ ଅଞ୍ଚଳର ନୋଙ୍ଗଡାମ ଗ୍ରାମରୁ ବିପୁଳ ପରିମାଣର ଗୁଳିଗୋଳା ଉଦ୍ଧାର କରିଛନ୍ତି। ଉଦ୍ଧାର ସାମଗ୍ରୀରେ ମୁଖ୍ୟତଃ ମ୍ୟାଗାଜିନ୍ ସହିତ ଏକ .୩୦୩ ରାଇଫଲ୍, ଦୁଇଟି ୧୨-ବୋର ସିଙ୍ଗଲ୍-ବ୍ୟାରେଲ୍ ରାଇଫଲ୍, ମ୍ୟାଗାଜିନ୍ ସହିତ ଚାରୋଟି ୯ଏମଏମ ପିସ୍ତଲ ଏବଂ ତିନୋଟି ୩୬-ନମ୍ବର ହାତ ଗ୍ରେନେଡ୍ ଅନ୍ତର୍ଭୁକ୍ତ। ଏହି ମାମଲାରେ କୌଣସି ଗିରଫ ହୋଇନାହିଁ।ଏହି ସମୟରେ, ଇମ୍ଫାଲ ପଶ୍ଚିମ ଜିଲ୍ଲାର ସିଂଜାମେଇ ପୋଲିସ ଷ୍ଟେସନ ଅନ୍ତର୍ଗତ ଲିଲଙ୍ଗ ଚାଜିଂ ଅଞ୍ଚଳରେ ଏକ ବୋମା ବିସ୍ଫୋରଣ ମାମଲାର ତଦନ୍ତ ପରେ, ଅନ୍ୟ ଏକ ଅଭିଯାନରେ, ମଣିପୁର ପୋଲିସ ଇମ୍ଫାଲ ପଶ୍ଚିମ ଏବଂ ଇମ୍ଫାଲ ପୂର୍ବ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଅପରାଧରେ ଜଡିତ ତିନି ଜଣ ସକ୍ରିୟ କେସୀପୀ (ଅପୁନବା) କ୍ୟାଡରଙ୍କୁ ଗିରଫ କରିଛି।

## ନୀଳଗିରି କଲେଜରେ ଆନ୍ତର୍ଜାତୀୟ ସ୍ତରୀୟ 'ଜନଜାତୀୟ ନେତୃତ୍ୱ ଓ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅଲିଖିତ ଦେଶଭକ୍ତ'ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ



ନୀଳଗିରି, ୧୦/୨ (ନି.ପ୍ର): ନୀଳଗିରି କଲେଜ ରେ ଇତିହାସ ବିଭାଗ ପକ୍ଷରୁ 'ଜନଜାତୀୟ ନେତୃତ୍ୱ ଓ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅଲିଖିତ ଦେଶଭକ୍ତ: ଓଡ଼ିଶା ଚାପ୍ଟର 'ଶୀର୍ଷକ ଏକ ଆନ୍ତର୍ଜାତୀୟ ସେମିନାର ଦଶ ତାରିଖରେ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି ସେମିନାରରେ ଭାରତ ଓ ବିଦେଶର ଖ୍ୟାତନାମା ଇତିହାସବିତ, ଶିକ୍ଷାବିତ, ଗବେଷକ ଓ ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରିଥିଲେ।ଯୁକ୍ତରାଷ୍ଟ୍ର ଆମେରିକା ର କାଲିଫର୍ଣ୍ଣିଆ ବିଶ୍ୱ ବିଦ୍ୟାଳୟ ର ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେ ସେମିନାରକୁ ଉଦଘାଟନ କରିଥିଲେ । ମୁଖ୍ୟ ବକ୍ତବ୍ୟରେ ପ୍ରଫେସର ପାଣ୍ଡେ ଏକ ପ୍ରଶ୍ନ ଛଳ ରେ କହିଥିଲେ କି — "ଆମେ କ'ଣ ସତରେ ତଫସିଲ ଭୁକ୍ତ ଜନ ଜାତି ମାନଙ୍କ କଥା ଶୁଣିବାକୁ ପ୍ରସ୍ତୁତ"। ସେ ମତ ପ୍ରକାଶ କରିଥିଲେ ଯେ "ଜନଜାତି" ଶବ୍ଦଟି ଉପନିବେଶବାଦୀ ବ୍ରିଟିଶମାନଙ୍କ ଦ୍ୱାରା ଆରୋପିତ ଏକ ଧାରଣା ଏବଂ ଏହି ସମ୍ପ୍ରଦାୟ ବାସ୍ତବ ରେ ଏହି ଭୂମିର ମୂଳ ବାସିନ୍ଦା। ସେ ଇତିହାସକୁ ଜନଜାତିୟ ଦୃଷ୍ଟିକୋଣ ଓ ଜ୍ଞାନ ପ୍ରଣାଳୀ ମାଧ୍ୟମରେ ପୁନଃବିଚାର କରିବା ପାଇଁ ଆହ୍ୱାନ ଜଣାଇଥିଲେ। ସେମିନାରର ମୁଖ୍ୟ ଅତିଥି ଭାବେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ର ପ୍ରଫେସର ତ୍ରିଲୋକୀ ନାଥ ପାଣ୍ଡେ ଉପସ୍ଥିତ ରହି ଆଦିବାସୀ ସମ୍ପ୍ରଦାୟ ର ନେତୃତ୍ୱ ଅଧ୍ୟୟନର ଉତ୍ପତ୍ତି ଓ ବିକାଶ ସମ୍ପର୍କରେ ଆଲୋକପାତ କରି ମୁଖ୍ୟଧାରା ଇତିହାସ ଲେଖନରେ ଦୀର୍ଘଦିନ ଧରି ସେମାନଙ୍କୁ ଅଣଦେଖା ହୋଇଆସୁଥିବା ଜନଜାତିୟ ପ୍ରତିରୋଧ ଓ ସଂଗ୍ରାମକୁ ପୁନଃଆବିଷ୍କାର କରିବାର ଆବଶ୍ୟକତା ଉଲ୍ଲେଖ କରିଥିଲେ। ସେମିନାରରେ ଉତ୍କଳ ବିଶ୍ୱ ବିଦ୍ୟାଳୟ ର ଅବସରପ୍ରାପ୍ତ ଇତିହାସ ବିଭାଗ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ, ଓଡିଶା ଇତିହାସ କଂଗ୍ରେସ ର ସାଧାରଣ ସମ୍ପାଦକ ତଥା ଅବସର ପ୍ରାପ୍ତ ରିଡର ଡ଼. ସୁବାଷ ଚନ୍ଦ୍ର ବାରିକ , ରେଭେନ୍ସା ବିଶ୍ୱବିଦ୍ୟାଳୟ ର ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ପ୍ରିୟଦର୍ଶୀ କର, ଡ଼. ବିକ୍ରମ କେଶରୀ ମହାପାତ୍ର, ଡ଼. ଅରୁଣ ରାୟ, ଡ଼. ବିକ୍ରମ କେଶରୀ ଜେନା, ଡ଼. କମଳ ପ୍ରସାଦ ମହାନ୍ତି, ଏବଂ ବରିଷ୍ଠ ସାମ୍ବାଦିକ ତଥା ସାମାଜିକ କର୍ମୀ ସର୍ବେଶ୍ୱର ଦାସ ମୁଖ୍ୟ ବକ୍ତା ଭାବେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସେମାନେ ଓଡ଼ିଶାର ଜନଜାତିୟ ଆନ୍ଦୋଳନ, ମୌଖିକ ଇତିହାସ ଓ ଜାତୀୟତାବାଦୀ ଇତିହାସରେ ଅନ୍ତର୍ନିହିତ ଅବହେଳା ଉପରେ ଆଲୋଚନା କରିଥିଲେ। ଏହି ସେମିନାରକୁଫକୀର ମୋହନ ବିଶ୍ୱ ବିଦ୍ୟାଳୟ ର କୂଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ପ୍ରଫେସର ପବିତ୍ର କୁମାର ନାୟକ ଓ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଭାସ୍କର ବେହେରା ଉପସ୍ଥିତ ରହି ସମୃଦ୍ଧ କରିଥିଲେ ଏବଂ ଓଡ଼ିଶାର ଜନଜାତିୟ ଇତିହାସକୁ ଲୋକଲୋଚନ କୁ ଆଣିବା ପ୍ରୟାସକୁ ସାଧୁବାଦ ଜଣାଇଥିଲେ । ସେମିନାରଟିର ଅଧକ୍ଷତା କରିଥିଲେ ନୀଳଗିରି ମହାବିଦ୍ୟାଳୟ ର ପ୍ରିନ୍ସିପାଲ ଅନ୍ତର୍ଯ୍ୟାମି ରାଉଳ। ତାଙ୍କ ଅଧକ୍ଷୀୟ ଭାଷଣରେ ସେ କହିଥିଲେ ଯେ ୧୯୭୮ ମସିହାରେ ପ୍ରତିଷ୍ଠିତ ନୀଳଗିରି କଲେଜ ଦେଶଭକ୍ତିମୂଳକ ଆନ୍ଦୋଳନର ଉତ୍ସରୁ ଉଦ୍ଭବ ହୋଇ ସାର୍ବଜନୀନ ଓ ସମାବେଶୀ ଇତିହାସ ଗବେଷଣାକୁ ଅଗ୍ରସର କରିଆସୁଛି। ସେମିନାରରେ ନୀଳଗିରି କଲେଜ ଇତିହାସ ବିଭାଗ ମୁଖ୍ୟ ଘନଶ୍ୟାମ ଗିରି ସଂଯୋଜନା କରିବା ସହ ଅତିଥି ପରିଚୟ ଦେଇଥିଲେ। ସ୍ମିତା ମହାରଣା ଓ ଲକ୍ଷ୍ମୀପ୍ରିୟା ସିଂହ ଶ୍ରୀ ଗିରି ଙ୍କୁ ସହଯୋଗ କରିଥିଲେ। କଲେଜର ଅଧ୍ୟାପକ-ଅଧ୍ୟାପିକା, ଅଣ ଶିକ୍ଷକ କର୍ମଚାରୀ, ଛାତ୍ରଛାତ୍ରୀ ଓ ଫକିର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସକ୍ରିୟ ଅଂଶଗ୍ରହଣ ସେମିନାରକୁ ସଫଳ କରିଥିଲେ। ଏହି ସେମିନାର ଓଡ଼ିଶାର ଜନଜାତିୟ ନେତୃତ୍ୱ ଓ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅଲିଖିତ ଦେଶଭକ୍ତମାନଙ୍କ ଇତିହାସକୁ ପୁନଃମୂଲ୍ୟାୟନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନିକ ମଞ୍ଚ ଭାବେ ଉଦ ଭାସିତ ହୋଇଥିଲା।

### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପ୍ରଦୂଷଣ ସାର୍ଟିଫିକେଟ ପ୍ରସଙ୍ଗରେ...

ଯେଉଁଥିରେ ପେଟ୍ରୋଲ ପମ୍ପରୁ ତେଲ ପକାଇବା ପାଇଁ ପିୟୁସିସି ବାଧ୍ୟତାମୂଳକ କରାଯାଇଥିଲା। ତେବେ ଚଳିତ ବର୍ଷ ଜାନୁଆରୀ ମାସରେ ରାଜ୍ୟ ସରକାର ହାଇକୋର୍ଟରେ ଏକ ସପଥ ପାଠ ଦାଖଲ କରି ଜଣାଇଛନ୍ତି ଯେ, ଏହି 'ନୋ ପିୟୁସିସି, ନୋ ଫ୍ୟୁଲ' ନିୟମକୁ ପ୍ରତ୍ୟାହାର କରିନିଆଯାଇଛି। କିନ୍ତୁ ବର୍ତ୍ତମାନ କୋର୍ଟଙ୍କ ନୂଆ ନିର୍ଦ୍ଦେଶ ପରେ, ଗାଡ଼ି ଚାଳକମାନଙ୍କୁ ନିଜର ବାକିଥିବା ଚାଲାଣ କ୍ଲିୟର ନକଲେ ପ୍ରଦୂଷଣ ପ୍ରମାଣପତ୍ର ମିଳିବାରେ ସମସ୍ୟା ହୋଇପାରେ।

### ଲୋକସଭା ବାଚସ୍ପତିଙ୍କ...

ଗ୍ରହଣ ନକରିବା ଆଦି ଅଭିଯୋଗ ଓମ୍ ବିର୍ଲାଙ୍କ ବିରୋଧରେ ଅଣାଯାଇଛି। ଅନାସ୍ଥା ପ୍ରସ୍ତାବ ନୋଟିସ୍ ପ୍ରସଙ୍ଗରେ ବିଜେପି ପ୍ରତିକ୍ରିୟା ରଖି ଏହା ବିରୋଧୀଙ୍କ ହାତାଶାର ପରିଚୟ ବୋଲି କହିଛି। ବିରୋଧୀଙ୍କ ପ୍ରବଳ ହଙ୍ଗାମା ଯୋଗୁ ଲୋକସଭା ଆଜି ବି ପ୍ରଶ୍ନକାଳ ଆରମ୍ଭରୁ ବାରମ୍ବାର ମୁଲତବି ରହିଥିଲା। ଶେଷରେ ଆଜି ଦିନକ ପାଇଁ ଗୃହକୁ ମୁଲତବି ରଖାଯାଇଛି। ପୂର୍ବରୁ ଧାର୍ଯ୍ୟ କାର୍ଯ୍ୟକ୍ରମ ଅନୁସାରେ ବଜେଟ୍ ଉପରେ ଆଲୋଚନା ହୋଇପାରିନାହିଁ ।

### ମଣିପୁରରେ ପୁଣି ...

ସ୍ଥିତି ସମ୍ଭାଳିବାକୁ ଯାଇ ସୁରକ୍ଷା ବାହିନୀ ଗୁଳି ଚଳାଇଥିଲେ। ମଙ୍ଗଳବାର ବଡ଼ି ଭୋରରୁ ସ୍ଥିତି ଉଗ୍ର ଓ ଅସମ୍ଭାଳ ହୋଇପଡ଼ିଛି। ଏବେ ବି ଜାରି ରହିଛି ଗୁଳିବିନିମୟ । ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ରଖିବା ସହ ସ୍ଥିତି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି। ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଉଛି। ଉଭୟ ସମ୍ପ୍ରଦାୟକୁ ସଂଯମ ଆଚରଣ ଓ ଶାନ୍ତିରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ୟୁମନାମ ଖେମଚନ୍ଦ ସିଂହ ଅନୁରୋଧ କରିଛନ୍ତି। ପ୍ରଶାସନ ପକ୍ଷରୁ ସ୍ଥିତି ଉପରେ ନଜର ରଖାଯାଇଛି ଓ ଘନଘନ ଜରୁରୀ ବୈଠକ ବସି ସ୍ଥିତି ମୁକାବିଲା ପାଇଁ ପଦକ୍ଷେପ ନିଆଯାଉଛି।

### ୪୧୦୦କୋଟି ଟଙ୍କାର...

ସେହିପରି ବସ୍ତ୍ରଶିଳ୍ପ କ୍ଷେତ୍ରରେ ଖୋର୍ଦ୍ଧାଠାରେ 'ଜେ.ଜି. ହୋସିୟରି ପ୍ରାଇଭେଟ୍ ଲିମିଟେଡ୍' ୧୦୦ କୋଟି ଟଙ୍କା ନିବେଶ କରି ୨୩୫୦ ଜଣଙ୍କୁ ନିଯୁକ୍ତି ଦେବ। ଖୋର୍ଦ୍ଧା ଜିଲ୍ଲାରେ ରେଳ ଉପକରଣ ନିର୍ମାଣ ପାଇଁ 'ନିଫା ଲିମିଟେଡ୍' ୩୮୪ କୋଟି ଟଙ୍କା ନିବେଶ କରିବ । କଟକରେ 'ପଞ୍ଜାବ ଲଜିଷ୍ଟିକ୍ସ ଟ୍ରାନ୍ସପୋର୍ଟ' ପକ୍ଷରୁ ୫୨ କୋଟି ଟଙ୍କା ନିବେଶରେ ଏକ ୱେୟାରହାଉସିଂ ଓ ଲଜିଷ୍ଟିକ୍ ପାର୍କ ନିର୍ମାଣ ହେବ, ଯାହା ପରିବହନ ବ୍ୟବସ୍ଥାକୁ ସହଜ କରିବ ।

### କୋଇଲା ଚୋରା ଚାଲାଣ...

କରି କହିଛନ୍ତି ଯେ ସୋମବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ପଚରାଉଚରା ପରେ ସେମାନଙ୍କୁ ଗିରଫ କରାଯାଇଛି।ଇଡି ସୂତ୍ର ଅନୁଯାୟୀ, ଗିରଫ ଅଭିଯୁକ୍ତମାନେ ଚିନ୍ମୟ ମଣ୍ଡଳ ଏବଂ କିରଣ ଖାନ। ତଦନ୍ତରେ ଅସହଯୋଗ ପାଇଁ ଉଭୟଙ୍କୁ ଅଟକ ରଖାଯାଇଛି। କୋଇଲା ଚୋରା ଚାଲାଣ ମାମଲାରେ ଇଡି ପ୍ରଥମ ଥର ପାଇଁ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି।ସୂଚନା ଅନୁଯାୟୀ, ଗତ ସପ୍ତାହରେ ଏକ ସ୍ୱତନ୍ତ୍ର ଇଡି ଦଳ ଦୁଇ ଅଭିଯୁକ୍ତଙ୍କ ଘର ପରିସରରେ ତଲାସ କରିଥିଲା। ଏହି ସମୟରେ, ଜଣେ ଅଭିଯୁକ୍ତଙ୍କ ଘରୁ ବିପୁଳ ପରିମାଣର ନଗଦ ଜବତ କରାଯାଇଥିଲା।

## ଆରୁହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାସୁଦେବପୁର, ୧୦/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆରୁହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ଆରୁହା ପଞ୍ଚାୟତର ସମିତି ସଭ୍ୟ ସୁରେନ୍ଦ୍ର ପ୍ରସାଦ ବେଜ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବି, ଆର, ସି, ସି ଉର୍ମିଳା କର, ଜିଲ୍ଲା ପରିଷଦ ସଭ୍ୟା ଜୟନ୍ତୀ ବାରିକ୍,ସରପଞ୍ଚ ରାଜେନ୍ଦ୍ର କୁମାର ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ବେହେରା,ଅବସର ପ୍ରାପ୍ତ ହୋମିଓ ପ୍ୟାଥିକ ଡାକ୍ତର ଚିତ୍ତ ରଞ୍ଜନ ମହାପାତ୍ର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରାଜେନ୍ଦ୍ର କୁମାର ପାଣିଗ୍ରାହୀ, ରାଜ କିଶୋର ବାରିକ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ସାହୁ ଓ ଆଲୁ ମୁନି କମିଟି ସଭାପତି ନୀହାର ରଞ୍ଜନ ମହାପାତ୍ର। ସମସ୍ତ ଅତିଥି ଶିକ୍ଷା ସାହିତ୍ୟ ଧର୍ମ କଳା ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ପ୍ରଫୁଲ୍ଲ କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଭାଗ୍ୟଲତା ପଣ୍ଡା,ଅକ୍ଷୟ ସାହୁ,ଜଗନ୍ନାଥ ମହାପାତ୍ର, ଲକ୍ଷ୍ମୀଧର ପାଣିଗ୍ରାହୀ, ମଞ୍ଜୁଲତା ମହାପାତ୍ର, ଅନନ୍ତ ଜେନା, ନିରାକାର ଜେନା,ଜିତେନ୍ଦ୍ର ନାଥ ଦାସ, ଅନିରୁଦ୍ଧ ମହାପାତ୍ର, ଯୁଧିଷ୍ଠିର ପଣ୍ଡା ଓ ପ୍ରଫୁଲ୍ଲ ସେନାପତି ପ୍ରମୁଖଙ୍କୁ ମାନପତ୍ର ଓ ଉପଢ଼ୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଉତ୍ସବରେ ସହକାରୀ ଶିକ୍ଷକ ସତ୍ୟ ନାରାୟଣ ଓଝା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଡିଭାଇନରେ ଟାଟା ମୋଟର୍ସ କମ୍ପାନୀର କ୍ୟାମ୍ପସ ଚୟନ

ବାରିପଦା , ୧୦/୨ (ନି.ପ୍ର): ବାରିପଦା ସହର ଉପକଣ୍ଠରେ ଅବସ୍ଥିତ ଓଡିଶାର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ଡିଭାଇନ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲଜିରେ ଜାମସେଦପୁର ସ୍ଥିତ ଟାଟା ମୋଟର୍ସ ପ୍ରାଇଭେଟ ଲିମିଟେଡ କମ୍ପାନୀ ଦ୍ୱାରା ଏକ କ୍ୟାମ୍ପସ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଡିଭାଇନ ଡିପ୍ଲୋମାରେ ପଢୁଥିବା ଇଲେକ୍ଟ୍ରିକାଲ , ମେକାନିକାଲ ଓ ଇଲେକ୍ଟ୍ରିକାଲ ଆଣ୍ଡ ମେକାନିକାଲ ବ୍ରାଞ୍ଚର ଛାତ୍ର-ଛାତ୍ରୀ ମାନେ ଚାକିରୀ ପାଇବା ପାଇଁ ଯୋଗ୍ୟ ବେବେଚିତ ହୋଇଛନ୍ତି। କମ୍ପାନୀର ବରିଷ୍ଠ ଦକ୍ଷତା ବିକାଶ ନିବନ୍ଧକ ରାକେଶ କୁମାର ମକ୍ୱାନା ଓ ହରିଶଙ୍କର ସାହୁ ଡିଭାଇନରେ ଛାତ୍ର-ଛାତ୍ରୀଙ୍କ ବ୍ୟକ୍ତିଗତ ସାକ୍ଷାତକାର ନେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ତଥା ଟ୍ରଷ୍ଟି ଇଂ ବିପ୍ଲବ ଭଞ୍ଜନ ବୁଗୁଡେଇ ଏବଂ ନିର୍ଦ୍ଦେଶକ ଇଂ ଗୌରବ ବୁଗୁଡାଇ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ର-ଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମରେ ଡିଭାଇନ କଲେଜର ଅଧ୍ୟକ୍ଷ ଇଂ ଅଭିନ୍ନ କୁମାର ଦାସ, ଉପାଧ୍ୟକ୍ଷ ଇଂ ପ୍ରକାଶ ସା, ଟ୍ରେନିଂ ଓ ପ୍ଲେସମେଣ୍ଟ ବିଭାଗର ମୁଖ୍ୟ ଇଂ ଆଶୀର୍ବାଦ ସ୍ୱାଇଁ, ବିଜ୍ଞାନ ଏବଂ ମାନବ ସମ୍ବଳ ବିଭାଗର ମୁଖ୍ୟ ବିଶ୍ୱରଞ୍ଜନ ମହାନ୍ତ ଏବଂ ଇଂ ଜ୍ୟୋତିପ୍ରିୟା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏନଆରଟିଏସ ପରୀକ୍ଷାରେ ବ୍ଲକ ସ୍ତରରେ ତୃତୀୟ ସ୍ଥାନ ପାଇଲେ ସାଇ ରୁଦ୍ର ପ୍ରତାପ

ଜଳେଶ୍ୱର, ୧୦/୨ (ନି.ପ୍ର): ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟ ର ନବନ ଶ୍ରେଣୀର ଛାତ୍ର ସାଇ ରୁଦ୍ର ପ୍ରତାପ ଗିରି ଚଳିତ ବର୍ଷ ଏନ ଆର ଟି ଏସ ପରୀକ୍ଷାରେ ବ୍ଲକ ସ୍ତରରେ ତୃତୀୟ ସ୍ଥାନରେ ରହିବାର କୃତିତ୍ୱ ଅର୍ଜନ କରିଛନ୍ତି।ସେ ଶାଳୀକୋଠା ଗ୍ରାମର ପିତା ରାଜେନ୍ଦ୍ର କୁମାର ଗିରି ଏବଂ ମାତା କୃଷ୍ଣାରାଣୀ ଗିରିଙ୍କ ଏକ ମାତ୍ର ପୁତ୍ର ଅଟନ୍ତି।ସାଇ ରୁଦ୍ର ପ୍ରତାପ ଏହି ସଫଳତା ପାଇଁ ପିତାମାତା, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ତାଙ୍କର ଗାଇଡ ଶିକ୍ଷକ ପ୍ରସନ୍ନ କୁମାର ଦାସ ଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ଭବିଷ୍ୟତରେ ଜଣେ ଡ଼ାକ୍ତର ହେବାର ଲକ୍ଷ୍ୟ ରଖିଛନ୍ତି।ତାଙ୍କର ଏହି ସଫଳତା ପାଇଁ ପଞ୍ଚାୟତର ସରପଞ୍ଚ ତପନୀ ଭୂୟାଁ,ସଦସ୍ୟା ମଧୁମିତା ମାହାନ୍ତି,ସାମ୍ବାଦିକ ମନୋଜ କୁମାର ଭୂୟାଁ,ନାଏବ ସରପଞ୍ଚ ବରୁଣ କୁମାର ଜେନା,ଯୁବ ନେତା ଶ୍ରୀକଣ୍ଠ ମାହାନ୍ତି ପ୍ରାକ୍ତନ ସମିତି ସଦସ୍ୟ ରାଜେନ୍ଦ୍ର ପାତ୍ରଙ୍କ ସହ ସମସ୍ତ ୱାର୍ଡ଼ ସଭ୍ୟ ସଭ୍ୟା ଓ ପଞ୍ଚାୟତ ବାସି କୃତଜ୍ଞତା ଜଣାଇଛନ୍ତି।

## ନାଖରାରେ ଭାଗବତ ପାରାୟଣ ମହୋତ୍ସବ ସମାପିତ



ବୈଶିଙ୍ଗା , ୧୦/୨ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ନାଖରା ଗ୍ରାମରେ ତା ୦୩/୦୨/୨୬ ରିଖରୁ ତା ୦୯/୦୨/୨୬ ରିଖ ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଗୋପୀନାଥ ଜୀଉ ଭାଗବତ ଟୁଙ୍ଗୀ ରେ ଦୀର୍ଘ ୭ ଦିନ ଧରି ଠାକୁରଙ୍କ ରୀତି ନୀତି ଅନୁଯାୟୀ ଭାଗବତ ପାରାୟଣ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଅଛି । ଦୈନନ୍ଦିନ ସକାଳ ୬ ରୁ ସନ୍ଧ୍ୟା ୬ ଘଣ୍ଟା ପର୍ଯ୍ୟନ୍ତ ଶରତ ଚନ୍ଦ୍ର ପଣ୍ଡା, ମଧୁସୂଦନ ଦାଶ ଓ ସତ୍ୟରଞ୍ଜନ ରଥ ଅଧିକାରୀଙ୍କ ଦ୍ୱାରା ଭାଗବତ ଚର୍ଚ୍ଚା କରାଯାଇଥାଏ । ବିଭିନ୍ନ ଗ୍ରାମରୁ ଶ୍ରଦ୍ଧାଳୁ ମାନେ ଉପସ୍ଥିତ ହୋଇ ଭାଗବତ କଥା ଶ୍ରବଣ କରିବା ସହିତ ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ ରେ ଯୋଗଦାନ କରିଥାଆନ୍ତି । ନିୟମିତ ଭାଗବତ ପାଠ ମାଧ୍ୟମରେ ନକାରାତ୍ମକ ପନ୍ଥା କୁ ପରିତ୍ୟାଗ କରି ଧାର୍ମିକ ଚେତନା ହେବା ପାଇଁ ଭକ୍ତ ବୃନ୍ଦ ଙ୍କୁ ଆହ୍ୱାନ କରାଯାଇଥାଏ । ପ୍ରବଚିକା କବିତା ରାଣୀ ଦେ ଓ ତାଙ୍କର ସାଥି ବୃନ୍ଦ ୭ ଦିନ ଧରି ପ୍ରବଚନ ମାଧ୍ୟମରେ ଲୋକମାନଙ୍କର ଚରିତ୍ର ଗଠନ ଓ ଧାର୍ମିକ ଚେତନା ପାଇଁ ପରାମର୍ଶ ଦେଇ ଥିଲେ । ହଜାର ହଜାର ଶ୍ରଦ୍ଧାଳୁ ଦୀର୍ଘ ୭ ଦିନ ଧରି ଠାକୁରଙ୍କୁ ଦର୍ଶନ କରି ପ୍ରସାଦ ସେବନ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉମାକାନ୍ତ ଚଣ୍ଡ ଜଗନ୍ନାଥ ପ୍ରେମୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ରାଧାକୃଷ୍ଣ ବେଶରେ ସଙ୍କୀର୍ତ୍ତନ ଦଳ ସହିତ ଗାଁ ପରିକ୍ରମା କରାଯାଇ ପ୍ରତ୍ୟେକ ଘରେ ଦଧିହାଣ୍ଡିରୁ ପାଣି ସିଞ୍ଚନ କରାଯାଇ ଥିଲା । ଭାଗବତ ଟୁଙ୍ଗୀ ର ପ୍ରତିଷ୍ଠାତା ରମେଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଓ ଗ୍ରାମବାସୀଙ୍କ ଅକୁଣ୍ଠ ସାହାଯ୍ୟରେ ଭାଗବତ ପାରାୟଣ କାର୍ଯ୍ୟ କ୍ରମକୁ ଅଭିଳାଷ ଦଣ୍ଡପାଟ ଜଗନ୍ନାଥ ପ୍ରେମୀ ଭୂୟସୀ ପ୍ରଶଂସା କରିବା ସହିତ ସମସ୍ତଙ୍କୁ କାର୍ଯ୍ୟ କ୍ରମରେ ସାମିଲ ହେବା ପାଇଁ ଅନୁରୋଧ କରିଥିଲେ । ଭାଗବତ ଟୁଙ୍ଗୀର ସଦସ୍ୟ ବେଣୁଧର ଦାସ (ମଣ୍ଟୁ) ଙ୍କର ବିୟୋଗରେ ନୀରବ ପ୍ରାର୍ଥନା ଓ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ସର୍ବଶେଷରେ କମିଟିର ସଭାପତି ଶ୍ରୀକାନ୍ତ ମହାଳିକ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଢୋଲ ପଂଚାୟତରେ ବିଶାଳ ହିନ୍ଦୁ ସମ୍ମିଳନୀ

କେନ୍ଦ୍ରାପଡ଼ା, ୧୦/୨ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଢୋଲ ପଂଚାୟତର ଅନନ୍ତ ବଳିଆ ଆଶ୍ରମ ପରିସରରେ ମଣ୍ଡଳସ୍ତରୀୟ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସର୍ବ ପ୍ରାଚୀନ ସନାତନ ସଂସ୍କୃତି ସମଗ୍ର ବିଶ୍ୱକୁ ମୂଲ୍ୟବୋଧଯୁକ୍ତ ଜୀବନ ଧାରଣ ନିମନ୍ତେ ବେଦ, ଉପନିଷଦ, ଦର୍ଶନ, ରାମାୟଣ, ମହାଭାରତ, ଶ୍ରୀମଦ ଭଗବତ ଗୀତା, ଯୋଗ ଓ ଆୟୁର୍ବେଦ ପ୍ରଦାନ କରିବା ସହିତ ଆଧାତ୍ମିକ ବାଣୀଭଣ୍ଡାରକୁ ସମୃଦ୍ଧ କରିଛି ବୋଲି ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମାଜିକ ସଦ୍ଭାବନା କାର୍ଯ୍ୟର କଟକ ବିଭାଗ ସହସଂଯୋଜକ ଅକ୍ଷୟ କୁମାର ପାଣି କହିଥିଲେ।

## ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ମାର୍ଚ୍ଚ୧ରେ ସାଂଗଠନିକ ସମ୍ମିଳନୀ

ବାଲେଶ୍ୱର, ୧୦/୨ (ନି.ପ୍ର): ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ କୃଷି ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଦୀର୍ଘଦିନ ଧରି ବାଲେଶ୍ୱରବାସୀ ଦାବି କରିଆସୁଛନ୍ତି। ଏଥିପାଇଁ ଗଠିତ ଜିଲ୍ଲାସ୍ତରୀୟ କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ରବିବାର ଅପରାହ୍ନରେ ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସଂପାଦକ ଅଭୟ ଚନ୍ଦ୍ର ମିଶ୍ର ଗତ ବୈଠକର ବିବରଣୀ ପାଠ କରିଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାୟୀ ୩ୟ ଜିଲ୍ଲା ସମ୍ମିଳନୀ ଆସନ୍ତା ମାର୍ଚ୍ଚ ୧୫ ତାରିଖ ଦିନ ଅନୁଷ୍ଠିତ ହେବ। ସମ୍ମିଳନୀକୁ ସଫଳ କରିବା ପାଇଁ ମାର୍ଚ୍ଚ ପହିଲା ଦିନ ଏକ ସାଂଗଠନିକ ସମ୍ମିଳନୀରେ ବିଭିନ୍ନ ପ୍ରସ୍ତାବ ଗ୍ରହଣ ପରେ ଜିଲ୍ଲା ସମ୍ମିଳନୀ କରିବାପାଇଁ ଆସିଥିବା ପ୍ରସ୍ତାବକୁ ସର୍ବସମ୍ମତକ୍ରମେ ଗ୍ରହଣ କରାଯାଇଛି। ଏହି ସାଂଗଠନିକ ସମ୍ମିଳନୀରେ ଜିଲ୍ଲାର ବ୍ଲକ୍ କମିଟିର ପ୍ରତିନିଧିଙ୍କ ସମେତ କୃଷକନେତା ଓ ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯିବାକୁ ସ୍ଥିର ହୋଇଛି। ପୂର୍ବତନ ଜିଲ୍ଲା ପରିଷଦର ସଭାପତି ଗିରିଶ ଚନ୍ଦ୍ର ଦାଶ ଓ ସମିତିର କର୍ମକର୍ତ୍ତାମାନେ ସିମୁଳିଆ ବିଧାୟକଙ୍କୁ ସାକ୍ଷାତ ଅବସରରେ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ ଓ କୃଷି ବିଭାଗର ସଚିବଙ୍କୁ ସାକ୍ଷାତପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉତ୍ତର ବାଲେଶ୍ୱରରେ ପାନଚାଷରେ ବ୍ୟବହାର ହେଉଥିବା ଖଡ଼ି ଚାଷକୁ ରାଜ୍ୟ ସରକାର କୃଷିର ମାନ୍ୟତା ଦେଇଥିବାରୁ ରାଜ୍ୟ ସରକାର ଓ ଭୋଗରାଇ ବିଧାୟକଙ୍କୁ ବୈଠକରେ କୃତଜ୍ଞତା ଜ୍ଞାପନ କରାଯାଇଛି।

୧୧ ଫେବୃଆରୀ ୨୦୨୬, ବୁଧବାର

ଧ୍ୱନି ପ୍ରତିଧ୍ୱନି

# ଖେଳହେଲା କାଳ: ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ, ଜଣେ ଗୁରୁତର

ନୀଳଗିରି, ୧୦/୨ (ନି.ପ୍ର): ଫୁଟବଲ ଖେଳରେ ପରସ୍ପର ଫାଉଲ ମରାକୁ କେନ୍ଦ୍ରକରି ଜଣେଛାତ୍ରଙ୍କୁ ସହପାଠୀମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି। ଏଥିରେ ନବମଶ୍ରେଣୀ ଛାତ୍ର ଅଭିରାମ ଦାସ ଗୁରୁତରହୋଇ ବାଲେଶ୍ୱର ଫକୀର ମୋହନ ମେଡିକାଲ୍ କଲେଜରେ ଭର୍ତ୍ତି ହୋଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ନୀଳଗିରି ଥାନା ସନ୍ତରାଗଡିଆ ହାଇସ୍କୁଲରେ ।ଗତ ଶୁକ୍ରବାର ଦିନ ହାଇସ୍କୁଲ ପରିସରରେ ନବମଶ୍ରେଣୀର ଏ' ସେକ୍ସନ ଓ ବି'ସେକ୍ସନ ମଧ୍ୟରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳସମୟରେ ଛାତ୍ରଛାତ୍ରଙ୍କ ମଧ୍ୟରେ ଫାଉଲ ହୋଇଥିଲା।ଉକ୍ତ ଫାଉଲ୍ ପାଇଁ ବାରୁଦଖାନା ଗାଁର ଜୟଦେବ ଦାସଙ୍କ ପୁଅ ଅଭିରାମକୁ ବି'ସେକ୍ସନର ୪ରୁ୫ଜଣ ଛାତ୍ରମିଶି ଆକ୍ରମଣ କରିଥିଲେ। ତାଙ୍କୁ ପ୍ରଥମେ ସନ୍ତରାଗଡିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାକରାଯିବାପରେ ଫକୀରମୋହନ ମେଡିକାଲକଲେଜକୁ ସ୍ଥାନାନ୍ତରିତ କରାଯାଇଛି। ଆକ୍ରମଣ ସମୟରେ ଖେଳପଡିଆରେ କାମ କରୁଥିବା ଶ୍ରମିକମାନେ ଛାତ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଅଭିଭାବକଙ୍କୁ ଜଣାଇବାପରେ ଘଟଣା ପ୍ରଘଟ ହୋଇଥିଲା। ସେପଟେ



ସ୍କୁଲକର୍ତ୍ତୃପକ୍ଷଙ୍କ ପକ୍ଷରୁ ଏନେଇ କୌଣସି ଠୋସ୍ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି।ଖବରଲେଖା ହେବାବେଳକୁ ଥାନାରେ କୌଣସି ଅଭିଯୋଗ ହୋଇନଥିବା ସୂଚନା ମିଳିଛି।

# ଭାରତ ବଂଦକୁ ସଫଳ କରିବା ପାଇଁ ଟ୍ରେଡ ୟୁନିୟନ ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଚାନ୍ଦବାଲି ବ୍ଲକରେ ଯାଠା ପରିକ୍ରମା ଓ ସଭା ଅନୁଷ୍ଠିତ

ଭଦ୍ରକ , ୧୦/୨ (ନି.ପ୍ର): ଭାରତର ସ୍ୱାର୍ଥ ହାନୀକାରୀ ଭାରତ- ଯୁକ୍ତରାଷ୍ଟ୍ର ଆମେରିକା ବାଣିଜ୍ୟ ଚୁକ୍ତି ବାତିଲ କରିବା, ଏପଷ୍ଟିନ ଯୌନ କେଳଙ୍କାରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂପୃକ୍ତିର ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନ ରେ ନ୍ୟାୟିକ ତଦନ୍ତ, ଏପଷ୍ଟିନ ଯୌନ କେଳଙ୍କାରୀ ଘଟଣାରେ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା, ଶ୍ରମିକ ବିରୋଧୀ ୪ ଟି ଶ୍ରମ କୋର୍ଡ ବାତିଲ କରିବା, ସମସ୍ତ କୃଷି ଉତ୍ପାଦିତ ସାମଗ୍ରୀର ଏମ୍ ଏସ୍ ପି ଯୁକ୍ତ ଆଇନ ପ୍ରଣୟନ କରିବା , ଚାଷୀ ଆତ୍ମହତ୍ୟା ରୋକିବା, ଛାତ୍ର ବିରୋଧି ବିକଶିତ ଭାରତ ଶିକ୍ଷା ପ୍ରତିଷ୍ଠାନ ବିଲ୍- ୨୦୨୫ ବାତିଲ କରିବା, ବିଦ୍ୟୁତ୍ ର ଘରୋଇକରଣ ବଂଦ କରିବା, ବିଦ୍ୟୁତ୍ ସଂଶୋଧନ ବିଲ- ୨୦୨୫ ବାତିଲ କରିବା, ବିହନ ବିଲ୍- ୨୦୨୫ ବଂଦ କରିବା, ଭାରତରେ ନିରପେକ୍ଷ ନିର୍ବାଚନ ସଂଗଠିତ କରିବା, ଭୋଟର ତାଲିକା ପ୍ରସ୍ତୁତିରେ ସ୍ୱତନ୍ତ୍ର



ନିରକ୍ଷଣ ତାଲିକା ( ଏସ୍ଆଇଆର) ବାତିଲ କରିବା, ଭାରତର ସମ୍ବିଧାନ ଓ ସାର୍ବଭୌମତ୍ୱ ର ସୁରକ୍ଷା ଆଦି ଦାବିକରି କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ଓ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଏକ ଅଭିଯାତ୍ରୀ ଦଳ ଓଡିଶା କୃଷକ ସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ, ସିଆଇଟିୟୁ ଚାନ୍ଦବାଲି ବ୍ଲକ ସଭାପତି ମଳୟ ଭୋଇ, ଓଡିଶା କୃଷକ ସଭା ଚାନ୍ଦବାଲି ବ୍ଲକ ସଭାପତି ଗୌରାଙ୍ଗ ଯେନା, କୃଷକ ନେତା କାହ୍ନୁ କିଶୋର ସାହୁ, ବରିଷ୍ଠ ବାମପନ୍ଥୀ ନେତା ଅନନ୍ତ ପ୍ରସାଦ ମହାନ୍ତି, ଚାଷୀ ନେତା ଭାଗିରଥି ରାଉତ, ଦଳିତ ନେତା ହାକିମ ଦାସ, ଚାଷୀ ନେତା ବେଣୁଧର ନାୟକ, ଜୟକୃଷ୍ଣ ମହାନ୍ତି, ଓଡିଶା କୃଷକ ସଭା ଚାନ୍ଦବାଲି ବ୍ଲକ ସଂପାଦକ ଅଶୋକ ବେହେରା, ଚାଷୀ ନେତା ବିପ୍ରଚରଣ ସେଠୀଙ୍କ ନେତୃତ୍ୱରେ ଧାମରାରୁ ବାହାରି ଚାନ୍ଦବାଲି ବ୍ଲକର ବିଭିନ୍ନ ସ୍ଥାନ ଯଥା ଧାମରା, କଇଥକୋଳା, ବାଂଶଡା, ଜନ୍ତୁଆଳି, ଘଣ୍ଟେଶ୍ୱର, ତୋଟାପଡା, ଯଶିପୁର, ନଳଗୋହିରା, ଚର୍ଦ୍ଦଆ, ମଉସୁଧା, ମତୋ, ଚାନ୍ଦବାଲି, ଦିଗଛିଆ, ବିଜୟନଗର, ଓରାସାହି, ଓସ୍ତିଆ, ଭାଟପଡା ଆଦି ସ୍ଥାନ ପରିକ୍ରମା କରି ଆସନ୍ତା ଫେବୃଆରୀ ୧୨ ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ଚାନ୍ଦବାଲି ବ୍ଲକରେ ସଫଳ କରିବାକୁ ଆହ୍ୱାନ ଜଣାଇଥିଲେ । ଏହି ଅଭିଯାତ୍ରୀ ଦଳକୁ ବ୍ଲକର ବିଭିନ୍ନ ସ୍ଥାନରେ ଚାଷୀ, ମୂଲିଆ ଓ ଶ୍ରମିକ ମାନେ ପୁଷ୍ପ ବର୍ଷଣ କରି ସ୍ୱାଗତ କରିଥିଲେ ।

# ଡାହାଣୀ ସନ୍ଦେହରେ ନିର୍ଯ୍ୟାତନା ଓ ନିବାରଣ ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା



ବାରିପଦା , ୧୦/୨ (ନି.ପ୍ର): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଓ ଜିଲ୍ଲା ପ୍ରଶାସନ ଅଓନୁକୁଲ୍ୟରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ଡାହାଣୀ ସନ୍ଦେହରେ ନିରଯ୍ୟାତନା ଓ ନିବାରଣ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀଯୁକ୍ତ ହେମକାନ୍ତ ସଏ ଅଧକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନେତ୍ରାନନ୍ଦ ମଲ୍ଲିକ, ଶ୍ରୀଯୁକ୍ତ ଦୁଃଖବନ୍ଧୁ ନାଏକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ନିହାରିକା ମହାନ୍ତି, ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଅନୁପମଓ ବୁରୁଡ଼ା , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତା ମୟୀ ବିଶ୍ୱାଳ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସବିତା ମାଝୀ, ଆଡ଼ଭୋକେଟ ବିଭୁ ପ୍ରସାଦ ଦାସ ଏବଂ ମହିଳା ସଶକ୍ତିକରଣର କେନ୍ଦ୍ରର କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ ଓ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ମାନେ ଡାହାଣୀ ପ୍ରଥା କୁ ଗୁରୁତର ଲିଙ୍ଗ ଭିତ୍ତିକ ହିଂସା ଓ ସାମାଜିକ ଅପରାଧ ଭାବେ ବ୍ୟାଖ୍ୟା କରି ଏହା ଅଧିକାଂଶ ସମୟରେ ମହିଳା ମାନଙ୍କୁ ଲକ୍ଷ କରି ସମାଜର ଅସୁବିଧା ଦୋଷୀ ସାବ୍ୟସ୍ତ କରିଦିଆଯାଉଥିବା ଏକ ଅମାନବୀୟ ପ୍ରଥା ବୋଲି କହିଥିଲେ ଓ ଏହି ପ୍ରଥା ଯୋଗୁ ସାମାଜିକ ଓ ଆର୍ଥିକ କାରଣରୁ ଜନ୍ମ ନେଇଥିବା ଏକ ସାମାଜିକ କୁ ପ୍ରଥା ବୋଲି ଜିଲ୍ଲାପାଳ ଆଲୋଚନା କରିଥିଲେ ଓ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସିଡିପିଓ, ସରପଞ୍ଚ, କଲେଜ ଛାତ୍ର, ଛାତ୍ରୀ ଏବଂ ଓଝା ଗୁଣିଆ ମାଝୀ ହାଦାମ ପ୍ରମୁଖ ଯୋଗ ଦେଇଥିଲେ ଓ ଡାହାଣୀ ପ୍ରଥା ବିରୋଧରେ ସଚେତନତା ସୃଷ୍ଟି କରିବା ସହ ଏହି ସାମାଜିକ କୁ ପ୍ରଥା ନିବାରଣ ପାଇଁ ସମସ୍ତ ମହଲରେ ସମ୍ମନିତ ପ୍ରୟାସ ଅବଶକ୍ୟତା ଉପରେ ଜୋର ଦିଆ ଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ସସ୍ମିତା ମହାନ୍ତି ପରିଚାଳନା କରିଥିବା ବେଳେ ସମାଜ ମଙ୍ଗଳ ଅଧିକାରିଣୀ ଧନ୍ୟବାଦ ଅର୍ପଣ କରିଥଲେ ।

# ଅବକାରୀ ବିଭାଗର ଚଢ଼ାଉ ବିପୁଳ ପରିମାଣର ପୋଚ, ରନ୍ଧା ମଦ ଜବତ

ବୈଶିଙ୍ଗା , ୧୦/୨ (ନି.ପ୍ର): ବେତନଟୀ ଅବକାରୀ ଚଢାଉ ସମୟରେ ବିପୁଳ ପରିମାଣ ର ପୋଚ ଏବଂ ରନ୍ଧା ମଦ ଜବତ କରାଯାଇ ନଷ୍ଟ କରିଦିଆଯାଇଛି । ବହୁ ଦିନ ଧରି ବଡସାହି ଥାନା ଅନ୍ତର୍ଗତ କମଳାଶୋଳ ଗ୍ରାମର ଅନତି ଦୂରରେ ବେଆଇନ ଦେଶୀ ମଦ ରନ୍ଧା ହେଉଥିବାର ଖବର ପାଇ ଅବକାରୀ ବିଭାଗ ଓ ପୁଲିସର ମିଳିତ ଭାବେ ଚଢ଼ାଉ କରାଯାଇଥିଲା ଓ ଏଥିରେ ଏଗାର ହଜାର କିଗ୍ରା ପୋଚ ଏବଂ ଏକ ହଜାର ତିରିଶ ଲିଟର ରନ୍ଧା ମଦ ଜବତ କରାଯାଇ ଥିଲା । ଅବକାରୀ ଅଧିକ୍ଷକ ପ୍ରଶାନ୍ତ କହଁର, ବେତନଟୀ ଅବକାରୀ ଥାନାଧିକାରୀ ପ୍ରଦୀପ ବେହେରା ଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ଫୋର୍ସ ସହିତ ଚଢାଉ କରାଯାଇଥିଲା । ଉଦଳା ଥାନାଧିକାରୀ ସଞ୍ଜୟ କାଣ୍ଡି, ଖୁଣ୍ଟା ଥାନାଧିକାରୀ କୃଷ୍ଣ ଚନ୍ଦ୍ର ସେଠୀ ଏହି ଚଢ଼ାଉରେ ସହଯୋଗ କରିଥିଲେ । କାହାରିକୁ ଗିରଫ କରାଯାଇନଥିବାର ଜଣାଯାଇଛି ।

# ହିମାଚଳ ପ୍ରଦେଶର ଉଚ୍ଚ ଅଞ୍ଚଳରେ ତୁଷାରପାତ: ଥଣ୍ଡା ବୃଦ୍ଧି

ଶିମଳା, ୧୦/୨ : ହିମାଚଳ ପ୍ରଦେଶରେ ପଶ୍ଚିମା ବାୟୁ ସକ୍ରିୟ ହେବା ଯୋଗୁଁ ପାଗ ପରିବର୍ତ୍ତନ ହୋଇଛି। ଉଚ୍ଚ ଅଞ୍ଚଳରେ ଗତକାଲି ରାତିରୁ ତୁଷାରପାତ ଆରମ୍ଭ ହୋଇଥିଲା। ଦିନସାରା ରାଜ୍ୟର ଅନେକ ସ୍ଥାନରେ ବର୍ଷା, ତୁଷାରପାତ, ଝଡ଼ ଏବଂ ବଜ୍ରପାତ ପାଇଁ ପାଣିପାଗ ବିଭାଗ ହଳଦିଆ ସତର୍କତା ଜାରି କରିଛି। ବିଭାଗ ଅନୁଯାୟୀ, ଏହି ଦିନ ଘଣ୍ଟା ପ୍ରତି ୩୦ ରୁ ୫୦ କିଲୋମିଟର ବେଗରେ ପ୍ରବଳ ପବନ ବହିବାର ମଧ୍ୟ ସମ୍ଭାବନା ଅଛି।ଆଦିବାସୀ ଜିଲ୍ଲା ଲାହୌଲ-ସ୍ପିତିର ମୁଖ୍ୟାଳୟ କୀଲଙ୍ଗରେ ହାଲୁକା ତୁଷାରପାତ ରେକର୍ଡ କରାଯାଇଛି, ଯେତେବେଳେ କିନ୍ନୌର, ଚମ୍ବା ଏବଂ କୁଲୁର ଉଚ୍ଚ ଶିଖରରେ ତୁଷାରପାତ ଜାରି ରହିଛି। ସକାଳ ଠାରୁ ଶିମଳା ଏବଂ ମନାଲିର ପାହାଡ଼ ଷ୍ଟେସନ ସମେତ କେନ୍ଦ୍ରୀୟ ଏବଂ ସମତଳ ଅଞ୍ଚଳ ଉପରେ ମେଘ ଘୋଡ଼ାଇ ରହିଛି, ଯାହା ଥଣ୍ଡାକୁ ଆହୁରି ତୀବ୍ର କରିଛି।

# ସୁରକ୍ଷିତ ଇଣ୍ଟରନେଟ ଦିବସ ପାଳିତ

ବାଲେଶ୍ୱର, ୧୦/୨ (ନି.ପ୍ର): ଅନଲାଇନ୍ ସୁରକ୍ଷା, ଗୋପନୀୟତା ଏବଂ ସାଇବର ବିପଦ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଦାୟିତ୍ୱପୂର୍ଣ୍ଣ ଡିଜିଟାଲ ଆଚରଣକୁ ଉତ୍ସାହିତ କରିବା ପାଇଁ ସାରା ଭାରତରେ ପ୍ରତ୍ୟେକ ବର୍ଷ ଦ୍ୱିତୀୟ ମଙ୍ଗଳବାର ରେ ସୁରକ୍ଷିତ ଇଂଟରନେଟ ଦିବସ ପାଳନ କରାଯାଉଛି । ଏହି ପରିପ୍ରେକ୍ଷିରେ ସ୍ଥାନୀୟ ସରକାରୀ ଜିଲ୍ଲା ଶିକ୍ଷତାଲିମ କେନ୍ଦ୍ର ଠାରେ ଆଜି ଏନଆଇସି ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ତଥା ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ ) ଶ୍ରୀ ସୁଧାକର ନାୟକ, ଡ଼ିଆଇଓ ଏନଆଇସି ଶ୍ରୀ ରାଜେନ୍ଦ୍ର ପ୍ରସାଦ ହେମ୍ବ୍ରମ, ସରକାରୀ ଜିଲ୍ଲା ଶିକ୍ଷତାଲିମ କେନ୍ଦ୍ରର ପ୍ରିନ୍ସିପାଲ ମହେନ୍ଦ୍ର କୁମାର ବେହେରା, ଏଚ.ଆର.ଏମ.ଏସ. ର କୋଡ଼ିନେଟର ଅପୂର୍ବ ରାୟ, ପ୍ରଭାସ କୁମାର ମହାନ୍ତି ଏନଆଇସି




ଇଞ୍ଜିନିୟର, ଶଶିଶେଖର ପଣ୍ଡା ଏନଆଇସି ଇଞ୍ଜିନିୟର ପ୍ରମୁଖ ମଞ୍ଚାସୀନ ଥିବା ବେଳେ ବିଭିନ୍ନ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୁଗରେ ମାତ୍ରାଧିକ ଯନ୍ତପାତି ବ୍ୟବ ହାର ନକିର ଆବଶ୍ୟକତା ଅନୁଯାୟୀ ଯନ୍ତ୍ର ସହ ଇଂଟରନେଟ, ମୋବାଇଲ, କମ୍ପ୍ୟୁଟର ଆଦିକୁ ବ୍ୟବହାର କରିବା ପାଇଁ ମଞ୍ଚାସୀନ ଅତିଥିମାନେ ପରାମର୍ଶ ଦେଇଥିଲେ । ଏଥି ସହିତ ମୋବାଇଲ, ସୋସିଆଲ ମିଡ଼ିଆ, ଅନଲାଇନ ସପିଂ, ଡିଜିଟାଲ ଠକାମୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଡ଼ିଆଇଓ ଏନଆଇସି ଶ୍ରୀ ରାଜେନ୍ଦ୍ର ପ୍ରସାଦ ହେମ୍ବ୍ରମ ଉକ୍ତ କାର୍ଯ୍ୟକ୍ରମରେ ସୁରକ୍ଷିତ ଇଂଟରନେଟର ବ୍ୟବହାର, ବିଭିନ୍ନ ଅନଲାଇନ ଠକାମୀ, ସାଇବର ଠକାମୀର ହେଲ୍ପ ଲାଇନ ଆଦି ବିଷୟରେ ପିପିଟି ମାଧ୍ୟମରେ ପ୍ରଦର୍ଶିତ କରି ସରକାରୀ ଡାଟାବେସରେ ସୁରକ୍ଷିତ ପରିଚାଳନା, ନାଗରିକ ସୂଚନାର ସୁରକ୍ଷା, ଇମେଲ ସୁରକ୍ଷା ପ୍ରୋଟୋକଲ ଏବଂ ଅନଧିକୃତ ଡ଼ାଟା ପ୍ରବେଶକୁ ରୋକିବା ଉପରେ ଗୁରୁତ୍ୱାରୋପ କରିଥିଲେ ଓ ପ୍ରଶାସନିକ ତଥା ଦୈନନ୍ଦିନ ଯୋଗାଯୋଗରେ ଗୋପନୀୟତା ରକ୍ଷା ଉପରେ ଗୁରୁତ୍ୱାରୋପ କରି ସୁରକ୍ଷା ବ୍ୟବସ୍ଥା ଉପରେ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଅଧିକାରୀମାନଙ୍କୁ ସାମ୍ଭାବ୍ୟ ସୁରକ୍ଷା ଉଲ୍ଲଙ୍ଘନ ଚିହ୍ନଟ କରିବ ଏବଂ ରିପୋଟିଂ ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରକ୍ରିୟା ଅନୁସରଣ କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା ଓ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଶିକ୍ଷକ/ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ନୀଳଗିରି କିଶାନ କଂଗ୍ରେସ କମିଟି ପକ୍ଷରୁ ଯୋଗାଣମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

ନୀଳଗିରି, ୧୦/୨ (ନି.ପ୍ର): ରାଜ୍ୟ କିଶାନକଂଗ୍ରେସ ପକ୍ଷରୁ ସମଗ୍ର ରାଜ୍ୟରେ ରାଜ୍ୟସରକାରଙ୍କ କୃଷକ ମାରଣନୀତି,ଟୁକନ ଅବ୍ୟବସ୍ଥା,ଚାଷୀଙ୍କ ଧାନର ଅଭାବୀବିକ୍ରି ,ମଣ୍ଡିରେ କୃଷକର ଦୁର୍ଦ୍ଦଶା ପ୍ରତିବାଦରେ ବ୍ଲକ୍, ଉପଖଣ୍ଡ ଏବଂ ଜିଲ୍ଲାସ୍ତରରେ ପଥପ୍ରାନ୍ତ ପ୍ରତିବାଦ ସଭା ସହ ଅପରାହ୍ନ ୩ଘଟିକା ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରାସ୍ତାରେ ଯୋଗାଣମନ୍ତ୍ରୀ ଓ କୃଷିମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି ।ଏହି ପଥପ୍ରାନ୍ତ ସଭା କିଷାନ କଂଗ୍ରେସର ରାଜ୍ୟ ଉପସଭାପତି ଯଶୋଦାନନ୍ଦନ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ଏହି ସଭାରେ ଉପସ୍ଥିତ ବକ୍ତାମାନେ ପୂର୍ବ ୨୪ବର୍ଷର ବିଜେଡି ସରକାର ଓ ବର୍ତ୍ତମାନର ୧୮ ମାସର ବିଜେପି ସରକାରଙ୍କୁ ତୀବ୍ର ସମାଲୋଚନା କରିବାସହିତ ଉପରୋକ୍ତ ସମସ୍ୟା ଉପରେ ରାଜ୍ୟସରକାର ଉପଯୁକ୍ତ ପଦକ୍ଷେପ ନନେଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ତୀବ୍ରତର ହେବବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପଞ୍ଚାୟତ ପରିଷଦ ସଭାପତି ନିରଞ୍ଜନ ବେହେରା , ରାଜ୍ୟକିଷାନ କଂଗ୍ରେସର କାର୍ଯ୍ୟକାରୀ ସଦସ୍ୟ ଅରୁଣ ଜେନା , ରାଜ୍ୟକିଷାନ କଂଗ୍ରେସ ଜିଲ୍ଲା ସଭାପତି ଜୟନ୍ତ ମହାପାତ୍ର, ନବନିଯୁକ୍ତ ଜିଲ୍ଲା ସାଧାରଣ ସମ୍ପାଦକ ଆଶିଷ ପଟ୍ଟନାୟକ, ନବ ନିଯୁକ୍ତ ନୀଳଗିରି ବ୍ଲକ୍ ସଭାପତି ତପନ କୁମାର ରାଉତ, ଏନ୍ ଏ ସି ସଭାପତି ଉପେନ୍ଦ୍ର ବେହେରା,ଦୈତାରି ମହାଳିକ , ରତିକାନ୍ତ ବେହେରା ଚକ୍ରଧର ଦାସବାବୁ, ଅଶ୍ୱିନୀ କୁମାର ପାତ୍ର , ଗୌରାଙ୍ଗ ନାୟକ , ମଣ୍ଡା ସିଂ , ବ୍ରଜକିଶୋର ପୃଷ୍ଟି , ରାହାସ ମହାପାତ୍ର , ବୁଲୁ ପରିଡ଼ା , ପୂର୍ବତନ ସରପଂଚ ପିତାମ୍ବର ସିଂଙ୍କ ସମେତ ବହୁ କଂଗ୍ରେସକର୍ମୀ ଓ ନେତା ଉପସ୍ଥିତଥିବା ଦେଖାଯାଇଛି ।

# ରୂପ୍ସା ମହୋତ୍ସବର ଚତୁର୍ଥ ସନ୍ଧ୍ୟା

## ଜଗନ୍ନାଥଙ୍କ ଦେଶରେ ଜଗନ୍ନାଥଙ୍କ ୩୨ ବେଶ ବେଶ୍ ନିଆରା



ବସ୍ତା , ୧୦/୨ (ନି.ପ୍ର): ଭାଇଚାରା , ସଂସ୍କୃତି ଓ ପରମ୍ପରା ର ରୂପସା ର ଗୌରବ ର ଗରିମା ରୂପସା ମହୋତ୍ସବ। ପାଳିତ କରିଛି ତାର ମହୋତ୍ସବ ର ତୃତୀୟ ସନ୍ଧ୍ୟା । ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ମୁଖ୍ୟ ବକ୍ତା ଭାବେ ସଦର ନିର୍ବାଚନୀ ମଣ୍ଡଳୀ ର , ଯୁବ ସମାଜ ସେବୀ ସରୋଜ କୁମାର ଲେଙ୍କା , ସମ୍ମାନିତ ଅତିଥି ଆଙ୍କୋ ପଞ୍ଚାୟତ କଂଗ୍ରେସ ସଭାପତି ଲମ୍ବୋଦର ଜେନା , ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ କୁମାର ଦାସ , ସମାଜ ସେବୀ ଶ୍ରୀକାନ୍ତ ବୁଗୁଡ଼ାଇ ଙ୍କ ସହ ଆଙ୍କୋ ପଞ୍ଚାୟତ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ବେହେରା ଯୋଗ ଦେଇ ମହୋତ୍ସବ ହେଉଛି ସଂସ୍କୃତି , ସଂଘର୍ଷ , ସାମୂହିକ ଚେତନା ର ଉତ୍ସବ ବୋଲି ଅଭିଭାଷଣ ରଖିଥିଲେ। ୨୦୨୪/୨୫ ମସିହା ରେ ରୂପସା ଅଞ୍ଚଳ ର ବିଭିନ୍ନ ସ୍କୁଲ ରେ ମେଟ୍ରିକ୍ ପରୀକ୍ଷା ରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ଛାତ୍ରୀ ଙ୍କୁ ଯୁବ ନେତା ସରୋଜ କୁମାର ଲେଙ୍କା ସମ୍ବର୍ଦ୍ଧିତ କରିଥିଲେ। କମିଟି ରବୀନ୍ଦ୍ର କୁମାର ପଣ୍ଡା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦ ପାଠ କରିଥିଲେ। ହରିହର କଳା ବିକାଶ କେନ୍ଦ୍ର ର ଛାତ୍ର ଛାତ୍ରୀ ମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ମଞ୍ଚ ପରିଚାଳନା ଉପଦେଷ୍ଟା ପ୍ରଫୁଲ୍ଲ କୁମାର ବେହେରା କରିଥିବା ବେଳେ, ଧନ୍ୟବାଦ ଅର୍ପଣ ଉପଦେଷ୍ଟା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ରେ ମେଲୋଡି ସହ ବିଶେଷ ଆକର୍ଷଣ ସିଦ୍ଧାର୍ଥ ଟିଭି ର ମେଘା ଧାରାବାହିକ 'କେଦାର ଗୌରୀ ' ର କେଦାର , ଗୌରୀ , ପୀୟୁଷ ଙ୍କୁ ଦେଖିବା ପାଇଁ ହଜାର ହଜାର ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା।

# ପାଟଶାଣିପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

## ଉପାନ୍ତ ଅଂଚଳର ପିଲାଙ୍କୁ ପଢ଼ାଇବାରେ ରହିଛି ନିଆରା ଆନନ୍ଦ : ପ୍ରଧାନ ଶିକ୍ଷକ

ଉଦଳା, ୧୦/୨ (ନି.ପ୍ର): ଶିମିଳିପାଳ ପାଦଦେଶକୁ ଲାଗିକରି ଥିବା ଉଦଳା ବ୍ଲକର ପାଟଶାଣିପୁର ଗ୍ରାମଟି ଏକ ଉପାନ୍ତ ଅଂଚଳ ଭାବରେ ପରିଗଣିତ ହୋଇଥାଏ । ଏହିଭଳି ଉପାନ୍ତ ଅଂଚଳ ମାନଙ୍କରେ ଅବସ୍ଥିତ ବହୁ କମ୍ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଥାଏ । ତେବେ ପାଟଶାଣିପୁର ଗ୍ରାମସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଚଳିତ ଫେବୃଆରି ୬ ତାରିଖ ଶୁକ୍ରବାର ଦିନ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ସପ୍ତାହ ପୁର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଏହି ଅବସରରେ ସାଧାରଣ ସଭା, ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷକ ବିରେନ୍ଦ୍ର ନାଥ ମଢ଼େଇ ଉତ୍ସବରେ ଅଧକ୍ଷତା କରି ଉପାନ୍ତ ଅଂଚଳର ପିଲାମାନଙ୍କୁ ପାଠପଢ଼ାଇବାରେ କିପରି ଆନନ୍ଦ ମିଳିଥାଏ ନିଜର ଅନୁଭୂତି ବ୍ୟକ୍ତ କରିଥିଲେ । ସ୍ଥାନୀୟ ବିଧାୟକ




ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଏହାପରେ ଶିକ୍ଷକ ପ୍ରଭାତ ଶଙ୍ଖୁଆ ବିବରଣି ପାଠ କରିଥିଲେ । ପରେ ଉଦଳା ବ୍ଲକ ଶିକ୍ଷା ଅଧିକାରୀ ଦୀପକ ମିଶ୍ର ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଖାଦ୍ୟ, ବସ୍ତ୍ର ଓ ବାସଗୃହ ପରେ ଶିକ୍ଷା କିପରି ବଂଚି ରହିବା ପାଇଁ ଅତ୍ୟାଅବଶ୍ୟକରେ ପରିଣତ ହୋଇଛି ବକ୍ତବ୍ୟରେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିତିଶ ଘୋଷ, ସରପଂଚ ବାରି ମୁର୍ମୁ, ପରିଚାଳନା କମିଟି ସଭାପତି ଶ୍ରୀଧର ସିଂ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୀନତି ମଂଜରି ପଣ୍ଡା, ବ୍ରହ୍ମାନନ୍ଦ ସିଂ, କରୁଣାକର ମାଝୀ ଓ ସନ୍ତୋଷ ବାଛିନି ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଉପାନ୍ତ ଅଂଚଳରେ ଶିକ୍ଷାର ଆବଶ୍ୟକତା କିଭଳି ଆଜି ଜରୁରୀ ହୋଇ ପଡ଼ିଛି ବ୍ୟକ୍ତ କରିଥିଲେ । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ପ୍ରାରମ୍ଭରେ ହିରଣ୍ୟ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଂଜଳି ସିଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । କାର୍ଯ୍ୟକ୍ରମକୁ ସଫଳ କରିବାରେ ମଧୁସୁଦନ କିସ୍କୁ, ବିରେନ୍ଦ୍ର ନାଥ ସିଂ, ସୁଧାଂଶୁ ବେହେରା, ରେଣୁବାଳା ସିଂ, ରମେଶ ଖଣ୍ଡେଇ ପ୍ରମୁଖ ସହଯୋଗ କରିଥିଲେ ।

# ୧୫ହଜାର ଲାଂଚ ନେବା ବେଳେ ଦିଲ୍ଲୀ ପୋଲିସର ଏଏସଆଇ ଗିରଫ

ନୂଆଦିଲ୍ଲୀ, ୧୦/୨ : କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦିଲ୍ଲୀ ପୋଲିସର ସହାୟକ ଉପ-ନିରୀକ୍ଷକ (ଏଏସଆଇ) ଓମ ପ୍ରକାଶଙ୍କୁ ୧୫ ହଜାର ଟଙ୍କା ଲାଂଚ ନେଉଥିବାବେଳେ ଗିରଫ କରିଛି। ସିବିଆଇ ମଙ୍ଗଳବାର କହିଛି ଯେ, ଏଜେନ୍ସି ୦୭ ଫେବୃଆରୀରେ ଏହି ମାମଲା ରୁଜୁ କରିଥିଲା। ଅଭିଯୋଗ ଥିଲା ଯେ, ଏଏସଆଇ ଓମ ପ୍ରକାଶ ଅଭିଯୋଗକାରୀଙ୍କ ଭାଇଙ୍କୁ ଜାମିନ୍ ମିଳିବାରେ ସାହାଯ୍ୟ କରିବା ପାଇଁ ୨୫ ହଜାର ଟଙ୍କା ଲାଂଚ ଦାବି କରିଥିଲେ ଏବଂ ଟଙ୍କା ନଦେଲେ ଅନ୍ୟ ମାମଲାରେ ଫସାଇବାର ଧମକ ଦେଇଥିଲେ। ସିବିଆଇ ଜାଲ ବିଛାଇ ଅଭିଯୁକ୍ତଙ୍କୁ ଅଭିଯୋଗକାରୀଙ୍କ ଠାରୁ ୧୫ ହଜାର ଟଙ୍କା ଲାଂଚ ନେଉଥିବାବେଳେ ଧରିଥିଲା। ପରେ ତାଙ୍କୁ ଗିରଫ କରାଯାଇଥିଲା। ଓମ ପ୍ରକାଶ ପଶ୍ଚିମ ୱିହାର ଥାନାରେ ନିଯୁକ୍ତ ଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida